


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୩୦ ଜୁଲାଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 30 JULY 2021

Vol.No. 32 ■ No. 194 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ମେଡିକାଲ କୋର୍ସ ପାଇଁ ଓବିସି ବର୍ଗଙ୍କୁ ୨୭% ଓ ଇଡବ୍ଲ୍ୟୁଏସ ବର୍ଗ ପାଇଁ ୧୦% ସଂରକ୍ଷଣ ବ୍ୟବସ୍ଥା



ନୂଆଦିଲ୍ଲୀ,୨୯/୦୭: କେନ୍ଦ୍ର ସରକାରଙ୍କ ତରଫରୁ ମେଡିକାଲ ପାଠ ପଢିବାକୁ ଚାହୁଁଥିବା ଛାତ୍ର ଛାତ୍ରୀ ମାନଙ୍କ ପାଇଁ ବଡ ଘୋଷଣା କରାଯାଇଛି । ଏଥିରେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଓ ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ) ର ଛାତ୍ର ଛାତ୍ରୀମାନଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ଘୋଷଣା କରାଯାଇଛି । ଏଥିରେ ଅଣ୍ଡର ଗ୍ରାଜୁଏଟ ଓ ପୋଷ୍ଟ ଗ୍ରାଜୁଏଟ ମେଡିକାଲ/ଡେଣ୍ଟାଲ କୋର୍ସ (ଏମବିବିଏସ୍, ଏମଡି,ଏମଏସ୍,ଡିପ୍ଲୋମା, ବିଡିଏସ, ଏମଡିଏସ) କୋର୍ସ ପାଇଁ ଓବିସି ଶ୍ରେଣୀଭୂକ୍ତ ଛାତ୍ର ଛାତ୍ରୀମାନଙ୍କୁ ୨୭ ପ୍ରତିଶତ ଓ ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ) ଛାତ୍ର ଛାତ୍ରୀ ମାନଙ୍କ ପାଇଁ ୧୦ ପ୍ରତିଶତ ସଂରକ୍ଷଣ ମଳିବ । ଏହି ସୁବିଧା ଅଲ ଇଣ୍ଡିଆ କୋଟା ସ୍କିମ(ଏଆଇକ୍ୟୁ) ଆଧାରରେ ମିଳିବ ଓ ଏହା ୨୦୨୧-୨୨ ଶିକ୍ଷାବର୍ଷରୁ ଆରମ୍ଭ ହେବ । କେନ୍ଦ୍ର ସରକାରଙ୍କ ସୂଚନା ମୁତାବକ ଏହି ଯୋଜନା ମାଧ୍ୟମରେ ୫,୫୫୦ ଜଣ ଛାତ୍ର ଛାତ୍ରୀ ଉପକୃତ ହେବେ । କେନ୍ଦ୍ର ସରକାର ଆରମ୍ଭରୁ ଓବିସି ଓ ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ) କୁ ସଂରକ୍ଷଣର ସୁବିଧା ଯୋଗାଇ ଦେବାକୁ ପ୍ରତିବଦ୍ଧତା ଜାହିର କରିଥିଲେ । ଏହାକୁ ଲାଗୁ କରିବାକୁ ପ୍ରଧାନମନ୍ତ୍ରୀ ମୋଦୀ କିଛିଦିନ ପୂର୍ବରୁ ଏକ ରିଭ୍ୟୁ ମିଟିଂ କରିଥିଲେ । କହିରଖୁ କି ବୁଧବାର ଦିନ ଏନଡିଏ ସରକାରରେ ସାଂସଦ ଥିବା କିଛି ଓବିସି ବର୍ଗର ପ୍ରତିନିଧିମଣ୍ଡଳ ପ୍ରଧାନମନ୍ତ୍ରୀଙ୍କୁ ଭେଟିଥିଲେ । ସେମାନେ ଅଖିଳ ଭାରତୀୟ ଚିକିତ୍ସା ଶିକ୍ଷା କୋଟାରେ ଓବିସି ଓ ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ) ବର୍ଗର ଆଶାୟୀ ପ୍ରାର୍ଥୀମାନଙ୍କ ପାଇଁ ସଂରକ୍ଷଣ ଲାଗୁ କରିବାକୁ ଦାବି କରିଥିଲେ ।

## ୬ମାସ ପରେ ପ୍ରଥମ ଥର ପାଇଁ ପଜିଟିଭ ରିପୋର୍ଟ ପ୍ରକାଶ କଲା ବେଜିଂ

ଚୀନ,୨୯/୦୭: ଚୀନରେ ଡେଲ୍ଟା ଭାରିଆଣ୍ଟ ଆତଙ୍କ । ଭାରତରେ ପ୍ରଥମେ ଚିହ୍ନଟ ହୋଇଥିବା କରୋନା ଭୂତାଣୁର ଭିନ୍ନ ପ୍ରକାର ଡେଲ୍ଟା ଏବେ ଚୀନରେ ବ୍ୟାପିଲାଣି । ଉତ୍ତର ଚୀନର ଅନେକ ସହରରେ ଡେଲ୍ଟା ଭାରିଆଣ୍ଟ ସଂକ୍ରମଣ ଦ୍ରୁତ ଗତିରେ ବଢୁଥିବା ଜଣା ପଡୁଛି । ନାନଜିଙ୍ଗ୍ ଏୟାରପୋର୍ଟରେ ପ୍ରଥମେ ଡେଲ୍ଟା ଭାରିଆଣ୍ଟ ଚିହ୍ନଟ ହୋଇଛି ଆଉ ଏୟାରପୋର୍ଟ କର୍ମଚାରୀଙ୍କ ଠାରୁ ଏହା ଅନ୍ୟ ଲୋକଙ୍କ ମଧ୍ୟରେ ବ୍ୟାପିଥିବା ଜଣାପଡିଛି । ସହରରେ ଗତ ୨୪ ଘଣ୍ଟାରେ ୨୦୦ ଜଣ କରୋନାରେ ସଂକ୍ରମିତ ହୋଇଛନ୍ତି । ୬ ମାସ ପରେ ପ୍ରଥମ ଥର ବେଜିଂ ସ୍ଥାନୀୟ ସଂକ୍ରମଣ ନେଇ ସୂଚନା ଦେଇଛି । ଯାହା ବର୍ତ୍ତମାନ ସୁଦ୍ଧା ସବୁଠାରୁ ଅଧିକ । ସରକାର ଏନେଇ ଶକ୍ତ କଟକଣା ଜାରି କରିଛନ୍ତି । ଲୋକଙ୍କ ଟ୍ରାଭେଲ ହିଷ୍ଟ୍ରି ଯାଞ୍ଚ କରାଯାଉଛି । ଅଧିକ ସଂଖ୍ୟକ ଟେଷ୍ଟିଂ କରାଯାଉଛି । ସଂକ୍ରମିତ ଲୋକଙ୍କ ପାଇଁ କଡା କ୍ୱାରେଣ୍ଟିନ୍ ନିୟମ ରଖାଯାଇଛି ।

# ମାତୃଭାଷାରେ ଛାତ୍ରଛାତ୍ରୀ ପଢିବେ ଇଞ୍ଜିନିୟରିଂ ପାଠ

## ହିନ୍ଦୀ, ତାମିଲ, ତେଲୁଗୁ, ମରାଠୀ, ବଙ୍ଗଳା ଭାଷାରେ ହେବ ପାଠପଢା



ନୂଆଦିଲ୍ଲୀ,୨୯/୦୭: ଜାତୀୟ ଶିକ୍ଷା ନୀତିକୁ ପୂରିଲା ବର୍ଷେ । ନୂଆ ଶିକ୍ଷା ନୀତିର ବର୍ଷେ ପୂର୍ତ୍ତି ଉପଲକ୍ଷେ ବିଭିନ୍ନ ଯୋଜନାର ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ଗାଁ ଗାଁରେ ପ୍ଲେ ସ୍କୁଲ ଠାରୁ ଆରମ୍ଭ କରି ବିଭିନ୍ନ ଭାଷାରେ ଇଞ୍ଜିନିୟରିଂ ଶିକ୍ଷାକୁ ସବୁଜ ସଂକେତ ଦେଇଛନ୍ତି ମୋଦୀ ସରକାର । ମାତୃଭାଷା ଏବଂ ଆଞ୍ଚଳିକ ଭାଷାରେ ଉଚ୍ଚଶିକ୍ଷା ପାଇଁ ନୂଆ ଜାତୀୟ ଶିକ୍ଷାନୀତିରେ ବ୍ୟବସ୍ଥା ରହିଛି । ପ୍ରାଥମିକ ପର୍ଯ୍ୟାୟରେ ୮ଟି ରାଜ୍ୟର ୧୪ଟି ଇଞ୍ଜିନୟରିଂ କଲେଜରେ ୫ଟି ଭାଷାରେ ପାଠ ପଢାଯିବ । ହିନ୍ଦୀ, ତାମିଲ, ତେଲୁଗୁ, ମରାଠୀ, ବଙ୍ଗଳା ଭାଷାରେ ଆରମ୍ଭ ହେବ । ୧୧ ଭାଷାରେ କୋର୍ସ ଟ୍ରାନ୍ସଲେସନ ଟୁଲ ପ୍ରସ୍ତୁତ ହୋଇଛି । ଇଂଜିନିୟରିଂ ପାଠ ଟ୍ରାନ୍ସଲେସନ ପାଇଁ ଟୁଲ ପ୍ରସ୍ତୁତ । ମାତୃଭାଷାରେ ପାଠ ପଢିଲେ ଗରିବ ପିଲାର ଆତ୍ମବିଶ୍ୱାସ ବଢିବ । କିଛି ଏଭଳି ଲକ୍ଷ୍ୟ ନୂଆ ଶିକ୍ଷାନୀତିରେ ମାତୃଭାଷାରେ ପାଠପଢା ଉପରେ ଗୁରୁତ୍ୱ ଦିଆଯାଇଛି । ସେହିଭଳି ଶିକ୍ଷାନୀତିରେ ଭାରତୀୟ ସାଂକେତିକ ଭାଷା ସାମିଲ । ସାଂକେତିକ ଭାଷାକୁ ଏକ ବିଷୟ ଭାବେ ପଢିବେ ପିଲା ।ଏହାଦ୍ୱାରା ଭାରତୀୟ ସାଂକେତିକ ଭାଷାର ଉନ୍ନତି ହେବ ।ମାଧ୍ୟମିକ ସ୍ତରରେ ଏକ ବିଷୟ ଭାବେ ରହିବ ସାଂକେତିକ ଭାଷା । ଯୁବପିଢୀ ପରିବର୍ତ୍ତନ ପାଇଁ ପୂରା ପ୍ରସ୍ତୁତ । ଯୁବପୀଢିଙ୍କୁ ସୁଯୋଗ ଦରକାର, ବନ୍ଧନରୁ ମୁକ୍ତି ଦରକାର । ନୂଆ ଶିକ୍ଷା ନୀତିକୁ

▶▶ପୃଷ୍ଠା ୭

## ଆଇପିଏସ ସତ୍ୟ ନାରାୟଣ ପ୍ରଧାନଙ୍କୁ ଏନସିବି ଡିଜି ଭାବେ ଅତିରିକ୍ତ ଦାୟିତ୍ୱ



ଭୁବନେଶ୍ୱର,୨୯/୦୭(ନି.ପ୍ର): ଆଇପିଏସ ସତ୍ୟ ନାରାୟଣ ପ୍ରଧାନଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି କେନ୍ଦ୍ର ସରକାର । ଏନଡିଆରଏଫ ଡିଜି ଭାବେ କାର୍ଯ୍ୟ ତୁଲାଉଥିବା ସତ୍ୟ ନାରାୟଣ ପ୍ରଧାନ ଏବେ ଏନଡିଆରଏଫ୍ ସହିତ ଏନସିବିର ଡିଜି ଭାବେ କାର୍ଯ୍ୟ କରିବେ । ସେ ଏନସିବିର ପୂର୍ବତନ ଡିଜି ରାକେଶ ଆସ୍ଥାନାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି ।

▶▶ପୃଷ୍ଠା ୭

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସାରା ରାଜ୍ୟରେ 'ଗୋଟିଏ ଦେଶ, ଗୋଟିଏ ରେସନ' କାର୍ଯ୍ୟକ୍ରମର ଶୁଭାରମ୍ଭ



ଭୁବନେଶ୍ୱର,୨୯/୦୭(ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଖାଦ୍ୟ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବା ପାଇଁ ଦୁଇଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଆଜିଠାରୁ ଓଡିଶାର ସବୁ ଜିଲ୍ଲାରେ ଗୋଟିଏ ଦେଶ, ଗୋଟିଏ ରେସନ କାର୍ଯ୍ୟକ୍ରମ ଆରମ୍ଭ ହେଲା । ଏହାଦ୍ୱାରା ରାଜ୍ୟ ବାହାରର ଲୋକ ଓଡିଶାରେ ଓ ଓଡିଶାର ଲୋକ ରାଜ୍ୟ ବାହାରେ ତାଙ୍କ ପସନ୍ଦର ଦୋକାନରୁ ରେସନ ପାଇପାରିବେ। ରାଜ୍ୟର ୧୦,୫୭୮ ସୁଲଭ ମୂଲ୍ୟ ଦୋକାନରେ ହିତାଧିକାରୀମାନେ ଏହି ସୁବିଧା ପାଇବେ। ଏହାସହିତ ସାଧାରଣ ବଂଟନ ବ୍ୟବସ୍ଥାରେ ପାଇଲଟ୍ ପ୍ରକଳ୍ପ ଭାବରେ ମାଲକାନଗିରି ଜିଲ୍ଲାରେ ଭିଟାମିନଯୁକ୍ତ ଚାଉଳ ପ୍ରଦାନ କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରାଗଲା । ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଲେ, 'ସ୍ୱାଭିମାନର ସହ ବଂଚିବା ସମସ୍ତଙ୍କର ଅଧିକାର ଓ ଗରିବ ଲୋକଙ୍କୁ ଏହି ଅଧିକାରରୁ କେହି ବଂଚିତ କରିପାରିବ ନାହିଁ । ଆମର ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଏହି ଅଧିକାରକୁ ଆମେ ସବୁବେଳେ ସମ୍ମାନ ଜଣାଇଆସିଛୁ । ଗରିବ ଲୋକଙ୍କ କଲ୍ୟାଣ ପାଇଁ ଆମର ଉଦ୍ୟମ ଜାରି ରହିବ ।' ଭିଟାମିନଯୁକ୍ତ ଚାଉଳରେ ଭିଟାମିନ ବି-୧୨ ଓ ଫୋଲିକ୍ ଏସିଡ ଥିବାରୁ ଏହା ଗରିବ ଲୋକମାନଙ୍କ ସହିତ ବିଶେଷକରି ମହିଳା ଓ ବାଳିକା ମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ବହୁତ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ ।

▶▶ପୃଷ୍ଠା ୭

# ପଶ୍ଚିମବଙ୍ଗରେ ଅଗଷ୍ଟ ୧୫ ପର୍ଯ୍ୟନ୍ତ ବଢ଼ିଲା ଲକଡାଉନ ଅବଧି




ପଶ୍ଚିମବଙ୍ଗ,୨୯/୦୭ : ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ବଡ଼ ନିଷ୍ପତ୍ତି ନେଇଛନ୍ତି ପଶ୍ଚିମବଙ୍ଗର ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ ସରକାର । ଆଜି ତୃତୀୟ ଲହରକୁ ଆଖି ଆଗରେ ରଖି ସଂକ୍ରମଣକୁ ରୋକିବା ପାଇଁ ରାଜ୍ୟରେ ଲକଡାଉନ ଅବଧିକୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି । ତେବେ ନାଇଟ କର୍ଫ୍ୟୁ ପୂର୍ବ ଭଳି ବଳବତ୍ତର ରହିବ ବୋଲି କୁହାଯାଇଛି । ପଶ୍ଚିମବଙ୍ଗ ସରକାର ଦେଇଥିବା ସଂଶୋଧିତ ନିର୍ଦ୍ଦେଶାବଳୀ ଅନୁଯାୟୀ ରାତି ୯ ଟାରୁ ସକାଳ ୫ଟା ମଧ୍ୟରେ ଲୋକ ତଥା ଯାନବାହନ ଚଳାଚଳ ଉପରେ ରାଜ୍ୟବ୍ୟାପୀ ପ୍ରତିବନ୍ଧକ ଜାରି ରହିବ। ଆଦେଶ ଅନୁଯାୟୀ ଆନ୍ତଃ ରାଜ୍ୟ ଟ୍ରେନ ଚଳାଚଳ ବନ୍ଦ ରହିବ । ସ୍ୱାସ୍ଥ୍ୟ ସେବା, ଆଇନ ଶୃଙ୍ଖଳା, କୃଷିଜାତ ଦ୍ରବ୍ୟ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ସେବା ବ୍ୟତୀତ ରାତି ୯ଟାରୁ ସକାଳ ୫ଟା ମଧ୍ୟରେ ଲୋକ ତଥା ଯାନବାହନ ଚଳାଚଳ ସହିତ ବାହ୍ୟ କାର୍ଯ୍ୟକଳାପ ଉପରେ ରୋକ ଲଗାଯାଇଛି । ରାଜ୍ୟରେ ଏବେ କରୋନା ସ୍ଥିତିକୁ ଦେଖି ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ପଶ୍ଚିମବଙ୍ଗ ସରକାର ସମସ୍ତ ଜିଲ୍ଲା ପ୍ରଶାସନ, ପୁଲିସ କମିଶନରେଟ୍ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ଏହି ନିର୍ଦ୍ଦେଶନାମାକୁ କଡ଼ାକଡ଼ି ପାଳନ ହେଉଥିବା ନେଇ ନିଶ୍ଚିତ କରିବାକୁ କହିଛନ୍ତି । ଏହି ନିୟମର ଉଲ୍ଲଂଘନ କଲେ ବିପର୍ଯ୍ୟୟ ପରିଚାଳନା ଆଇନ, ୨୦୦୫ ଏବଂ ଭାରତୀୟ ଦଣ୍ଡବିଧି ସଂହିତା (ଆଇପିସି) ଅନୁଯାୟୀ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାରୀ ନିର୍ଦ୍ଦେଶରେ ଚେତାବନୀ ଦିଆଯାଇଛି।


## ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଏକ କୋଟି ୫୯ ଲକ୍ଷ ୫୯ ହଜାରଙ୍କୁ ଟିକା କରଣ

ଭୁବନେଶ୍ୱର,୨୯/୦୭(ନି.ପ୍ର): ବର୍ତମାନ ସୁଦ୍ଧା ଆମ ରାଜ୍ୟରେ ଏକ କୋଟି ୫୯ ଲକ୍ଷ ୫୯ ହଜାରଙ୍କୁ ଟିକା କରଣ ସରିଛି । ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏଥି ମଧ୍ୟରୁ ପ୍ରଥମ ଡୋଜ

▶▶ପୃଷ୍ଠା ୭

# ଆଜି ମାଟ୍ରିକ ପରୀକ୍ଷା ଦେବେ ଅସନ୍ତୁଷ୍ଟ ଛାତ୍ରଛାତ୍ରୀ

## ୫୦୪ ସେଂଟରରେ ହେବ ପରୀକ୍ଷା; କରୋନା କଟକଣା ଭିତରେ ହେବ ପିଲାଙ୍କ ପରୀକ୍ଷା



ଭୁବନେଶ୍ୱର,୨୯/୦୭(ନି.ପ୍ର): ଆସନ୍ତାକାଲି ହେବ ମାଟ୍ରିକ ଅଫଲାଇନ୍ ପରୀକ୍ଷା । ଚଳିତ ବର୍ଷ ବିନା ପରୀକ୍ଷାରେ ପ୍ରକାଶ ପାଇଥିବା ପରୀକ୍ଷା ଫଳରେ ଅସନ୍ତୁଷ୍ଟ ଥିବା ଛାତ୍ରଛାତ୍ରୀ ମାନେ ପରୀକ୍ଷା ଦେବେ । ଏଥିପାଇଁ ବୋର୍ଡ଼ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି । ବୋର୍ଡ଼ ସଭାପତି ରମାଶିଷ ହାଜରା ସୂଚନା ଦେଇ କହିଛନ୍ତି କୋଭିଡ଼ ଗାଇଡ଼ଲାଇନ କଡ଼ାକଡ଼ି ଭାବେ ପାଳନ କରାଯାଇ ପରୀକ୍ଷା କରାଯିବ । ଏଥିପାଇଁ ସମସ୍ତ ପରୀକ୍ଷା କେନ୍ଦ୍ରରେ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯିବ । ଏହା ସହ ଜିଲ୍ଲା ପ୍ରସାଶନ ପକ୍ଷରୁ କୋଭିଡ଼ ସ୍କାର୍ଡ଼ ଗଠନ କରାଯାଇ କଟକଣା ଅନୁଧ୍ୟାନ କରିବେ । ମାତ୍ର ୩୯ ପ୍ରତିଶତ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ଆବେଦନ କରିଥିବା ବେଳେ ୧୫ହଜାରରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ସୂଚନା ଦେଇଛନ୍ତି ବୋର୍ଡ଼ ସଭାପତି ।

## ରାଜ୍ୟରେ କରୋନାରେ ଆଉ ୬୫ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୨୯/୦୭ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୬୫ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୫୭୬୮ ହୋଇ ଯାଇଛି । ଖୋର୍ଦ୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୯ ଜଣ ମୃତ୍ୟୁବରଣ କରିଛନ୍ତି । ଏମାନଙ୍କ ମଧ୍ୟରେ ଭୁବନେଶ୍ୱରରେ ୪ ଜଣ ଅଛନ୍ତି । ବରଗଡ ଜିଲ୍ଲାରେ ୭ ଜଣଙ୍କର ମୃତ୍ୟୁ ଘଟିଛି । ସୁନ୍ଦରଗଡ

▶▶ପୃଷ୍ଠା ୭

# ଖୁବଶୀଘ୍ର କଂଗ୍ରେସରେ ଯୋଗ ଦେଇପାରନ୍ତି ପ୍ରଶାନ୍ତ କିଶୋର



ନୂଆଦିଲ୍ଲୀ,୨୯/୦୭: ୨୦୨୪ ନିର୍ବାଚନକୁ ନେଇ କଂଗ୍ରେସ ବ୍ୟାପକ ସ୍ତରରେ ମନ୍ଥନ ଜାରି ରଖିଛି । ଏହି କ୍ରମରେ ଏବେ ଏବେ ରାହୁଲ ଗାନ୍ଧୀ ପାର୍ଟିର ବରିଷ୍ଠ ନେତାମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି । ଯେଉଁଥିରେ ରାଜନୈତିକ ରଣନୀତିକାର ପ୍ରଶାନ୍ତ କିଶୋରଙ୍କୁ ଦଳରେ ସାମିଲ କରିବା ନେଇ ଆଲୋଚନା ହୋଇଥିବା କୁହାଯାଇଛି । ଏହି ବୈଠକ ଜୁଲାଇ ୨୨ ତାରିଖରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ହୋଇଥିଲା । ଏହି ବୈଠକରେ କମଲନାଥ, ମଲ୍ଲିକାର୍ଜୁନ ଖଡଗେ, ଏ.କେ ଆଣ୍ଟୋନୀ, ଅଜୟ ମାକେନ, ଆନନ୍ଦ ଶର୍ମା, ହରିଶ ରାଓ୍ୱତ, ଅମ୍ବିକା ସୋନୀ ଓ କେ.ସି ବେଣୁଗୋପାଳଙ୍କ ଭଳି ପାର୍ଟିର ବରିଷ୍ଠ ନେତାମାନେ ଯୋଗ ଦେଇଥିଲେ । ଏହି ବୈଠକରେ ରାହୁଲ ଗାନ୍ଧୀ ଓ ପ୍ରଶାନ୍ତ କିଶୋରଙ୍କ ମଧ୍ୟରେ ହୋଇଥିବା ଆଲୋଚନା ସ୍ଥାନ ପାଇଥିଲା । ବିଶେସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ପ୍ରଶାନ୍ତ କିଶୋର କଂଗ୍ରେସରେ

▶▶ପୃଷ୍ଠା ୭

# ମେଡ଼ିକାଲ ଶିକ୍ଷାରେ ଓବିସି ଏବଂ ଇବ୍ଲ୍ୟୁଏସ ଛାତ୍ରଛାତ୍ରୀଙ୍କୁ ସଂରକ୍ଷଣ ନିଷ୍ପତ୍ତିକୁ କେନ୍ଦ୍ରମନ୍ତ୍ରୀଙ୍କ ସ୍ୱାଗତ



ନୂଆଦିଲ୍ଲୀ/ଭୁବନେଶ୍ୱର,୨୯/୦୭(ନି.ପ୍ର): ସବକା ସାଥ୍-ସବକା ବିକାଶ ମନ୍ତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସରକାର ଚଳିତ ୨୦୨୧-୨୨ ଶିକ୍ଷା ବର୍ଷରୁ ମେଡ଼ିକାଲ ଏବଂ ଡେଂଟାଲ ପାଠ୍ୟକ୍ରମରେ ସ୍ନାତକ ଏବଂ ସ୍ନାତକତୋରେ ସର୍ବଭାରତୀୟ କୋଟା(ଏଆଇକ୍ୟୁ) ଯୋଜନାରେ ଓବିସିଙ୍କୁ ୨୭ ପ୍ରତିଶତ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲୁଏସ)ର ଛାତ୍ରଛାତ୍ରୀଙ୍କ ପାଇଁ ୧୦ ପ୍ରତିଶତ ସଂରକ୍ଷଣର ଐତିହାସିକ ନିଷ୍ପତି ନେଇଥିବାରୁ ପ୍ରଧାନମନ୍ତ୍ରୀ ମୋଦି ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡବୀୟଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଏହି ନିଷ୍ପତି ସ୍ୱାଗତ କରିବା ସହ କହିଛନ୍ତି ଯେ ପଛୁଆ ବର୍ଗ ଓବିସି ତଥା ଆର୍ଥିକ ଦୁର୍ବଳ ଶ୍ରେଣୀରୁ ପଛୁଆ ଛାତ୍ରଛାତ୍ରୀଙ୍କ କଲ୍ୟାଣ ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ। ବର୍ତମାନ ମେଡ଼ିକାଲ ଶିକ୍ଷା କ୍ଷେତ୍ରରେ ଏହା ଯୁଗାନ୍ତକାରୀ ପଦକ୍ଷେପ। ଏହି ଐତିହାସିକ ନିଷ୍ପତି ୨୦୧୪ ଠାରୁ ମେଡ଼ିକାଲ ଶିକ୍ଷା କ୍ଷେତ୍ରରେ ନିଆଯାଇଥିବା ସଂସ୍କାର ଦିଗରେ ଆଉ ଏକ ପଦକ୍ଷେପ। ଅଣସଂରକ୍ଷଣ କ୍ଷେତ୍ରରେ ସିଟକୁ ହ୍ରାସ କରାନଯାଇ ନିଆଯାଇଥିବା ଏହି ପଦକ୍ଷେପ ଦ୍ୱାରା ପଛୁଆ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର ଓଡ଼ିଶା ସମେତ ଭାରତବର୍ଷର ୫ ହଜାର ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ଉପକୃତ ହେବେ।

# ଆଇଏଏସ ସ୍ତରରେ ଛୋଟ ଧରଣର ଅଦଳ ବଦଳ

ଭୁବନେଶ୍ୱର,୨୯/୦୭(ନି.ପ୍ର): ଆଇଏଏସ୍ ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି ରାଜ୍ୟ ସରକାର । ଆଇଏଏସ୍ ଅଶୋକ ମିନାଙ୍କୁ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତି । ସେ ବର୍ତମାନ ଅର୍ଥ ବିଭାଗର ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରୁଛନ୍ତି । ସେହିପରି ପର୍ଯ୍ୟଟନ ଓ କ୍ରୀଡ଼ା ବିଭାଗ ପ୍ରମୁଖ ସଚିବ ବିଶାଳ ଦେବଙ୍କୁ ଅର୍ଥ ବିଭାଗ ପ୍ରମୁଖ ସଚିବ ଭାବେ ନୂଆ ନିଯୁକ୍ତି ମିଳିଛି । ଅପରପକ୍ଷରେ ପଂଚାୟତିରାଜ ବିଭାଗ ପ୍ରମୁଖ ସଚିବ ଥିବା ଡି.କେ ସିଂହଙ୍କୁ ଷ୍ଟିଲ୍ ଏବଂ ଖଣିଜ ସମ୍ପଦକ ବିଭାଗ ପ୍ରମୁଖ ସଚିବ ଭାବେ ନିଯୁକ୍ତି ମିଳିଛି । ସେହିଭଳି ଷ୍ଟିଲ୍ ଏବଂ ଖଣିଜ ସମ୍ପଦ ବିଭାଗ ପ୍ରମୁଖ ସଚିବ ଥିବା ସୁରେନ୍ଦ୍ର କୁମାରଙ୍କୁ ସାଧାରଣ ପ୍ରଶାସନ ବିଭାଗ ପ୍ରମୁଖ ସଚିବ ଭାବେ ନିଯୁକ୍ତି ମିଳିଛି । ଏଥିସହି ପର୍ଯ୍ୟଟନ ବିଭାଗର ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ ସୁରେନ୍ଦ୍ର କୁମାର । ସେହିଭଳି ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଥିବା ଆର ଭିନେଲକ୍ରିଷ୍ଣାଙ୍କୁ କ୍ରୀଡ଼ା ଓ ଯୁବ ବ୍ୟପାର ବିଭାଗ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି ।

# ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ମା' ରମାଦେବୀ ଓ ଉଷାଦେବୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

କେନ୍ଦ୍ରାପଡା,୨୯/୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଣ୍ଡରା ଠାରେ ଥିବା ଉଷାଦେବୀ ମହିଳା ମହା ବିଦ୍ୟାଳୟ ପରିସରରେ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ଓ ସର୍ବୋଦୟ ନେତ୍ରୀ ମା ରମାଦେବୀ ଓ ଉଷାଦେବୀ ମହିଳା ମହା ବିଦ୍ୟାଳୟର ମୁଖ୍ୟ ପୃଷ୍ଠ ପୋଷକ ଉଷାଦେବୀଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି । କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା ଓ ବରି ବିଧାୟିକା ସୁନନ୍ଦା ଦାସ ଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ ମା ରମାଦେବୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ । ସମାଜସେବୀ ଡ଼ଃ ଗଦାଧର ମଲିକଙ୍କ ପୌରହିତରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଚିତ ରଞ୍ଜନ ମଲିକ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସାରସ୍ୱତ ସାଧକ ଇଂ ଜଳଧର ପ୍ରଧାନ, ଡ଼ଃ କନକବାଳା ଦାସ, ସକୁନ୍ତଳା ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ପ୍ରଫେସର ନିର୍ମଳ ଚନ୍ଦ୍ର ବିଶ୍ୱାଳ, ଶିକ୍ଷାବିତ୍ ଭଜକୃଷ୍ଣ ରାଉତ, ଡ଼ଃ ଭାଗ୍ୟଧର ସାହୁ, ପ୍ରଫେସର ବୈଷ୍ଣବ ସିଂହ, ଗୋପିନାଥ ତ୍ରିପାଠୀ, ବିଜେଡି ଶ୍ରମିକ ସେଲର ସଭାପତି ଦୁର୍ଗାଶିଷ ମହାନ୍ତି ପ୍ରମୁଖ ସରପଂଚ, ସମିତି ସଭ୍ୟ ମାନେ ଉପସ୍ଥିତ ଥିଲେ ।

# ସାମ୍ବାଦିକଙ୍କୁ ଦୁର୍ବ୍ୟବହାର ପ୍ରସଙ୍ଗରେ କେନ୍ଦ୍ରାପଡ଼ା ମହିଳା କନେଷ୍ଟବଲଙ୍କୁ ଗିରଫ ଦାବି କଲେ କୋରାପୁଟ ଜିଲ୍ଲା ଶାଖା ଓଡ଼ିଶା ସାମ୍ବାଦିକ ସଂଘ

ଜୟପୁର ,୨୯/୭ (ନି.ପ୍ର): ରାଜ୍ୟରେ ବିଭିନ୍ନ ସ୍ଥାନରେ ବାରମ୍ବାର ସାମ୍ବାଦିକମାନଙ୍କୁ ଅହେତୁକ ଆକ୍ରମଣ କରାଯାଉଛି ଯାହାର ସତ୍ୟାସତ୍ୟ ଘଟଣା ପୁରୀ ଜିଲ୍ଲା ଗୋପ ଓ କେନ୍ଦ୍ରାପଡ଼ାରେ ଦେଖିବାକୁ ମିଳିଛି । ନିକଟରେ କେନ୍ଦ୍ରାପଡ଼ା ଆରକ୍ଷୀ ଅଧକ୍ଷଙ୍କ କାର୍ଯ୍ୟାଳୟ ପରିସରରେ ବିଜେପିର ଗଣ ଧାରଣା ଚାଲିଥିବା ସମୟରେ କାର୍ଯ୍ୟରତ ମହିଳା କନେଷ୍ଟବଲ ମାସ୍କ ପିନ୍ଧିନଥିବା ନେଇ ସାମ୍ବାଦିକ ଭିମସେନ ସେଠି ସୋସିଆଲ ମିଡିଆରେ ତାଙ୍କ ଫଟୋ ଭାଇରାଲ କରିଥିଲେ ଏହାକୁ ନେଇ ଜୁଲାଇ ୨୧ ତାରିଖ ଅପରାହ୍ନ ରେ ମହିଳା କନେଷ୍ଟବଲ ପିନୁ ନାୟକ ସାମ୍ବାଦିକ ଭିମସେନ ସେଠି ଙ୍କୁ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଉପରିସ୍ଥ ଅଧିକାରୀଙ୍କ ସମ୍ମୁଖରେ ରାସ୍ତା ଉପରେ ଜାତିଆଣ ଆକ୍ଷେପ କରିବା ସହିତ ମାଡ଼ମାରିଥିଲେ । ଘଟଣାକୁ ୭ଦିନ ବିତିଯାଇଥିଲେ ମଧ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ ।ଉକ୍ତ ଘଟଣାକୁ କୋରାପୁଟ ଜିଲ୍ଲା ଓଡ଼ିଶା ସାମ୍ବାଦିକ ସଂଘ ଦୃଢ଼ ନିନ୍ଦା କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି ।ଏହି ଉପଲକ୍ଷେ ଆଜି କୋରାପୁଟ ଜିଲ୍ଲା ଓଡ଼ିଶା ସାମ୍ବାଦିକ ସଂଘର ରାଜ୍ୟ ଉପସଭାପତି ତଥା ଜିଲ୍ଲା ସଭାପତି ଶ୍ରୀ କେ. ଶ୍ରୀନିବାସ ରାଓ ଙ୍କ ନେତୃତ୍ୱରେ ଜିଲ୍ଲା ଉପସଭାପତି ହରିଶ ପଟ୍ଟନାୟକ, ଜୟସିଂ ପଡ଼ାସେଠୀ, ସମ୍ପାଦକ ରବିଶଙ୍କର ମହାପାତ୍ର ଙ୍କ ସମେତ ସଦସ୍ୟ ସରୋଜ କୁମାର ଲେଙ୍କା, ସୁଶାନ୍ତ କୁମାର ବାଙ୍କ, ଅଚ୍ୟୁତ ଗୁଣ୍ଡା, ରୂପ ଖରା ପ୍ରମୁଖ ଉପସ୍ଥିତ ରହି ମହାମାହି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜୟପୁର ଉପ ଜିଲ୍ଲାପାଳ ଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।ଦାବି ମୁତାବକ ଯଥାଶୀଘ୍ର ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ, ଉପରୋକ୍ତ ଘଟଣାରେ ତଦନ୍ତ କରାଯାଇ ମହିଳା କନେଷ୍ଟବଲ ପିନୁ ନାୟକଙ୍କୁ ଗିରଫ କରାଯିବା ସହିତ କାର୍ଯ୍ୟରୁ ନିଲମ୍ବନ କରାଯାଉ ।ତତ୍ସହିତ ପୁରୀ ଜିଲ୍ଲା ଗୋପ ଥାନାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ରାଜ୍ୟସ୍ତରୀୟ ଆନ୍ଦୋଳନକୁ ଏଡାଇ ଦେବା ସହ ସରକାରଙ୍କ ସହ ଗଣମାଧ୍ୟମ ପ୍ରତିନିଧିଙ୍କ ସୁସମ୍ପର୍କ ବଜାୟ ରଖିବାକୁ ଦାବି କରାଯାଇଛି ।

# କଂଗ୍ରେସରେ ମିଶିଲେ ବିଜେପି ଓ ବିଜେଡିର ୨୦ରୁ ଉର୍ଦ୍ଧ୍ୱ କର୍ମୀ

ନୂଆପଡ଼ା,୨୯/୭ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ସ୍ଥିତ ଖୁପ୍ରିମାଲ୍ ଗ୍ରାମ ଠାରେ ସିନାପାଲି ବ୍ଲକ କଂଗ୍ରେସ ଦଲ ତରଫରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଖଡିଆଲ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ଉପସ୍ଥିତିରେ ବିଜେଡି ଓ ବିଜେପିର ୨୦ ଜଣ କର୍ମି କଂଗ୍ରେସରେ ସାମିଲ୍ ହୋଇଥିବା ଜଣାପଡିଛି । ଏହି ମିଶ୍ରଣ ପର୍ବରେ ବରିଷ୍ଠ ଶିକ୍ଷାବିତ କ୍ଷମାଧର ନିଆଲ, ଗଜିନ୍ଦ୍ର ନିଆଲ, ଧ୍ୱନ୍ତ୍ରାରାଜ୍ ହେର୍ଣା, ପ୍ରମୋଦ ନିଆଲ, ଓମକାର ନିଆଲ, ନକୁଲ ନିଆଲ, ପଦୁ ନିଆଲ ସମେତ ଖୁପ୍ରିମାଲ୍ ଗ୍ରାମର ଗୋଉନ୍ତିଆ, ଝାଙ୍କର, ୱାଡମେମ୍ବର ସମେତ ୨୦ ଜଣ ବିଜେପି ବିଜେଡି କର୍ମି କଂଗ୍ରେସରେ ସାମିଲ୍ ହେବା ପରେ ବିଧାୟକ ଶ୍ରୀ ପାଣିଗ୍ରାହୀ ଫୁଲତୋଡା ଦେଇ ସ୍ୱାଗତ ଜଣାଇ ଥିଲେ । ଏହି ଅବସରରେ କଂଗ୍ରେସ ସହିତ ମିଶି କାମ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଏହି ମିଶ୍ରଣ ପର୍ବରେ ସିନାପାଲି ବ୍ଲକ କଂଗ୍ରେସ କମିଟି ସଭାପତି ଜୟପାଳ ନାଗ, ଜିଲ୍ଲା ପରିଷଦ ସଦସ୍ୟ ଗିରିରାଜ ମାଝି, ଗୋର୍ଲା ପଂଚାୟତ ସରପଂଚ ଦିଲିପ କୁମାର ମାଝି, ପୁର୍ବତନ ସରପଂଚ ଦୁଧନାଥ ବାଗ, ନନ୍ଦଲାଲ ବାଗ, ଖର୍ସେଲ ପଂଚାୟତ ନାଏବ ସରପଂଚ ଏସ୍ ବଂଜରା ସମେତ ଅନେକ ଜନସାଧାରଣ ଉପସ୍ଥିତ ଥିଲେ ।

# ସମୁଦ୍ରକୂଳେ ସିନ୍ଥେଟିକ୍ ୱାଲ କେବେ ?

## ୭କୋଟି ଟଙ୍କାର ରାସ୍ତା ଭାସିଯିବ : ସରକାରକା ମାଲ ଦରିଆମେଁ ଡ଼ାଲ

ପୁରୀ,୨୯/୭ (ନି.ପ୍ର): ଶ୍ରୀକ୍ଷେତ୍ର ହେବ ବିଶ୍ୱ ଐତିହ୍ୟ ସହର । ଭାଟିକାଲ ସିଟି ପରି ଆଲୋକମୟ ହେବ ପୁରୀ ସହର । ବିଶ୍ୱସ୍ତରୀୟ ଏୟାରପୋର୍ଟ ନିର୍ମାଣ ହେବ । ୨୪ ଘଂଟିଆ ବିଶୁଦ୍ଧ ପାନୀୟ ଜଳ ସାହି ବସ୍ତିରେ ପହଞ୍ଚିଲାଣି । ଓଡ଼ିଶାର ପ୍ରଥମ ଶ୍ରୀସେତୁ ପୁରୀରେ ନିର୍ମାଣ ହେବ । ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ସମୁଦ୍ରକୂଳ ରାସ୍ତା ଓସାରିକରଣ ସହ ପର୍ଯ୍ୟଟକ ବସିବା ପାଇଁ ବ୍ୟବସ୍ଥା ହୋଇଛି । ମଙ୍ଗଳାଘାଟ - ଷ୍ଟର୍ଲିଙ୍ଗ ରାସ୍ତା ଶେଷ ହୋଇଛି । ଚାରିୟଟ ହୋଟେଲ ଛକରୁ ସମୁଦ୍ରକୂଳକୁ ସଂଯୋଗ କରିବା ପାଇଁ ଏକ ଚାରିଥାକିଆ ରାସ୍ତା ନିର୍ମାଣ ହୋଇଛି । ଏହି ରାସ୍ତା ସ୍ୱର୍ଗଦ୍ୱାର ଠାରୁ ସମୁଦ୍ରକୂଳକୁ ଆସିଥିବା ରାସ୍ତା ସହ ସଂଯୋଗ ହୋଇଛି । ଜାତୀୟ ରାଜପଥ ଏହି ରାସ୍ତା ସହ ସଂଯୋଗ ହେବା ପାଇଁ ଅନୁମତି ଦେଉନାହିଁ । ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ୭କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ଏହି ରାସ୍ତାକୁ ଠିକାଦାର ନିର୍ମାଣ କରି ସରକାରଙ୍କ ଅନୁମତି ପାଇଁ ଚାହିଁ ରହିଛି । ସମୁଦ୍ରକୂଳ ପତନ ଠାରୁ ୧୨ ଫୁଟ ଉଚ୍ଚତାରେ ଏହି ରାସ୍ତା ନିର୍ମାଣ ହୋଇଛି । ପ୍ରଥମେ କଳା ମାଟିଦେଇ ପ୍ୟାକିଂ କରାଯାଇ ନାଲି ମୋରମ ରୋଲିଂ କରାଯାଇଛି । ଗତବର୍ଷାରେ ରାସ୍ତା ପାଣି ସମୁଦ୍ରକୂଳକୁ ଭାସିବା ଫଳରେ ରାସ୍ତାର ଧାର ଫାଟିବାକୁ ବସିଲାଣି । ସିନ୍ଥେଟିକ ୱାଲ ପାଇଁ ରାଜ୍ୟ ସରକାର ଅନୁମତି ଦେବା ସହ ଆର୍ଥିକ ଅନୁମୋଦନ କରାଗଲେ ଏହି ରାସ୍ତା ନିର୍ମିତ ହେବ । ଅକ୍ଟୋବର ୨୦୨୦ରୁ ଦୀର୍ଘ ୧୦ମାସ ଧରି ଏହି ରାସ୍ତା ନିର୍ମାଣ ହୋଇଥିଲେ ମଧ ତାହା ସମ୍ପୂର୍ଣ୍ଣ ହୋଇ ପାରୁନାହିଁ । ସରକାରୀକା ମାଲ ଦରିଆ ମେଁ ଡ଼ାଲ ନ୍ୟାୟରେ ଗତ ଫନୀ ବାତ୍ୟାରେ ଦିଗବାରେଣୀ ଖୁଂଟ ଠାରୁ ପିୟରଲେସ୍ ଛକ ପର୍ଯ୍ୟନ୍ତ ସମୁଦ୍ର କୂଳେ ହୋଇଥିବା ସିମେଂଟ ଇଟାର ପାଚେରୀ ସମ୍ପୂର୍ଣ୍ଣ ଭାଙ୍ଗି ଯାଇ ବାଲିରେ ମିଶିଥିଲା । ଖଣ୍ଡିଏ ଇଟାକୁ ଉଦ୍ଧାର କରାଯାଇ ପାରିନଥିଲା । କୋଟି କୋଟି ଟଙ୍କା ସମୁଦ୍ର ବାଲିରେ ଲୀନ ହୋଇଥିଲା । ସେହିପରି ଏହି ୭.୫କୋଟି ଟଙ୍କାର ରସ୍ତା ନଷ୍ଟ ହୋଇଯିବାର ଆଶଙ୍କା ଦେଖା ଦେଇଛି । ସେଠାରେ ୩ଶହ ମିଟର ସିନ୍ଥେଟିକ ୱାଲ କରାଗଲେ ଏହି ରାସ୍ତା ସୁରକ୍ଷିତ ହୋଇପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି । ରାସ୍ତାକାନ୍ଥ ସହ ପର୍ଯ୍ୟଟକ ଦର୍ଶକ ଗ୍ୟାଲେରୀ କରାଯାଉ- ଏହି ୩ଶହ ମିଟର ପର୍ଯ୍ୟନ୍ତ ଦୂରତାର ସିନ୍ଥେଟିକ ୱାଲ ପ୍ରତି ବଦଳରେ କଂକ୍ରିଟ ୱାଲ କରାଯିବା ସହ ଚାରି ଥାକିଆ ଦର୍ଶକ ଗ୍ୟାଲେରୀ ପିଣ୍ଡି ନିର୍ମାଣ କଲେ ଦର୍ଶକମାନେ ଉପକୃତ ହୋଇପାରିବେ ବୋଲି ସ୍ଥାନୀୟ ଅଞ୍ଚଳବାସୀ ମତ ଦେଇଛନ୍ତି । ଏବେ ପ୍ରତିଦିନ କଟକ - ଭୁବନେଶ୍ୱରରୁ ଶହ ଶହ ଚାରିଚାକିଆ ଓ ଦୁଇ ଚକିଆ ଗାଡ଼ିରୁ ପର୍ଯ୍ୟଟକମାନେ ଆସି ସେହି ସ୍ଥାନରେ ଘଂଟା ଘଂଟା ଧରି ବସି ସମୁଦ୍ର ଦୃଶ୍ୟ ଦେଖୁଛନ୍ତି । ଏହି ସ୍ଥାନଟି ଖୋଲା ସ୍ଥାନ ହୋଇଥିବାରୁ ପର୍ଯ୍ୟଟକମାନେ ସ୍ୱର୍ଗଦ୍ୱାର ଗହଳି ଅଞ୍ଚଳରେ ସମୁଦ୍ର ଦର୍ଶନ ନକରି ଏବେ ଏହି ସ୍ଥାନକୁ ଆସୁଛନ୍ତି । ଏହା ସହ ମଙ୍ଗଳାନଦୀ ଓ ସମଦ୍ରର ମିଳନ ସ୍ଥଳ ମୁହାଣର ଅପରୂପ ଦୃଶ୍ୟକୁ ଦେଖୁଛନ୍ତି । ଅନ୍ୟ କେତେକ ଦେଶ ଓ ରାଜ୍ୟରେ ସମୁଦ୍ର କୂଳେ କୂଳେ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ସୁବିଧା ଦେଉଥିବା ବେଳେ ପୁରୀରେ କାହିଁକି ଏଭଳି ସୁବିଧା ଅନୁମତି ଅଣାଯାଇ କରାଯିବ ନାହିଁ ବୋଲି ଜଣେ ବଙ୍ଗୀୟ ପର୍ଯ୍ୟଟକ ମତ ଦେଇଛନ୍ତି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀକୁ ବିଶ୍ୱସ୍ତରୀୟ ସହର ଭାବେ ଗଢି ତୋଳିବା ପାଇଁ ସ୍ୱପ୍ନ ଦେଖୁଛନ୍ତି । ପର୍ଯ୍ୟଟକଙ୍କ ସୁବିଧା ପାଇଁ ସମୁଦ୍ରକୂଳ ଉନ୍ନତିକରଣ କରାଗଲେ ପର୍ଯ୍ୟଟକମାନେ ଅଧିକ ଦିନ ପୁରୀରେ ରହିବେ ।

# ୮ ନଂ ଜୋନର ବିଜେଡି ବନ୍ଧୁ ମିଳନ

କେନ୍ଦ୍ରାପଡା,୨୯/୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପରିଷଦ ୮ ନଂ ଜୋନର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ୮ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟା ତଥା ରାଜ୍ୟ ସାଧାରଣ ସଂପାଦିକା ଜ୍ୟୋସ୍ନାରାଣୀ ଜେନାଙ୍କ ଉଦ୍ୟମରେ ଅନୁଷ୍ଠିତ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ବିଧାୟକ ଶଶି ଭୂଷଣ ବେହେରା, ବ୍ଲକ ଚେୟାରମ୍ୟାନ ଶିବ ପ୍ରସାଦ ଭଲଙ୍କ ସମେତ ବହୁ ପଂଚାୟତ ସରପଂଚ, ସମିତି ସଭ୍ୟ, ସଭାପତି ଓ ଦଳୀୟ କର୍ମୀ ମାନେ ଯୋଗଦେଇ ଶ୍ରୀମତୀ ଜେନା ସଂପାଦିକା ଦାୟିତ୍ୱ ଗ୍ରହଣ କରିଥିବାରୁ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଦଳୀୟ ସଂଗଠନକୁ ମଜବୁତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏଥି ସହିତ ଆଗାମୀ ପଂଚାୟତ ନିର୍ବାଚନରେ ପୁନର୍ବାର ବିଜେଡିକୁ ଜିତାଇବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରିବେ ବୋଲି ଉପସ୍ଥିତ ଥିବା ସମସ୍ତ ବିଜେଡି କର୍ମକର୍ତ୍ତାଙ୍କୁ ଶ୍ରୀମତୀ ଜେନା ପ୍ରତିଶୃତି ଦେଇଥିଲେ । ଶ୍ରୀମତୀ ଜେନାଙ୍କ ଉଦ୍ୟମରେ କରା ଯାଇଥିବା ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଓ ବନ୍ଧୁ ମିଳନ ରେ ବିଜେଡିର ବହୁ ଆଗଧାଡିର କର୍ମୀ ଯୋଗ ଦେଇଥିବା ଜଣାପଡିଛି ।

# ହୃଦାନନ୍ଦ ମେହେରଙ୍କୁ ଆଇଡଲ ଏଜୁକେଟର ଆୱାର୍ଡ ୨୦୨୧ ପ୍ରଦାନ

ନୂଆପଡ଼ା,୨୯/୭ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଜାମପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଦାନନ୍ଦ ମେହେରଙ୍କୁ ଆଇଡଲ ଏଜୁକେଟର ଆୱାର୍ଡ ୨୦୨୧ ପ୍ରଦାନ କରାଯାଇଛି । ମୁମ୍ବାଇ ସ୍ଥିତ ଏମଭିଏଲଏ ନାମକ ସଂସ୍ଥା ତରଫରୁ ତାଙ୍କୁ ଏକ ଭରଚୁଆଲ ବୈଠକରେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ , ଶିକ୍ଷା ସଂଗଠନର ଦୃଢ଼ ନେତୃତ୍ୱ, ଗ୍ରାମାଂଚଳରେ ଶିକ୍ଷାର ବିକାଶ ଓ ପ୍ରସାର ତଥା ଅଭିନବ ଓ ନୂତନ ଶିକ୍ଷା ପଦ୍ଧତିରେ ଶିକ୍ଷାଦାନ ପାଇଁ ତାଙ୍କୁ ଏହି ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିଲେ । ଗତବର୍ଷ ଏହି ସଂସ୍ଥା ତରଫରୁ ଗୁରୁ ଗୌରବ ଶିକ୍ଷା ରତ୍ନ ସମ୍ମାନରେ ସମ୍ମାନିତ ହୋଇଥିଲେ । ଶ୍ରୀ ମେହେର ଏହି ସମ୍ମାନ ପାଇଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷା ପ୍ରେମୀ ତଥା ଜନସାଧାରଣଙ୍କ ତରଫରୁ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ମେହେର ରାଜ୍ୟ ତଥା ଜାତୀୟ ସ୍ତରରେ ସମ୍ମାନିତ ହୋଇ ଗୌରବ ଅର୍ଜନ କରିଥିବାରୁ ବିଭିନ୍ନରେ ପ୍ରଶଂସା ପ୍ରକାଶ ପାଇଛି ।

# ମାଟିଲଗ୍ନା ସାହିତ୍ୟ ସଂସଦର ରାଜ୍ୟ ସ୍ତରୀୟ ପ୍ରଥମ ବାର୍ଷିକ ଉତ୍ସବ

ଜୟପୁର ,୨୯/୭ (ନି.ପ୍ର): ଜୟପୁର ପାରାବେଡା ସ୍ଥିତ ବିଜୟ ନାରାୟଣ ସଭାକକ୍ଷରେ ମାଟିଲଗ୍ନା ସାହିତ୍ୟ ସଂସଦର ରାଜ୍ୟ ସ୍ତରୀୟ ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମାଟିଲଗ୍ନା ସାହିତ୍ୟ ସଂସଦ ,କୋରାପୁଟ ଜିଲ୍ଲା ସଭାପତି ଶ୍ରୀ ଯଜ୍ଞେଶ୍ୱର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ତଥା ପ୍ରତିଷ୍ଠାତା,ମାଟିଲଗ୍ନା ସାହିତ୍ୟ ସାଂସଦ, ଶ୍ରୀ କିଶୋର ଚନ୍ଦ୍ର ପ୍ରଧାନ, ମୁଖ୍ୟ ବକ୍ତା ଭାବେ ବାଗ୍ମୀ ଡ. ଗଙ୍ଗାଧର ନନ୍ଦ,ସମ୍ମାନିତ ଅତିଥି ଭାବେ ବୈଦିକ ସାହିତ୍ୟର ପ୍ରସାରକ ଶ୍ରୀ ନଳିନୀ ରଞ୍ଜନ ମିଶ୍ର , ଡ଼. ମହାଦେବ ଶତପଥୀ ଏବଂ ଶ୍ରୀ ବିଜୟ ନାରାୟଣ ପାତ୍ର ଯୋଗଦାନ କରି ଭାଷା ସାହିତ୍ୟର ପ୍ରଚାର ପ୍ରସାର ଦିଗରେ ମାଟିଲଗ୍ନା ସାହିତ୍ୟ ସଂସଦର ଭୂମିକାକୁ ଉଚ୍ଚ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମାଟିଲଗ୍ନା ସାହିତ୍ୟ ସଂସଦ,କୋରାପୁଟ ଜିଲ୍ଲା ସମ୍ପାଦକ ଶ୍ରୀ ସୂର୍ଯ୍ୟ ନାରାୟଣ ସ୍ୱାତ ସ୍ୱାଗତ ଭାଷଣ ଓ ଅତିଥି ନିମନ୍ତ୍ରଣ କରିଥିଲା ବେଳେ ପୁଷ୍ପାଞ୍ଜଳି ସାହୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ରାଜ୍ୟ ମହିଳା ମଂଚ ପରିଚାଳିକା ଶୋଭାଗିନୀ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ ।

ଏହି ଅବସରରେ କେକ କାଟି ଜନ୍ମଦିନ ପାଳନ କରାଯାଇଥିଲା । କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ମାଟିଲଗ୍ନା ସାହିତ୍ୟ ସାଂସଦ କୋରାପୁଟ ଜିଲ୍ଲା ଉପସଭାପତି ଶ୍ରୀ ବିଜୟ ନାରାୟଣ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କବିତା ପାଠ ଉତ୍ସବରେ ସମ୍ମାନିତ ଅତିଥିଭାବେ ଶୋଭାଗିନୀ ନନ୍ଦ ଓ ରାଜେଶ୍ୱରୀ ନନ୍ଦ ଉପସ୍ଥିତ ଥିବା ବେଳେ କବିତା ଗୁଡିକ ସଂଯୋଜନା କରିଥିଲେ କବି ଅଶୋକ ମହାରଣା ଓ କବୟିତ୍ରୀ ପୁଷ୍ପାଞ୍ଜଳି ସାହୁ । କୋରାପୁଟ ଜିଲ୍ଲା କୋଷାଧକ୍ଷ ଶ୍ରୀ ପ୍ରମୋଦ କୁମାର ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ କବିତା ପାଠ କରିଥିବା କବି କବୟିତ୍ରୀ ଗଣ ହେଲେ-କୃଷ୍ଣଚନ୍ଦ୍ର ହୋତା, ଚନ୍ଦ୍ରମଣି ବାରିକ, ଅନନ୍ତ ବିଜୟ ଧୀବର, ଅବିନାଶ ସାନ୍ତାପାତ୍ର, ବୈରାଗୀ ଚରଣ ସାହୁ, ଶ୍ରୀମତୀ କବିତା ସାହୁ, ଶ୍ରୀ ଶୁଧାଂଶୁ ଭୂଷଣ ପଟ୍ଟନାୟକ, ଶ୍ରୀମତି ଭାବଚନ୍ଦ୍ରିକା ଦେବୀ, ଓଁ ପ୍ରକାଶ ସାହୁ, ଶ୍ରୀ ଅଶୋକ ପୋଲେଇ, ନୃସିଂହ ପ୍ରସାଦ ଷଡଙ୍ଗୀ, ପୁଷ୍ପାଞ୍ଜଳି ସାହୁ, ନିବେଦିତା ଶତପଥୀ ପ୍ରମୁଖ ।

# ଚଣ୍ଡିଖୋଲ ଷ୍ଟେଟ ବ୍ୟାଙ୍କରେ ଜିଏମ୍‌ଙ୍କ ପରିଦର୍ଶନ

ଧର୍ମଶାଳା,୨୯/୭ (ନି.ପ୍ର): ଯାଜପୁର ଜିଲା ଚଣ୍ଡିଖୋଲସ୍ଥିତ ଷ୍ଟେଟ୍‌ବ୍ୟାଙ୍କକୁ ଆଜି ଭୁବନେଶ୍ୱର ସର୍କଲ ଜିଏମ୍ ଅଭୟକ୍ରିଷ୍ଣା ପାଣ୍ଡେ ପରିଦର୍ଶନରେ ଆସି ଏହି ଶାଖାର ଉନ୍ନତି ପାଇଁ ଅନୁଧ୍ୟାନ କରିବା ସହ ବ୍ୟବସାୟ ବୃଦ୍ଧି ଓ ଗ୍ରାହକମାନଙ୍କ ଆସ୍ତାଭାଜନ ହେବା ପାଇଁ ପରାମର୍ଶ ଦେଇଛନ୍ତି । ଶ୍ରୀ ପାଣ୍ଡେ ଷ୍ଟେଟ୍ ବ୍ୟାଙ୍କ ଭୁବନେଶ୍ୱର ସର୍କଲରେ ମୁଖ୍ୟ କାର୍ଯ୍ୟାଳୟରେ ଯୋଗ ଦେବା ପରେ ଏହା ତାଙ୍କର ପ୍ରଥମ ପରିଦର୍ଶନ । ପରିଦର୍ଶନ ସମୟରେ ଚଣ୍ଡିଖୋଲ ଏକ ସମୃଦ୍ଧ ଓ ପ୍ରଗତିଶୀଳ ଅଂଚଳ ହୋଇଥିବାରୁ ଏଠାରେ ବ୍ୟବସାୟ ବୃଦ୍ଧି କରିବା ସହ ଅଧିକ ଋଣ ମଞ୍ଜୁର କରିବା ଦିଗରେ ଗୁରୁତ୍ୱ ଦେବାକୁ ଶାଖାର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ କହିଥିଲେ । ଏଥି ସହ ଶାଖାରେ ଯେତେ ସମ୍ଭବ ଏନପିଏ କମାଇବା ଏବଂ କୃଷି ଋଣ ବୃଦ୍ଧି କରିବା ପାଇଁ ପରାମର୍ଶ ଦେଇଥିଲେ । ତାଙ୍କ ସହିତ ଡିଜିଏମ୍ କୁମୁଦ ଚନ୍ଦ୍ର ଜ୍ୟୋତି ଓ ଆର ଏମ୍ ପ୍ରବୀର ଚନ୍ଦ୍ର ସାହୁ ପ୍ରମୁଖ ପରିଦର୍ଶନରେ ଆସିଥିବା ବେଳେ ଚଣ୍ଡିଖୋଲ ଶାଖା ମୁଖ୍ୟ ପ୍ରବନ୍ଧକ ପ୍ରଦୀପ୍ତ କୁମାର ତ୍ରିପାଠୀ ଓ ଅନ୍ୟ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ସେମାନଙ୍କୁ ସ୍ୱାଗତ କରିଥିଲେ ।

# ବିଜୟାଶ୍ରୀଙ୍କ ଜନ୍ମଦିନରେ ବନୈଷଧି ଉଦ୍ୟାନ ଉଦ୍‌ଘାଟିତ

ବାସୁଦେବପୁର,୨୯/୭ (ନି.ପ୍ର): ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ଜନ୍ମଦିନରେ ବାସୁଦେବପୁର ପୌରପାଳିକାରେ ସମିଆଁଠାରେ ବିଜୟଶ୍ରୀ ବନୌଷଧି ଉଦ୍ୟାନ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ଆୟୋଜନ ହୋଇଥିବା ଉତ୍ସବରେ ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ, ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କରିବା ସହିତ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏଥିରେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଧାମନଗରର ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ଜିଲ୍ଲା ପରିଷଦ ସଭାପତି ଦ୍ୱିଜବର ରାଉତ, ବିଜେଡ଼ି ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ, ତିହିଡ଼ି ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ, ରତ୍ନପର୍ଣ୍ଣା ସ୍ରୋତସ୍ୱିନୀ ରାଉତରାୟ, ବାସୁଦେବପୁର ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣିମା ମଲ୍ଲିକ, ପ୍ରୟାସକାନ୍ତି ସାମଲ, ବିଜୟ ନାୟ, ଶିକ୍ଷାବିତ୍ ଦୁଃଶାସନ ରାଉତ, ସାଂସଦଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ଏସିଏଫ ପ୍ରଫୁଲ୍ଲ ମଲ୍ଲିକ ପ୍ରମୁଖ ଅତିଥିଭାବେ ଯୋଗଦେଇ ବୃକ୍ଷରୋପଣ କରିବା ସହିତ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଉତ୍ସବରେ ବିଧାୟକଙ୍କ ପ୍ରତିନିଧି ଅସିତ କୁମାର ଦାଶ ସଂଯୋଜନା କରିଥିଲେ । ଫରେଷ୍ଟ ବିଭାଗର ରେଂଜର ସୁଶାନ୍ତ ମହାନ୍ତି, ଫରେଷ୍ଟଗାର୍ଡ଼ ତୃପ୍ତିରାଣୀ ମହାନ୍ତି ଓ ବନ କର୍ମଚାରୀ ସହଯୋଗ କରିଥିଲେ ।

# ମନରେଗା ଦୁର୍ନୀତି ନେଇ ବ୍ଲକ କାର୍ଯ୍ୟାଳୟ ଘେରିଲା ଦଳିତ ଅଧିକାର ମଂଚ

ନୂଆପଡା,୨୯/୭ (ନି.ପ୍ର): ନୂଆପଡା ଜିଲ୍ଲା ବୋଡେନ ବ୍ଲକର ବିଭିନ୍ନ ପଂଚାୟତରେ ମନରେଗା ଯୋଜନାରେ ହୋଇଥିବା ଦୁର୍ନିତି ନେଇ ବୁଧବାର ଜିଲ୍ଲା ଦଳିତ ଅଧିକାର ମଂଚ ପକ୍ଷରୁ ବୋଡେନ ବ୍ଲକ କାର୍ଯ୍ୟାଳୟକୁ ଘେରାଉ କରାଯାଇଛି । ଏହି ଅବସରରେ ବୋଡେନ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇଙ୍କୁ ମଂଚ ପକ୍ଷରୁ ଦାବୀପତ୍ର ପ୍ରଦାନ କରି ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଦାବୀ କରାଯାଇଥିଲା । ବୋଡେନ ବ୍ଲକର ବିଭିନ୍ନ ପଂଚାୟତରେ ବିଶେଷ କରି ମନରେଗା କାମ ସହ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତା ସମ୍ପର୍କରେ ଦୁର୍ନିତି, ଅନିୟମିତତା ଓ ବିଭାଗୀୟ ଅଧିକାରୀଙ୍କ ଅବହେଳା ପ୍ରଦର୍ଶନ ନେଇ ଜିଲା ଦଳିତ ଅଧିକାର ମଂଚ ଅଭିଯୋଗ କରି ଆସୁଅଛି । କିନ୍ତୁ କୌଣସି ସୁଫଳ ମିଳିପାରୁନଥିବାରୁ ଆଜି ଦଳିତ ଅଧିକାର ମ ର କର୍ମକର୍ତ୍ତା ସହ ବିଭିନ୍ନ ଗ୍ରାମର ନାଗରିକ ମାନେ ଏହି ଘେରାଉ କରିଥିଲେ । ବିଶେଷ କରି ମହୁଲପଦର, କେକଡସର, ଭଏବୁର୍ଲା, ସହନାପାଲି, ପିପଲଛାପର, କୁଠିଆପଡା ଇତ୍ୟାଦି ଗ୍ରାମରେ ମନରେଗା ଯୋଜନାରେ ହୋଇଥିବା କାର୍ଯ୍ୟ ଗୁଡିର ଅନେକ ଶ୍ରମିକଙ୍କୁ ପାରିଶ୍ରମିକ ମିଳିନଥିବା ବେଳେ ଅତିଶିଘ୍ର ପାରିଶ୍ରମିକ ପ୍ରଦାନ କରିବା, ଜମି ମରାମତୀ କରିଥିବା ହିତାଧିକାରୀଙ୍କୁ ଅତିଶିଘ୍ର ଟଙ୍କା ପ୍ରଦାନ କରିବା, ଆବାସ ଯୋଜନାରେ ଅର୍ଥ ହେରଫେର ଘଟଣାର ତଦନ୍ତ କରିବା, ବ୍ଲକର ଗରିବ ପରିବାରଙ୍କୁ ରାସନକାର୍ଡ ଯୋଗାଣ, ଯୋଗ୍ୟ ବ୍ୟକ୍ତିଙ୍କୁ ବାର୍ଦ୍ଧକ୍ୟ ଭତା ଯୋଜନା ସାମିଲ ଭଳି ଦାବୀ କରାଯାଇଥିଲା । ଆଜିର ଏହି ଆନ୍ଦୋଳନରେ ରାଜ୍ୟ ଦଳିତ ଅଧିକାର ମଂଚର ରାଜ୍ୟ ସଭାପତି କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱ ନେଇଥିବା ବେଳେ ଦୁଷ୍ମନ୍ତ ନିଆଲ, ପ୍ରଦୀପ ନାଏକ, କାର୍ତିକ ମହାନନ୍ଦ, ମୁନା ଜଗତ, ଫଂଚୁ ମାଝୀ, ତ୍ରିନାଥ ବେମାଲ, ଶିବ ହଂସ, ଗିରିଧାରୀ ସୁନା, ଛୋଟେଲାଲ ବାଗ, ରମେଶ ବାଗ, ଅନ୍ତରାମ ମହାନନ୍ଦଙ୍କ ସମେତ ଗ୍ରାମବାସୀ ମାନେ ସାମିଲ ଥିଲେ ।

# କନ୍ଧମାଳ ନବୋଦୟ ୬ଷ୍ଠ ଶ୍ରେଣୀରେ ନାମ ଲେଖାଇବାକୁ ପ୍ରବେଶିକା ପରୀକ୍ଷା ବୁଧବାର

କନ୍ଧମାଳ,୨୯/୭ (ନି.ପ୍ର): ଜବାହାର ନବୋଦୟ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ପ୍ରବେଶିକା ପରୀକ୍ଷା ଆଗାମୀ ଅଗଷ୍ଟ ମାସ ୧୧ ତାରିଖ(ବୁଧବାର) ଦିନ ଅନୁଷ୍ଠିତ ହେବ । କନ୍ଧମାଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିଷ୍ପତି କ୍ରମେ ଏଥି ପାଇଁ ଜିଲ୍ଲାର ପୂର୍ବ ନିର୍ଦ୍ଧାରୀତ ପାଞ୍ଚଟି ବିଦ୍ୟାଳୟ ପରିବର୍ତ୍ତେ ନୂତନ ଭାବେ ଅନ୍ୟ ପାଞ୍ଚଟି ବିଦ୍ୟାଳୟକୁ ପରୀକ୍ଷା କେନ୍ଦ୍ର ଭାବେ ସ୍ଥିର କରାଯାଇଛି । ଏହି ମର୍ମରେ, ଫୁଲବାଣୀ ବ୍ଲକ ଅଂଚଳରେ ଥିବା ତୁଡ଼ିପାଜୁ ସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟର ଅଧକ୍ଷଙ୍କ ଠାରୁ ପ୍ରାପ୍ତ ସୂଚନା ପ୍ରକାରେ କୋଭିଡ଼୍ ନିୟମାବଳୀର ସଠିକ ଅନୁପାଳନ ପୂର୍ବକ ତା. ୧୧.୦୮.୨୦୨୧ ରିଖ (ବୁଧବାର) ଦିନ ନୂତନ ଭାବେ ସ୍ଥିରୀକୃତ ଫୁଲବାଣୀ ପୌରାଞ୍ଚଳ ସ୍ଥିତ ସରସ୍ୱତୀ ଶିଶୁ-ବିଦ୍ୟା ମନ୍ଦିର ଓ ଏ.ଜେ.ଓ. ସରକାରୀ ଉଚ୍ଚ ବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ୍, ବାଲିଗୁଡ଼ା ବ୍ଲକ୍‌ର ବଡ଼ଗାଁ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଖଜୁରୀପଡ଼ା ବ୍ଲକ୍‌ର ଦୁଡିପଡ଼ା ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ରାଇକିଆ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ । ଜବାହାର ନବୋଦୟ ବିଦ୍ୟାଳୟରେ ଶିକ୍ଷାଲାଭ କରିବା ପାଇଁ ପଞ୍ଜୀକରଣ କରିଥିବା ଛାତ୍ରଛାତ୍ରୀମାନେ ସେମାନଙ୍କ ସଂଶୋଧିତ ଆଡ୍‌ମିଟ୍ କାର୍ଡ୍ ଯଥାଶୀଘ୍ର ଡାଉନ୍‌ଲୋଡ୍ କରିବାକୁ ଏବଂ ପରୀକ୍ଷା ଆରମ୍ଭର ଯଥାସମୟ ପୂର୍ବରୁ ଆଡ୍‌ମିଟ୍ କାର୍ଡ୍ ସହିତ ନିର୍ଦ୍ଧାରୀତ ପରୀକ୍ଷା କେନ୍ଦ୍ର ନିକଟରେ ଉପସ୍ଥିତ ରହିବାକୁ ଜବାହାର ନବୋଦୟ ବିଦ୍ୟାଳୟ ସମିତି ତରଫରୁ ପରାମର୍ଶ ଦିଆଯାଇଛି । ତତ୍ ସହିତ, ଆଡ୍‌ମିଟ୍ କାର୍ଡ୍‌ରେ ଉଲ୍ଲେଖ କରାଯାଇଥିବା କୋଭିଡ୍ ନିୟମାବଳୀର ସଠିକ ଅନୁପାଳନ କରିବାକୁ ମଧ ପାରୀକ୍ଷାର୍ଥୀମାନଙ୍କୁ ଅନୁରୋଧ କରାଯାଇଛି ।


# କନ୍ଧମାଳ କ୍ରିଏଟିଭ୍ ଆସୋସିଏସନ ଗଠନ ଓ କର୍ମକର୍ତ୍ତା ଚୟନ

କନ୍ଧମାଳ,୨୯/୭ (ନି.ପ୍ର): କନ୍ଧମାଳ ଜିଲାର କଳା ସଂସ୍କୃତିକୁ ଲୋକ ଲୋଚନକୁ ଆଣିବା ପାଇଁ କିଛି ଉତ୍ସାହୀ ଯୁବକଙ୍କ ଦ୍ୱାରା ଏକ ନୂତନ ପ୍ରୟାସ ଆରମ୍ଭ ହୋଇଛି । ଜିଲାର ଅନେକ କଳାକାର ଚଳଚ୍ଚିତ୍ର ଓ ଆଲବମ ସମେତ କଳା ଜଗତର ବିଭିନ୍ନ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରି ସାରିଥିଲେ ବି ସମନ୍ୱୟ ଅଭାବରୁ ଅନେକ ପ୍ରତିଭା ଲୋକ ଲୋଚନକୁ ଆସିପାରୁ ନାହାନ୍ତି । ତେଣୁ ଏଭଳି କିଛି କଳାକାର ମିଶି ଆରମ୍ଭ କରିଛନ୍ତି କନ୍ଧମାଳ କ୍ରିଏଟିଭ ଆସୋସିଏସନ । ନିଜ ନିଜ ଭିତରେ ସଦଭାବ ଓ ସମନ୍ୱୟ ରଖି ନିଜର କଳାତ୍ମକ ସୃଷ୍ଟିର ପ୍ରଚାର ପ୍ରସାର ସହିତ ସୁବିଧା ଅସୁବିଧାରେ ପରସ୍ପରକୁ ସହଯୋଗ କରିବା ପାଇଁ ଏହି ଅନୁଷ୍ଠାନ କାର୍ଯ୍ୟ କରିବ ବୋଲି କୁହାଯାଇଛି । ବିଭିନ୍ନ ଡିଜିଟାଲ ମିଡିଆ ପ୍ଲାଟଫର୍ମରେ ସ୍ଥାନୀତ ହେଉଥିବା କନ୍ଧମାଳ ଜିଲା କଳାକାର ମାନଙ୍କ ପ୍ରସ୍ତୁତି କିଭଳି ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଂଚି ପାରିବ ସେ ଦିଗରେ ମଧ୍ୟ ଏହି ସଂଗଠନ ପ୍ରୟାସ କରିବ । ଇତି ମଧ୍ୟରେ ଏହି ସଂଗଠନର ଏକ ବୈଠକ ଅନୁଷ୍ଠିତ ହୋଇ କର୍ମକର୍ତ୍ତା ଚୟନ କରାଯାଇଛି । ସୌମ୍ୟ ରଂଜନ ସାହାଣି ସଭାପତି ଭାବେ ମନୋନୀତ ହୋଇଥିବା ବେଳେ ଅମୀର କୁମାର ସାହାଣୀ ଉପ ସଭାପତି, ସୁଜିତ କୁମାର ବେହେରା ସଂପାଦକ, ଉତ୍କଳ ମହାରଣା ସହ ସଂପାଦକ,ଦୀପକ କୁମାର ଦିଗାଲ କୋଷାଧ୍ୟକ୍ଷ ଓ ଅଶୋକ କୁମାର ମହାନ୍ତି ମିଡିଆ ସଂଯୋଜକ ଭାବେ ମନୋନିତ ହୋଇଛନ୍ତି । ଅନୁଷ୍ଠିତ ବୈଠକରେ କମିଟିର ରଂଜିତ୍ କୁମାର ମହାନ୍ତି, ଅମୂଲ୍ୟ କୁମାର, ସୁଶାନ୍ତ ଚିନାରା, ସୁବ୍ରତ ବାଘ,ନାରାୟଣ ବେହେରା, ଶିବା ମୁଖୀ ,ଭାଗଗ୍ରାହୀ ବେହେରା, ଅନିଲ୍ କୁମାର, ସୌଜିତ୍ ପଟନାୟକ, ଲୁକୁନ୍ କୁମାର, ଜେଡ୍ ବୟ ବବୁଲ୍ ,ପ୍ରେମାନନ୍ଦ ବେହେରା, ଏ.ଏସ୍.ପପୁ ଓ ଅମରେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଦିଗ ଉପରେ ମତ ପ୍ରକାଶ କରିଥିଲେ ।

# ଅଜବ ହେଲେ ବି ଉପକାରୀ

**କେବଳ ଔଷଧ ଅସୁସ୍ଥତାରୁ ଆରୋଗ୍ୟ କରେ ନାହିଁ, ଅନେକ କ୍ଷେତ୍ରରେ ବିଭିନ୍ନ ପ୍ରକାର ଥେରାପିର ବ୍ୟବହାର କରାଯାଏ । ଚିକିତ୍ସକୀୟ ଥେରାପି ବାଦ୍ ଏପରି ଏକାଧିକ ଥେରାପି ରହିଛି ଯାହା ମଣିଷର ମାନସିକ ଅସୁସ୍ଥତା ଉପଶମ କରିବାରେ ଖୁବ୍ ଉପକାରୀ । ଶୁଣିବାକୁ ଅଜବ ଲାଗୁଥିଲେ ମଧ୍ୟ ଏହାର ଚମତ୍କାରୀ ପ୍ରଭାବ ରହିଛି ଏପରି ୫ଟି ଥେରାପି ସମ୍ପର୍କରେ ....**

### ମ୍ୟୁଜିୟମ ଥେରାପି:



କାନାଡାରେ ରୋଗୀମାନଙ୍କୁ ଆରୋଗ୍ୟ କରିବା ଲାଗି ମ୍ୟୁଜିୟମ ଥେରାପି ଖୁବ ଉପକାରୀ ହେଉଥିବା ଦେଖାଯାଉଛି । ଏଠାରେ ଡାକ୍ତରମାନେ ରୋଗୀଙ୍କୁ ମ୍ୟୁଜିୟମ ଦେଖିବା ଲାଗି ମାଗଣା ଭାଉଚର ଦେଉଛଇଥାନ୍ତି । ୯ମାସ ମଧ୍ୟରେ ୧୮୫ଟି ଭାଉଚରରେ ୭୪୦ ଜଣ ରୋଗୀ ମ୍ୟୁଜିୟମ ବୁଲିଆସିଲେଣି । ସେମାନଙ୍କ ସ୍ୱାସ୍ଥ୍ୟରେ ବେଶ ସୁଧାର ଆସିଥିବା ଡାକ୍ତର କହୁଛନ୍ତି। ଗତବର୍ଷ ନଭେମ୍ବର ମାସରେ ମଣ୍ଟ୍ରିଲ ମ୍ୟୁଜିୟମ ଅଫ୍ ଫାଇନ ଆର୍ଟସର ସଦସ୍ୟମାନେ ମେଡିସିନସ ଫ୍ରାନସୋଫାନସ ଡୁକାନାଡ଼ା ସହିତ ମିଶି ଏହି ଯୋଜନା କରିଥିଲେ । ଏଥିରେ ଡାକ୍ତର ରୋଗୀଙ୍କୁ ମ୍ୟୁଜିୟମ ବୁଲିବା ଲାଗି ମାଗଣା ଭାଉଚର ଦେଇଥାନ୍ତି । ମଣ୍ଟ୍ରିଲ ମ୍ୟୁଜିୟମ ବୁଲିବା ଲାଗି ଜଣକ ୩୧ଡଲାର ପଡୁଥିବା ବେଳେ ଡାକ୍ତର ଦେଇଥିବା ଗୋଟିଏ ଭାଉଚରରେ ଚାରିଜଣ ଯାଇପାରିବେ । ଏହାଦ୍ୱାରା ରୋଗୀମାନଙ୍କ ମନରେ ଜିଇବାର ଉତ୍ସାହ ବଢ଼ିଥାଏ ଏବଂ ସେମାନେ ଖୁବଶୀଘ୍ର ଆରୋଗ୍ୟ ଲାଭ କରିଥାନ୍ତି । ସାଧାରଣତଃ ଚିନ୍ତା, ଅବସାଦ, ଆଲଜାଇମର ସହିତ ବିଭିନ୍ନ ଶାରୀରିକ ଏବଂ ମାନସିକ ରୋଗରେ ଆକ୍ରାନ୍ତ ରୋଗୀ ଏବଂ ସେମାନଙ୍କ ପରିଜନଙ୍କୁ ଏହି ଭାଉଚର ଦିଆଯାଏ । ଏହା ବିଶ୍ୱରେ ସବୁଠାରୁ ଆଶ୍ଚର୍ଯ୍ୟକର ଚିକିତ୍ସା ଥେରାପି ଏବଂ ଏକବିଂଶ ଶତାବ୍ଦୀରେ ସାଂସ୍କୃତିକ ପରିବେଶ ସ୍ୱାସ୍ଥ୍ୟରେ ସୁଧାର ଆଣିବା ଲାଗି ସହାୟକ ହେବ ବୋଲି ଡାକ୍ତରମାନେ ମତ ଦିଅନ୍ତି ।




### ଆର୍ଟଥେରାପି

ପାଠପଢ଼ା ଚାପରେ ଛାତ୍ରଛାତ୍ରୀମାନେ ସାଧାରଣତଃ ବ୍ୟସ୍ତ ହୋଇପଡ଼ନ୍ତି ଏବଂ ମୁଣ୍ଡବ୍ୟଥାରେ ଆକ୍ରାନ୍ତ ହୁଅନ୍ତି ବୟସ୍କଙ୍କଠାରେ ଏହି ସମସ୍ୟା ଦେଖାଗଲେ ବି ସେମାନଙ୍କ ତୁଳନାରେ କିଶୋରମାନେ ଏଥିରେ ଅଧିକ ଆକ୍ରାନ୍ତ ହେଉଛନ୍ତି । ତେଣୁ ଗବେଷକମାନେ ସେମାନଙ୍କୁ ଏହି ସମସ୍ୟାରୁ ମୁକାଳିବା ଲାଗି ଏକ ଥେରାପି ଆବିଷ୍କାର କରିଛନ୍ତି । କଳା ଆଧାରିତ ଏହି ଥେରାପିର ନାଁ ଆର୍ଟ ଥେରାପି' । ଓ୍ୱାଶିଂଟନ ବିଶ୍ୱବିଦ୍ୟାଳୟର ଗବେଷକମାନେ ସିଆଟଲର ଏକ ହାଇସ୍କୁଲରେ ୧୪ରୁ ୧୭ବର୍ଷ ବୟସର ଛାତ୍ରୀମାନଙ୍କ ଉପରେ ଏହି ଥେରାପି ପ୍ରୟୋଗ କରିଥିଲେ । ଏଥିରେ ଜଣେ ଚିତ୍ର ଆଙ୍କିବା, ରଙ୍ଗ ଦେବା, ମୂର୍ତ୍ତି ଗଢ଼ିବା ଆଦି କାମ କରିପାରିବେ କିମ୍ବା ଏପରି ସୁନ୍ଦର କଳାକୃତିକୁ ଦେଖିପାରିବେ । ଏହା ମାନସିକ ଶାନ୍ତି ଦେବା ସହିତ ବିଭିନ୍ନ ମନସ୍ତାତ୍ତ୍ୱିକ ସମସ୍ୟାର ସମାଧାନ କରିଥାଏ । ବିଶୋରମାନଙ୍କ କ୍ଷେତ୍ରରେ ଏହି ଥେରାପି ଖୁବ୍ ସହାୟକ ହୋଇପାରିବ ବୋଲି ଏହି ରିପୋର୍ଟର ଲେଖକ ତଥା ଓ୍ୱାଶିଂଟନ ବିଶ୍ୱବିଦ୍ୟାଳୟର ମାନବକୈନ୍ଦ୍ରିକ ଡିଜାଇନ ଏବଂ ଇଞ୍ଜିନିୟରିଂ ବିଭାଗର ବୈଜ୍ଞାନିକ ଏଲିନ ଜୋରଲିଙ୍ଗ କହିଛନ୍ତି ।

### କ୍ଲାଉନ ଥେରାପି:



ଜୋକର ଦେଖିବାକୁ ପିଲାଙ୍କଠାରୁ ବଡ଼ଯାଏ ସମସ୍ତେ ପସନ୍ଦ କରନ୍ତି । ସାଧାରଣ ମଣିଷଟିଏ ଜୋକର ପରି ପୋଷାକ, ଟୋପି ପିନ୍ଧି ନାକରେ ବଲ ଲଗାଇ ଅସାଧାରଣ ଚରିତ୍ର ପାଲଟିଯାଏ । ଯେତେ ମନଦୁଃଖରେ ଥିଲେ ସୁଦ୍ଧା ଜୋକର ଦେଖିବା ମାତ୍ରେ ଆପେ ହସ ବାହାରିଆସେ । ଏବେ ଏହି ଜୋକର ବେଶଭୂଷା ଚିକିତ୍ସା ବିଜ୍ଞାନରେ ଏକ ଥେରାପି ଭାବେ ବ୍ୟବହୃତ ହେଉଛି । ମାନସିକ ରୋଗ ଚିକିତ୍ସକ ଚେରିଲ କାର୍ପ ନିଜ ଅନୁଭୂତିକୁ ନେଇ ୧୯୯୮ ମସିହାରେ କ୍ଲାଉନ୍ ଥେରାପି ଉପରେ ଏକ ଆଲେଖ୍ୟ ପ୍ରସ୍ତୁତ କରିଥିଲେ । ଏହାପରେ ଏହି ଥେରାପି ଦୃଷ୍ଟି ଆକର୍ଷଣ କରିଥିଲା ବିଶେଷକରି ଡ୍ରଗସ କବଳରେ ପଡ଼ୁଥିବା ଲୋକମାନଙ୍କୁ ଆରୋଗ୍ୟ କରିବା ଲାଗି ଏହା ସହାୟକ ହେଉଛି । ନେପାଳ ଭୂମିକମ୍ପ ବେଳେ ଆତଙ୍କିତ ଲୋକ ଏବଂ ଶିଶୁମାନଙ୍କୁ ଭୟମୁକ୍ତ କରିବା ଲାଗି ଏଭଳି କ୍ଲାଉନ ଥେରାପିର ଆଶ୍ରୟ ନିଆଯାଇଥିଲା । ମୁଖ୍ୟତଃ ଇସ୍ରାଏଲ ଏହି ଥେରାପି ବିଶେଷଜ୍ଞମାନଙ୍କୁ ନେପାଳ ପଠାଇଥିଲା ।

## ଶୂନ୍ୟ କାଲୋରି ଖାଦ୍ୟ



ଯେଉଁ ଖାଦ୍ୟ ମାଧ୍ୟମରେ ଶରୀରର କୌଣସି ଧରଣର ପୃଷ୍ଟିତଥା ଖାଦ୍ୟସାର ଓ ଜୀବସାର ପାଏନାହିଁ ଏବଂ କେବଳ ଗୁଡ଼ିଏକାଲାରି ପାଏ, ତାହାକୁ ଶୂନ୍ୟ କାଲୋରି ଖାଦ୍ୟ ବା ଇଂରେଜୀରେ ଏମ୍ପ୍ଟି କାଲୋରି ଫୁଡ୍ କୁହାଯାଏ। ସାଧାରର ଭାବେ ଦେଖିଲେ ସିମସ୍ତେ ଜଙ୍କ୍ ଫୁଡ୍ ଏହି ଜାତୀୟ ଖାଦ୍ୟ। ଜଙ୍କ୍ ଫୁଡ୍‌କୁ ଆମେ ସିଧାସଳଖ ଏମ୍ପ୍ଟି କାଲୋରି ଫୁଡ୍ କହିପାରିବା। ମୃଦୁ ପାନୀୟ, ସୁରା, ଅତ୍ୟଧିକ ଚିନି ଥିବା ଖାଦ୍ୟ, ମିଠା ତେଲ ଛଣା ଖାଦ୍ୟ, କେକ ପେଷ୍ଟ୍ରି କ୍ରଏସାଣ୍ଟ୍ ପିଜା, ବର୍ଗର, ମଇଦା ଓ ଲହୁଣି ପ୍ରସ୍ତୁତ ବିସ୍କୁଟ ଆଦି ଏଭଳି ଖାଦ୍ୟରେ ଉଦାହରଣ। ଏଭଳି ଖାଦ୍ୟ ମାଧ୍ୟମରେ ଶରୀର ପୁଷ୍ଟିସାର, ଖାଦ୍ୟସାର କି ଜୀବସାର ପାଏନାହିଁ। ପାଏ କେବଳ କ୍ଷତିକାରକ ଶ୍ୱେତସାର ଓ ସ୍ନେହସାର।

## ହସିବା କ୍ଷତିକାରକ !

ସମଗ୍ର ବିଶ୍ୱର ଏବେ ପ୍ରଚାରିତ ହେଉଛି ଯେ ହସିବା ସ୍ୱାସ୍ଥ୍ୟ ପାଇଁ ହିତକାରୀ । ଲୋକେ ଏବେ କମେଡି କାର୍ଯ୍ୟକ୍ରମ ନିୟମିତ ଦେଖୁଥିବାବେଳେ ଲାଫିଙ୍ଗ୍ କ୍ଲବ୍‌ରେ ମଧ୍ୟ ସଂଖ୍ୟାଧିକ ଲୋକ ଯୋଗ ଦେଉଛନ୍ତି । ଏପରିସ୍ଥଳେ ବ୍ରିଟେନ୍‌ନିବାସୀ ୧୫ ବର୍ଷୀୟା ଝିଅ ଜର୍ଡନ୍ କୁମର ହସିବା ମାତ୍ରେ ସଂଜ୍ଞାହୀନ ହୋଇଯାନ୍ତି । ଡାକ୍ତରଙ୍କ ମତରେ ସେଇ ସମୟରେ ତାଙ୍କ ଶରୀରରେ ଭିନ୍ନ ପ୍ରତିକ୍ରିୟା ସୃଷ୍ଟି ହେବା ସହ ପକ୍ଷାଘାତରେ ଆକ୍ରାନ୍ତ ହୁଅନ୍ତି । ଏହି ରୋଗର ନାମ 'କେଟେପ୍ଲେକ୍ସି' । ଏହା ସହ ଜର୍ଡନ୍ ମସ୍ତିଷ୍କ ରୋଗରେ ମଧ୍ୟ ଶିକାର, ଏଇ ଦୁଇଟି ରୋଗ କାରଣରୁ ତାଙ୍କ ଜୀବନଶୈଳୀ ପରିବର୍ତ୍ତନ ହୋଇଛି। । ଲୋକଙ୍କୁ ହସିବା ପାଇଁ ପରାମର୍ଶ ଦିଆଯାଉଥିବାବେଳେ ତାଙ୍କ ବାପା-ମା' କିନ୍ତୁ ସବୁ ସମୟରେ ସତର୍କ ଝିଅ ଯେମିତି ନ ହସୁ । କାରଣ ହସିବା ମାତ୍ରେ ସେ ବସିବା ସ୍ଥାନରୁ ଟଳି ପଡନ୍ତି ଓ ସଂଜ୍ଞାହୀନ ହୋଇଯାନ୍ତି । ତାଙ୍କ ସାଙ୍ଗସାଥୀ ଓ ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟିତ୍ରୀ ମଧ୍ୟ ଏ ବ୍ରବଦରେ ଖୁବ୍ ସଚେତନ । ନିଜ ଜୀବନର ଏହି ସତ୍ୟ ଜାଣିବା ପରେ ମଧ୍ୟ ଜର୍ଡନ୍‌ଙ୍କର ବିଶ୍ୱାସ ଯେ ଦିନେ ସେ ଏହି ରୋଗରୁ ମୁକ୍ତି ପାଇ ଏକ ସାଧାରଣ ଜୀବନଶୈଳୀ ଅତିବାହିତ କରିବେ ।



## କମ୍ ପାଣି ପିଇବାର ସମସ୍ୟା

**ବିଶେଷଜ୍ଞଙ୍କ ମତରେ ନିୟମିତ ଭାବେ ଆବଶ୍ୟକ ପରିମାଣର ପାଣି ପିଇଲେ କୌଣସି ଶାରୀରିକ ସମସ୍ୟା ଉପୁଜିନଥାଏ । ଉଷୁମ ପାଣି ମଧ୍ୟ ସ୍ୱାସ୍ଥ୍ୟ ପାଇଁ ହିତକାରୀ ।**

♦ ଦୈନିକ ୭-୮ ଗିଲାସ ପାଣି ନ ପିଇଲେ, ଖୁବ୍ ଥକା ଲାଗିଥାଏ । ରକ୍ତଚାପ ରୋଗୀମାନେ ପ୍ରତ୍ୟକ ସକାଳବେଳା ଉଷୁମ ପାଣି ପିଇ ଦିନର ଆରମ୍ଭ କରିବା ହିତକାରୀ ।

♦ ମୁଣ୍ଡବିନ୍ଧା, ମାନସିକ ଚାନ ଇତ୍ୟାଦି ସମସ୍ୟା ମଧ୍ୟ ପାଣିର ଅଭାବ କାରଣରୁ ଉପୁଜିଥିବାର ବିଶେଷଜ୍ଞଙ୍କ ମତ । ପାଣି ଆବଶ୍ୟକ ପରିମାଣରେ ପିଇଲେ ଶରୀରରୁ ବିଷତତ୍ତ୍ୱ ସହଜରେ ବାହାରିଯାଏ । ନଚେତ୍ ଏହା ଶରୀର ଭିତରେ ରହି ଅନ୍ୟାନ୍ୟ ରୋଗ ସୃଷ୍ଟି କରେ ।

♦ ପାଣିରେ ଅଭାବ ହେଲେ ଶରୀର ଡାହାଇଡ୍ରେସନ୍ ହୋଇଯାଇଥାଏ । ପରୀକ୍ଷାରୁ ଜଣାପଡିଛି ଯେ ପର୍ଯ୍ୟାପ୍ତ ପରିମାଣରେ ପାଣି ନ ପିଇଲେ ହୃଦ୍‌ରୋଗର ଆଶଙ୍କା ମଧ୍ୟ ହୋଇଥାଏ ।

♦ ଯୁବତୀ ଓ ମହିଳାମାନେ ତ୍ୱଚାରେ ଚମକ ଆଣିବାକୁ ଚାହୁଁଥିଲେ ପ୍ରତ୍ୟହ ୪-୫ ଗିଲାସ ଉଷୁମ ପାଣି ପିଇବା ଲାଭପ୍ରଦ ।

♦ ପାଣି ନ ପିଇଲେ ଶରୀରରେ କୋଲେଷ୍ଟୋରଲ୍ ସ୍ତର ବଢ଼ିବା ସହ ମେଦବହୁଳ ରୋଗରେ ଆକ୍ରାନ୍ତ ହେବାର ଭୟ ରହିଛି ।



## ପାଉଁରୁଟିରେ ସୁଆଦିଆ ଜଳଖିଆ




ସକାଳୁ ଉଠିବା ପରେ ଗୃହିଣୀ ଓ କର୍ମଜୀବୀ ମହିଳାଙ୍କ ମୁଖ୍ୟ ଚିନ୍ତା ହେଲା, ଆଜିର ଜଳଖିଆ ପ୍ରସ୍ତୁତି କ'ଣ ହେବ ? ରୁଟି, ପରଟା ଇତ୍ୟାଦି ସହ ତରକାରି ନ ହେଲେ ଖାଦ୍ୟ ପାଟିକୁ ରୁଚିନଥାଏ । ଚଟାପଟ୍ ଜଳଖିଆ କରି ନିଶ୍ୱାସ ନେବାକୁ ଚାହୁଁଥିଲେ, ସପ୍ତାହରେ ୨-୩ଦିନ ପାଉଁରୁଟିରେ ଜଳଖିଆ ତିଆରି କରନ୍ତୁ । ଏସବୁ ବେଶ୍ ରୁଚିକର ହୋଇଥିବାବେଳେ ସ୍ୱାସ୍ଥ୍ୟ ପାଇଁ ହାନିକାରକ ନୁହେଁ । ଭଲ କମ୍ପାନୀର ଓ ଏକ୍ସପାୟେରୀ ଡେଟ୍ ଥିବା ପାଉଁରୁଟି କିଣି ଆଣନ୍ତୁ । ଏଇ ସପ୍ତାହରେ ପାଉଁରୁଟିକୁ ନେଇ ଜଳଖିଆ ପ୍ରସ୍ତୁତ କରନ୍ତୁ । ଦେଖିବେ, ପିଲାଠାରୁ ବୟସ୍କ ସମସ୍ତେ ମନଭରି ଖାଇବେ ।



■ ପାଉଁରୁଟିକୁ ଟୋଷ୍ଟର୍ କିମ୍ବା ତାଓ୍ୱାରେ ଭଲ ଭାବେ ଗରମ କରି ଏଥିରେ ସୋୟାବିନ୍ ଓ ବିଭିନ୍ନ ପ୍ରକାର ଫଳର ପରସ୍ତ ପରସ୍ତ ଦେଇ ଖାଆନ୍ତୁ । ପୂର୍ବ ରାତିରୁ ସୋୟାବିନ୍‌କୁ ଅଳ୍ପ ଭାଜି ରଖିଦେଇଥିବେ । ସେଓ, ଅଙ୍ଗୁର, କମଳା, କଦଳୀକୁ ଛୋଟ ଆକାରରେ କାଟି ପାଉଁରୁଟି ଉପରେ ପରସ୍ତ ଭାବେ ସଜାଇ ଦେଇ ସପରିବାରେ ଖାଆନ୍ତୁ । ସମସ୍ତଙ୍କ ଖୁବ୍ ପସନ୍ଦ ଆସିବ ।

■ ପନିର୍ ପିଲାଙ୍କର ପ୍ରଥମ ପସନ୍ଦ । ରାତିରୁ ପନିର୍‌କୁ ଅଳ୍ପ ପିଆଜ ଦେଇ ଭାଜି ଫ୍ରିଜ୍‌ରେ ରଖିବେ । ସକାଳୁ ସେଥିରେ ଧନିଆ ପତ୍ର, ପୋଦିନା ପତ୍ର ଚୁନିଚୁନି କାଟି ମିଶାଇ ପାଉଁରୁଟିରେ ଦେଇ ସେକିଦିଅନ୍ତୁ । ଏହା ପନିର୍ ଟୋଷ୍ଟ୍ ବ୍ରେଡ୍ । ଏପରି ଜଳଖିଆ ଖାଇଲେ ପେଟ ଭର୍ତ୍ତି ହେବା ସହ ଶରୀରକୁ ଶକ୍ତି ଯୋଗାଇଥାଏ ।

■ ମନପସନ୍ଦର ପରିବା ଯେପରି ବ୍ରୋକୋଲି, ଫୁଲକୋବି ଇତ୍ୟାଦିକୁ ଭାଜି କିମ୍ବା ସିଝାଇ ପରେ ଅଳ୍ପ ଗୋଲମରିଚ ଓ ଲୁଣ ମିଶାଇ ପାଉଁରୁଟିରେ ସେକି ଖାଆନ୍ତୁ । ଏହି ଜଳଖିଆର ସ୍ୱାଦ ମଧ୍ୟ ଖୁବ୍ ଭଲ ।










## ଡାଏଟ୍ ପିଲ୍‌ର ପାର୍ଶ୍ୱ ପ୍ରତିକ୍ରିୟା

କର୍ମବ୍ୟସ୍ତତା ମଧ୍ୟରେ ଅନେକ ଲୋକ ଖାଦ୍ୟପେୟ ଉପରେ ଧ୍ୟାନ ଦେଇ ନ ପାରିବା ଯୋଗୁ ଡାଏଟ୍ ପିଲ୍ ନେଉଛନ୍ତି । ଏହି ପିଲ୍‌ରେ ଭିଟାମିନ୍ସ୍, ମିନେରାଲ୍ସ ଓ ଅନେକ ଖଣିଜ ପଦାର୍ଥ ରହିଛି ଯାହା ଖାଦ୍ୟାଭାବକୁ ପୂରା କରିଥାଏ । ହେଲେ ଡାଏଟ୍ ପିଲ୍ ଇଟିଙ୍ଗ୍ ଡିସଅର୍ଡର ସମସ୍ୟା ବଢାଇପାରେ ? ଅଧ୍ୟୟନରୁ ଜଣାପଡିଛି ବର୍କବ୍ୟସ୍ତତା ବା ଓଜନ କମ୍ କରିବା ପାଇଁ ଯେଉଁମାନେ ଖାଦ୍ୟ ପରିବର୍ତ୍ତେ ଡାଏଟ୍ ପିଲ୍ ବା ସିରପ୍ ବ୍ୟବହାର କରୁଛନ୍ତି ସେମାନଙ୍କୁ ୧-୩ ବର୍ଷ ମଧ୍ୟରେ ଇଟିଙ୍ଗ୍ ଡିଜର୍ଡର ସମସ୍ୟା ରହିଛି । ଏଥି ସହ ଉଚ୍ଚ ରକ୍ତଚାପ, ଯକୃତ ଓ କିଡ୍‌ନୀର ସମସ୍ୟା ସମ୍ବନ୍ଧୀୟ ଗମ୍ଭୀର ସମସ୍ୟା ମଧ୍ୟ ହୋଇପାରେ । ଏହା ପାଚନ ତନ୍ତ୍ର ଉପରେ ମଧ୍ୟ ପ୍ରଭାବ ପକାଇଥାଏ । ୨୦୦୧-୧୬ ମଧ୍ୟରେ ୧୪ରୁ ୩୬ ବର୍ଷ ବୟସର ୧୦,୦୫୮ ମହିଳାଙ୍କ ଉପରେ ରିସର୍ଚ୍ଚ କରାଯାଇଥିଲା । ପିଲ୍ ବ୍ୟବହାର କରୁଥିବା ୧.୮% ୧-୩ ବର୍ଷ ମଧ୍ୟରେ ବା ପ୍ରଥମରୁ ହିଁ ଇଟିଙ୍ଗ୍ ଡିଜର୍ଡର ସମସ୍ୟା କହିଥିଲେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଭାରତ ଓ ଆମେରିକାର ସମ୍ପର୍କ...

ଆମେରିକା ବୈଦେଶିକ ସଚିବ ଆଣ୍ଟୋନି ବ୍ଲିଙ୍କେନଙ୍କ ଦୁଇଦିନିଆ ନୂଆଦିଲ୍ଲୀ ଗସ୍ତ ବିଶେଷ ମହତ୍ତ୍ୱ ବହନ କରେ । ପରାରାଷ୍ଟ୍ର ସଚିବ ଭାବେ ଦାୟିତ୍ୱ ଗ୍ରହଣ ପରେ ଶ୍ରୀ ବ୍ଲିଙ୍କେନଙ୍କର ଏହା ପ୍ରଥମ ଭାରତ ଗସ୍ତ । ବିଶେଷ କରି ଆଫଗାନିସ୍ତାନରୁ ମାର୍କିନ୍ ସେନାଙ୍କ ସଂପୂର୍ଣ୍ଣ ଅପସାରଣ ଆଉ ମାତ୍ର ଗୋଟିଏ ଚିନ୍ତିତ ରହିଛି । ତେଣୁ ଶ୍ରୀ ବ୍ଲିଙ୍କେନ ତାଙ୍କର ନୂଆଦିଲ୍ଲୀ ରହଣି କାଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ.ଜୟଶଙ୍କର ଏବଂ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସହିତ ଦ୍ୱିପାକ୍ଷିକ, କ୍ଷେତ୍ରୀୟ ତତା ବୈଶ୍ୱିକ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରିଛନ୍ତି । ସୂଚନାଯୋଗ୍ୟ ଯେ, ଏହିସବୁ ପ୍ରସଙ୍ଗରେ ଉଭୟ ରାଷ୍ଟ୍ରଙ୍କର ସମୂହ ସ୍ୱାର୍ଥ ନିହିତ । ମୁଖ୍ୟତଃ ଏବେ ଆଫଗାନିସ୍ତାନ ପ୍ରସଙ୍ଗକୁ ନେଇ ଆମେରିକା ଓ ଭାରତ ମଧ୍ୟରେ ବିଶେଷ କୂଟନୈତିକ ଓ ରଣନୀତିକ ସମନ୍ୱୟ ରକ୍ଷାର ଆବଶ୍ୟକତା ରହିଛି । ଦୀର୍ଘ କୋଡ଼ିଏ ବର୍ଷ ପରେ ମାର୍କିନ୍ ସେନା ଆଫଗାନିସ୍ତାନରୁ ଯେତେବେଳେ ଫେରି ଯାଉଛନ୍ତି, ସେତେବେଳେ ପୁଣି ଥରେ ତାଲିବାନ୍ କବଳକୁ ସେ ଦେଶ ଚାଲିଯାଉଛି ଏବଂ ଏହି ଅବଧିରେ ଭାରତ ଓ ଦେଶର ପୁନଃନିର୍ମାଣ ନିମନ୍ତେ ବିଭିନ୍ନ ପ୍ରକଳ୍ପରେ ପ୍ରାୟ ତିନିଶହ କୋଟିରୁ ଅଧିକ ଡଲାର ଖଟାଇଛି । ସେସବୁ ପ୍ରକଳ୍ପ ଅସଂପୂର୍ଣ୍ଣ ଅବସ୍ଥାରେ ରହିଛି । ଆଫଗାନିସ୍ତାନରେ ପ୍ରାୟ ପଚାଶ ହଜାରରୁ ଊର୍ଦ୍ଧ୍ୱ ଭାରତୀୟ ନାଗରିକ ରହିଛନ୍ତି ଯେଉଁମାନଙ୍କ ଭବିଷ୍ୟତ ଉତ୍ପନ୍ନ ସ୍ଥିତିରେ ସଂପୂର୍ଣ୍ଣ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଉଛି । ତାଲିବାନ ଗୋଷ୍ଠୀଙ୍କ ସହିତ ଭାରତର ସଂପର୍କ ୨୦୦୧ରୁ ଯାହା ଥିଲା ଏବେ ମଧ୍ୟ ସେଇଆ ରହିଛି । କିନ୍ତୁ ଆମେରିକା ସମୟ ବଦଳିବା ସହିତ ନିଜର ମତ ବଦଳାଇ ଏବେ ସେଠାରୁ ପ୍ରସ୍ଥାନ କରୁଛି । ଏଭଳି ସ୍ଥିତିରେ ଦକ୍ଷିଣ ଏସିଆ କ୍ଷେତ୍ରରେ କିଭଳି ନିରାପତ୍ତା ସ୍ଥିତି ଉତ୍ପନ୍ନ ହେବାକୁ ଯାଉଛି ଏବଂ ସେଥିରେ ଭାରତର ରଣନୀତିକ ସହଯୋଗୀ ରାଷ୍ଟ୍ର ଭାବେ ଆମେରିକାର କି ଭୂମିକା ରହିବ ତାହା ସ୍ପଷ୍ଟ ହୋଇନାହିଁ । ଭାରତ ଏଥିନେଇ ୱାସିଂଟନ କର୍ତ୍ତୃପକ୍ଷଙ୍କ ଠାରୁ ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ଚାହେଁ । ସେହିଭଳି ଭାରତ- ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଭାରତ ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁ ବୋଲି ଆମେରିକା ସଦାବେଳେ କହିଆସୁଛି । ଏହାର ମୂଳ ଉଦ୍ଦେଶ୍ୟ ହେଉଛି ଚୀନ୍‌ର ପ୍ରାଧାନ୍ୟକୁ ପ୍ରତିହତ କରିବା । କିନ୍ତୁ ଭାରତ ପାଇଁ ସେଭଳି ପ୍ରସ୍ତାବକୁ ଗ୍ରହଣ କରିବାକୁ ହେଲେ ଆମେରିକା ମଧ୍ୟ ଆଫଗାନିସ୍ତାନରେ ତା'ର ସାମରିକ ପ୍ରଭାବ ରକ୍ଷା କରିବା ଜରୁରି ବୋଲି ନୂଆଦିଲ୍ଲୀ ସଦାବେଳେ କହିଆସିଛି । ଗତ ମେ' ମାସରେ ଏହି ପ୍ରସଙ୍ଗରେ ଆଲୋଚନା କରିବା ନିମନ୍ତେ ବୈଦେଶିକ ମନ୍ତ୍ରୀ ଜୟଶଙ୍କର ୱାସିଂଟନ୍ ଗସ୍ତରେ ଯାଇଥିଲେ ସୁଦ୍ଧା ରାଷ୍ଟ୍ରପତି ଜୋ ବାଇଡେନଙ୍କ ସହିତ ତାଙ୍କର ସାକ୍ଷାତ ହୋଇପାରିନଥିଲା । ଅନ୍ୟପକ୍ଷରେ କରୋନା ମହାମାରୀ ନିୟନ୍ତ୍ରଣ ପ୍ରସଙ୍ଗକୁ ନେଇ ଭାରତ ଓ ଆମେରିକା ମିଳିତ ଭାବେ ଘନିଷ୍ଠ ସହଯୋଗର ସହ କାର୍ଯ୍ୟ କରିବାକୁ ବାରମ୍ବାର ପ୍ରତିବଦ୍ଧତା ପ୍ରକଟ କରିଆସୁଥିଲେ ସୁଦ୍ଧା ଭାରତରେ ଦ୍ୱିତୀୟ ଲହରର ସର୍ବାଧିକ ପ୍ରଭାବ ବେଳେ ପ୍ରତିଷେଧକ ଟିକା ପ୍ରସ୍ତୁତି ନେଇ ଆବଶ୍ୟକ ରାସାୟନିକ ସାମଗ୍ରୀ ଉପରେ ୱାସିଂଟନ୍ ପ୍ରଶାସନ ସାମୟିକ ଭାବେ ନିୟନ୍ତ୍ରଣ ଲଗାଇଥିଲେ । ଏହିସବୁ ପ୍ରସଙ୍ଗକୁ ନିରେଖି ବିଚାର କଲେ ବାଇଡେନ ପ୍ରଶାସନକୁ ଭାରତ ନୀତି ସଂପର୍କରେ ଏପର୍ଯ୍ୟନ୍ତ କୌଣସି ବିଷୟ ଚୂଡ଼ାନ୍ତ ହେବା ପରି ପ୍ରତୀୟମାନ ହୁଏନାହିଁ । ଭାରତ-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କ ସ୍ୱାଭାବିକ ରହିଛି ସତ, କିନ୍ତୁ ଆଫଗାନିସ୍ତାନ ଓ କରୋନା ମହାମାରୀ ବିରୋଧରେ ଲଢ଼େଇ ଭଳି ପ୍ରସଙ୍ଗ ଏହାର ଗଭୀରତାକୁ ଲୋକଲୋଚନକୁ ଆଣିଛି । ଏପରିକି ଏବେ ଚୀନ୍ ସହ ଦ୍ୱିପାକ୍ଷିକ ବାଣିଜ୍ୟ କାରବାରକୁ ନେଇ ମଧ୍ୟ ଆମେରିକା ଗୋଟିଏ କଥା କହୁଥିବା ବେଳେ ଆଉ ଗୋଟିଏ କଥା କାର୍ଯ୍ୟତଃ ପ୍ରଦର୍ଶନ କରୁଛି । ତେଣୁ ଆଣ୍ଟୋନି ବ୍ଲିଙ୍କେନଙ୍କ ନୂଆଦିଲ୍ଲୀ ଗସ୍ତ ଏବଂ ଶୀର୍ଷ ନେତୃବର୍ଗଙ୍କ ସହ ଆଲୋଚନାର ନିର୍ଯ୍ୟାସ ଆଗାମୀ ଦିନରେ ଦୁଇ ଦେଶ ମଧ୍ୟରେ ରଣନୀତିକ ସଂପର୍କକୁ ଦିଶା ନିର୍ଦ୍ଦେଶ କରିବାରେ ସହାୟକ ହେବ । ଭାରତ ଏବେ ଆମେରିକା ସହ ବାସ୍ତବତା ଆଧାରରେ ଏହିସବୁ ପ୍ରସଙ୍ଗ ଆଲୋଚନା କରିବା ଉଭୟ ରାଷ୍ଟ୍ର ପାଇଁ ଶୁଭଙ୍କର ହେବ ।

# ସଙ୍କଟରେ ଆଫଗାନିସ୍ତାନ

ସୌମେନ୍ଦ୍ର ଜେନା
ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩

ଏସିଆ ମହାଦେଶର ରକ୍ତାକ୍ତ ଯୁଦ୍ଧଭୂମି ଭାବେ ଗତ ୪୦ବର୍ଷରୁ ଅଧିକ ସମୟ ଧରି ସଙ୍କଟରେ ଘାଣ୍ଟି ହେଉଛି ଆଫଗାନିସ୍ଥାନ । ଏକ ଦୁର୍ବଳ ପଡୋଶୀ ରାଷ୍ଟ୍ର ଭାବେ ଆଫାଗାନିସ୍ଥାନକୁ ରଖି ଆଜିଯାଏ ଭିନ୍ନ ଭିନ୍ନ ପ୍ରକାରେ ନିୟନ୍ତ୍ରଣ ଓ ଶୋଷଣ କରିଆସିଛି ପାକିସ୍ଥାନ । କେବେ ଆମେରିକାର ସହଯୋଗ ନେଇ ମୁଜାହିଦ୍ଦୀନ ଗୋଷ୍ଠୀ ନିର୍ମାଣ କରିଛି ତ କେବେ ପୁଣି ସନ୍ତ୍ରାସବାଦୀ ଗୋଷ୍ଠୀଗୁଡିକର ସହାୟତା ତାଲିବାନକୁ ଯୋଗାଇ ଦେଇ ଆସିଛି । ପାକିସ୍ଥାନର ଏହି ଷଡଯନ୍ତ୍ର ପଛରେ ଗୋଟିଏ ମନ୍ଦ ଉଦ୍ଦେଶ୍ୟ ହେଲା ଆଫଗାନିସ୍ଥାନକୁ ନିଜ ଅକ୍ତିଆରରେ ରଖି ଉପଯୋଗ କରିବା । ଆଫଗାନିସ୍ଥାନର ଆର୍ଥିକ ସ୍ଥିତିକୁ ଖରାପ କରିବା ଲାଗି ବ୍ରିଟିସ ସେନାଧିକାରୀଙ୍କ ସହାୟତାରେ ଅତୀତରେ କାଶ୍ମୀର ଦଖଲ ଅଭିଯାନ ହୋଇଥିଲା ଯାହାର ଫଳସ୍ୱରୂପ ଆଫଗାନିସ୍ଥାନ ସବୁଦିନ ପାଇଁ ଭାରତକୁ ସଡକପଥ ଯୋଗାଯୋଗ ସୁବିଧା ହରାଇ ବସିଲା । କେନ୍ଦ୍ର ଏସିଆ ସହ ଭାରତର ବାଣିଜ୍ୟିକ ସଂପର୍କର ସଡକପଥ ବନ୍ଦ କରିବା ଏହାର ମୂଳ ଉଦ୍ଦେଶ୍ୟ ରହିଥିଲା । ସେଥିପାଇଁ ଆର୍ଥିକ ଦୃଷ୍ଟିରୁ ଭାରତ ଆଜିଯାଏ ସତୁରୀବର୍ଷରୁ ଅଧିକ କାଳ କ୍ଷତି ସହି ଆସିଲା ବେଳେ ଆଫଗାନ ଲୋକେ ଏକ ପ୍ରକାର ବରବାଦ ହୋଇଗଲେ । ସେମାନେ ଶୁଖିଲା ଖାଦ୍ୟ ପଦାର୍ଥକୁ ଭାରତପରି ଏକ ବଡ ଦେଶକୁ ବିକ୍ରି କରି ଯେଉଁ ଲାଭ ପାଉଥିଲେ ତାହା ସମ୍ଭବ ନହେବାରୁ ସେମାନଙ୍କର ବାଣିଜ୍ୟିକ କ୍ଷତି ଢେର ଅଧିକ ହେଲା, ଯାହାର ସୁଯୋଗରେ ପାକିସ୍ଥାନର ଶାସକମାନେ ଆଫଗାନିସ୍ଥାନରେ ଆଜିଯାଏ ଅସ୍ଥିରତାକୁ କାଏମ କରି ଆସିଛନ୍ତି । ଆଫଗାନିସ୍ଥାନର ରାଜଶାସନ ୧୯୭୩ରେ ଅସ୍ଥିର ହେବାପରେ ରୁଷିଆ ଆଫଗାନିସ୍ଥାନରେ ପ୍ରଭାବ ବିସ୍ତାର କରିଥିଲା ୧୯୮୩ରେ ରୁଷିଆ-ଆଫଗାନ ଯୁଦ୍ଧ ହେଲା ଏବଂ ଆମେରିକା ରୁଷିଆର ପ୍ରଭାବ ହ୍ରାସ କରିବାକୁ ପାକ୍ ସହାୟତାରେ ମୁଜାହିଦ୍ଦୀନ ସୃଷ୍ଟି କଲା । ୧୯୯୧ରେ ଆଫଗାନିସ୍ଥାନ ପୂର୍ବ ରାଜା ହାଜି ମହମ୍ମଦ ଜାହିରଶାହ ଆଫଗାନିସ୍ଥାନର ବିକାଶ ପାଇଁ ଉଦ୍ୟମ କରିଥିଲେ ହେଁ ମୁଜାହିଦ୍ଦୀନ ଗୋଷ୍ଠୀର ବିରୋଧ ହେତୁ ସଫଳ ହୋଇପାରିଲେ ନାହିଁ । ତେବେ ଆଫଗାନିସ୍ଥାନର ରାଷ୍ଟ୍ରପତି ନଜିବୁଲ୍ଲା ଢେରଦିନ ଧରି ରୁଷ ସରକାରଙ୍କ ସହାୟତା କ୍ରମେ ସରକାରରେ ରହିଥିଲେ ମଧ୍ୟ ସୋଭିଏତ୍ ରୁଷିଆର ପତନ ଯୋଗୁ ଆର୍ଥିକ ଓ ସାମରିକ ସହାୟତା ନ ପାଇବାରୁ ଦୁର୍ବଳ ହେଲେ ଏବଂ ପରିଶେଷରେ ମୁଜାହିଦ୍ଦୀନ ଗୋଷ୍ଠୀ କାବୁଲକୁ ଦଖଲ କରି ବର୍ବରତାର ସହ ନଜିବୁଲ୍ଲାଙ୍କୁ ସର୍ବସମ୍ମୁଖରେ ଫାଶୀ ଦେଇଥିଲେ ।


ଦେଖିବାକୁ ଗଲେ ନଜିବୁଲ୍ଲାଙ୍କ ସରକାର ଆଫାଗାନିସ୍ଥାନର କ୍ଷମତାରୁ ୧୯୯୨ରେ ଯିବାପରଠାରୁ ଶାସନଗତ ଅସ୍ଥିରତା ଜାରିରହିଛି । ନଜିବୁଲ୍ଲା ୧୯୬୫ରୁ ୧୯୯୨ ଯାଏ ଆଫଗାନ ସେନାଧିକାରୀ ରହି ଆସିଥିଲେ । ତେଣୁ ସେ ରାଜାଙ୍କ ପରେ ସଫଳ ଶାସକ ଥିଲେ । ତାଙ୍କର ଉଚ୍ଚ ଶିକ୍ଷାଗତ ଯୋଗ୍ୟତା, ପ୍ରଶାସନିକ ଅନୁଭବ ଅଧିକ ସହାୟକ ହୋଇଥିଲା । କିନ୍ତୁ ଆମେରିକା ସରକାର ନଜିବୁଲ୍ଲାଙ୍କୁ ହଟାଇ ନିଜ ପ୍ରଭୁତ୍ୱ ବୃଦ୍ଧି କରିବାକୁ ପାକ୍ ସରକାରଙ୍କ ସହାୟତାରେ ଯେଉଁ ସନ୍ତ୍ରାସବାଦୀ ଗୋଷ୍ଠୀ ସୃଷ୍ଟିକଲେ ତାର ପରିଣାମ ସ୍ୱରୂପ ଆମେରିକାର ୱାର୍ଲଡ ଟ୍ରେଡ ସେଣ୍ଟର ଧ୍ୱଂସ ପାଇଁ ଯୋଜନା ଆଫଗାନିସ୍ଥାନରୁ ହେଲା, ଯେଉଁଥିରେ ପାକ୍ ସରକାରଙ୍କ ସହମତି ରହିଥିଲା । ଏପରିକି ଆକ୍ରମଣ ପରେ ସନ୍ତ୍ରାସବାଦୀ ଲାଡେନକୁ ପାକ୍ ସରକାର ଦୀର୍ଘ ବର୍ଷ ଧରି ଶରଣ ଦେଇ ରଖି ଆସିଥିଲେ । କହିବାକୁ ଗଲେ ଆଫଗାନିସ୍ଥାନରୁ ରୁଷିଆ ସମର୍ଥିତ ନଜିବୁଲ୍ଲା ସରକାରକୁ ହଟାଇବାକୁ ପାକ୍ ଆମେରିକା ଅର୍ଥରେ ଡବଲ ଗେମ ଖେଳି ଉଭୟ ଆଫଗାନିସ୍ଥାନ ଏବଂ ଭାରତର କାଶ୍ମୀରକୁ ଅଶାନ୍ତ କରିବାକୁ ସକ୍ଷମ ହୋଇଥିଲା । ଆଫଗାନିସ୍ଥାନର ସନ୍ତ୍ରାସବାଦୀଙ୍କୁ କାଶ୍ମୀରକୁ ପଠାଇ ଧ୍ୱଂସଲୀଳା ସୃଷ୍ଟି କରିଥିଲା । ଆମେରିକାର ଅର୍ଥରେ ସନ୍ତ୍ରାସବାଦୀ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯାଇ ଥିଲା ଯାହା ଆଜିଯାଏ ଦୀର୍ଘ ୪୦ବର୍ଷ ହେଲା କାର୍ଯ୍ୟ କରିଆସୁଛି । ପ୍ରତିବର୍ଷ ସେଠାରୁ ହଜାର ହଜାର ସନ୍ତ୍ରାସବାଦୀ ସୃଷ୍ଟିହୋଇ ସମଗ୍ର ବିଶ୍ୱକୁ ଅଶାନ୍ତ କରିବା ପାଇଁ ଯାଉଛନ୍ତି ଫଳରେ ମଧ୍ୟ ପ୍ରାଚ୍ୟ, ଇଉରୋପ, ଏସିଆ ଓ ଆଫ୍ରିକାରେ ଏହ ମୌଳବାଦୀ ମୁସଲିମ ଗୋଷ୍ଠୀ ଆଜି ଢେର ପ୍ରଭାବଶାଳୀ ହୋଇଛନ୍ତି । ସେମାନେ ଅନେକ ଦେଶରେ ଆଫଗାନିସ୍ଥାନ ପରି ସମସ୍ୟା ସୃଷ୍ଟି କରିବାକୁ ଚାହୁଁଛନ୍ତି । ଆଜି ମଧ୍ୟ ତାଲିବାନ ଗୋଷ୍ଠୀରେ ଏହି ସନ୍ତ୍ରାସବାଦୀମାନେ ପାକିସ୍ଥାନରୁ ଯାଇ ଯୋଗ ଦେଉଛନ୍ତି । ଏମାନଙ୍କ ମଧ୍ୟରୁ ଅନେକ ମୃତ୍ୟୁବରଣ କଲାପରେ ସେମାନଙ୍କ ଶବକୁ ଏବେ ପାକ୍ ସରକାରଙ୍କୁ ଆଫଗାନି କର୍ତ୍ତୃପକ୍ଷ ହସ୍ତାନ୍ତରଣ କରିଛନ୍ତି ।

ତେବେ ଆଜିର ଆଫଗାନିସ୍ଥାନ ସମସ୍ୟା ପାଇଁ ସବୁଠୁ ଅଧିକ ଆମେରିକା ଓ ପାକିସ୍ଥାନ ଏଥିପାଇଁ ଦାୟୀ । ଏହି ଦୁଇ ରାଷ୍ଟ୍ରର ସଂକୀର୍ଣ୍ଣ ଦୃଷ୍ଟିକୋଣ ଯୋଗୁ ଏବେ ଆଫଗାନିସ୍ଥାନ ସଙ୍କଟର ସମ୍ମୁଖୀନ । ସନ୍ତ୍ରାସବାଦୀ ଗୋଷ୍ଠୀଙ୍କ ଭସ୍ମାସୁର ମାଡରେ ଘାଇଲା ହୋଇ ଦୀର୍ଘ ୧୯ ବର୍ଷ ହେଲା ନାଟୋ ବାହିନୀକୁ ଆଫଗାନିସ୍ଥାନରେ ରଖି ଆମେରିକା ବିଶେଷ କିଛି ସଫଳତା ଲାଭ କରିନପାରି ଏବେ ଲାଙ୍ଗୁଡ ଜାକି ସମସ୍ତଙ୍କ ଅଜାଣତରେ ରାତିରେ ଫେରିବାକୁ ବାଧ ହୋଇଛି। ଏପରିକି ଆଫଗାନିସ୍ଥାନରୁ ବିନା ମାଡରେ ବାହାରିବା ପାଇଁ ପ୍ରାୟ ୫୦୦୦ ସନ୍ତ୍ରାସବାଦୀଙ୍କୁ ଜେଲରୁ ମୁକ୍ତ କରାଇଛି । ସେହି ସନ୍ତ୍ରାସବାଦୀମାନେ ଜେଲରୁ ବାହାରିବା ପରେ ଏବେ ଅଧିକ ସକ୍ରୀୟ ହୋଇ ପାକିସ୍ଥାନର ସେନାଙ୍କ ସହ ମିଶି କାର୍ଯ୍ୟ କରୁଛନ୍ତି । ପାକ୍ ସେନାବାହିନୀର ଲୋକେ ସିଧାସଳଖ ତାଲିବାନର ନେତୃତ୍ୱ ନେଉଛନ୍ତି, ଆଇଏସ୍ଆଇ ଲୋକେ ସୂଚନା ଦେଉଛନ୍ତି । ଯାହାଫଳରେ ଏତେ କମ ଦିନରେ ଆକସ୍ମିକ ସଫଳତା ତାଲିବାନ ଗୋଷ୍ଠୀକୁ ମିଳିବା ଦେଖାଯାଉଛି । ପୂର୍ବପରି ଉତ୍ତର ଆଫଗାନିସ୍ଥାନର ଅଞ୍ଚଳକୁ ଦଖଲକୁ ନେବାକୁ ଚେଷ୍ଟା କଲାବେଳେ ବିଶେଷ ପ୍ରତିବନ୍ଧକ ଦେଖାଦେଇନାହିଁ । ଅତୀତରେ ତାଜିକ ଗୋଷ୍ଠୀ ତାଲିବାନର ପାସ୍ତୁନମାନଙ୍କୁ ପସନ୍ଦ କରୁନଥିବା ଯୋଗୁ ବିରୋଧ କରିଆସୁଥିଲେ । ତାଜିକସ୍ଥାନର ସୀମାରେ ରୁଷିଆର ସେନା ଜଗିରହିଥିଲେ ମଧ୍ୟ ତାଲିବାନ ଗୋଷ୍ଠୀକୁ ଆଦୌ ପ୍ରତିରୋଧ କରିନାହାନ୍ତି । କେବଳ ହଜାରା ଗୋଷ୍ଠୀର ଇସମାଇଲ ଖାଁ ତାଙ୍କର ଅନୁଗତମାନଙ୍କୁ ନେଇ ତାଲିବାନ ଗୋଷ୍ଠୀର ବିରୋଧ କରିଛନ୍ତି । ତାଲିବାନ ଓ ପାକିସ୍ଥାନ କର୍ତ୍ତୃପକ୍ଷ ରୁଷିଆର କର୍ତ୍ତୃପକ୍ଷଙ୍କୁ ତାଲିବାନ ସପକ୍ଷରେ ରହିବା ପାଇଁ କହିବା ପରେ ରୁଷିଆ ଆଫଗାନ ସରକାରଙ୍କୁ ସାହାଯ୍ୟ କରିବା ସମ୍ଭାବନା ବନ୍ଦ ହୋଇଯାଇଛି । ସେମିତି ଇରାନ ମଧ୍ୟ ତାଲିବାନ ଓ ଆଫଗାନ ସରକାର ମଧ୍ୟରେ ଆଲୋଚନାର ନେତୃତ୍ୱ ନେଉଛି । ସାଉଦି ଆରବ ଏବଂ କାତାର କର୍ତ୍ତୃପକ୍ଷ ତାଲିବାନ ସପକ୍ଷରେ ରହିଛନ୍ତି । ନାଟୋ ଗୋଷ୍ଠୀରେ ଥିବା ତୁର୍କୀ କାବୁଲ ବିମାନବନ୍ଦର ସୁରକ୍ଷା ଦାୟିତ୍ୱ ନେବ ବୋଲି କହି ଡବଲ ଗେମ ଖେଳିବା ଆଶଙ୍କା ଦେଖାଦେଇଛି । କାରଣ ତୁର୍କୀ ପାକ୍ ବନ୍ଧୁତା ସଂପର୍କରେ ସମସ୍ତେ ପରିଚିତ । ଦେଖିବାକୁ ଗଲେ ଆଫଗାନିସ୍ଥାନର ପଡୋଶୀ ପାକିସ୍ଥାନ ତାଲିବାନର ନେତୃତ୍ୱକୁ ସହଯୋଗ କରିବା ବେଳେ ଚୀନ ପାକ୍ କର୍ତ୍ତୃପକ୍ଷଙ୍କୁ ସମର୍ଥନ କରୁଛି । ଇରାନ, ତାଜିକିସ୍ଥାନ, ଉଜବେକିସ୍ଥାନ, ତୁର୍କମେନିସ୍ଥାନ ଆଦି ରାଷ୍ଟ୍ର ଏହି ମାମଲାରେ ନିଜ ସୀମାକୁ ଜଗି ଚୁପ ରହିବାପରି ଜଣାପଡୁଛନ୍ତି । ଏଠାରେ ଦେଖିବା କଥା ଯେ ଦୀର୍ଘ କୋଡିଏ ବର୍ଷ ପାଖାପାଖି ଆଫଗାନିସ୍ଥାନରେ ଆମେରିକା ସେନା ରହିଥିଲେ ମଧ୍ୟ ସ୍ଥାନୀୟ ସେନାବାହିନୀର ଆଧୁନିକୀକରଣ ଓ ପ୍ରଶିକ୍ଷଣ କ୍ଷେତ୍ରରେ ଯେପରି ସାହାଯ୍ୟ କରିବା କଥା ତାହା କରିନାହିଁ । ଏହା ପଛରେ ପାକିସ୍ଥାନର ଷଡଯନ୍ତ୍ର ରହିଛି । ଆଫଗାନ ସେନାର ଆଧୁନିକୀକରଣ କାର୍ଯ୍ୟକୁ ପାକ୍‌ସେନା ବିରୋଧ କରିଆସିଛି । ଏପରିକି ତାଲିବାନ ବିରୋଧୀ ପଦକ୍ଷେପ ଆଫଗାନ ସେନା ଗ୍ରହଣ କଲେ ପାକ ବିମାନ ବାହିନୀ ଆକ୍ରମଣ କରିବାକୁ ଧମକ ଦେଇଥିବା ବିଷୟ ତାଲିବାନ ସରକାରଙ୍କ ମନ୍ତ୍ରୀ ପ୍ରକାଶ କରିଛନ୍ତି । (କ୍ରମଶଃ)

# ପ୍ରେମଚାନ୍ଦଙ୍କ କୃତି ଓ ଆଜିର ଭାରତ



ସୁଧାଂଶୁ ଶେଖର ଦ୍ୱିବେଦୀ
ବିସି-୭୪,ସଲଟ ଲେକ, କଲକତା-୬୪
ମୋ-୬୨୯୧୩୪୨୨୫୯



ଦଳିତ ମାନଙ୍କର ଲେଖକ ହିଶାବରେ ପ୍ରେମଚାନ୍ଦଙ୍କୁ ସାମନ୍ତଙ୍କ ଦ୍ୱାରା 'ମୁନସୀ' ଆଖ୍ୟା ଦିଆ ହୋଇଥିଲା। ସେମାନଙ୍କ ଅନୁ ସାରେ ସେ ଗାଉଁଲୀ ଥିଲେ ବି ଗାଁ ଓ ସହର ଉଭୟର ଅନୁଭୂତି ତାଙ୍କୁ ବେଶ ଜଣାଥିଲା। ପ୍ରେମଚାନ୍ଦ ଜାତିବାଦର ଅହିତ ଖୁବ ଦେଖିଥିଲେ ଓ ଜାଣିଥିଲେ ମଧ। ତେଣୁ ତାଙ୍କର ସମସ୍ତ ସାହିତ୍ୟ କୃତି ଜାତିବାଦ, ସାମନ୍ତବାଦ, ମହାଜନି ସଭ୍ୟତା ବିରୋଧ ଅଟେ। ତାଙ୍କପରି ସାମନ୍ତବାଦ, ଜାତିବାଦର ଆଲୋଚନା ଓ ଭର୍ତ୍ସନା ସମକାଳୀନ ଅନ୍ୟ କେହି ସାହିତ୍ୟକାର କରିପାରି ନାହାନ୍ତି।ତାଙ୍କ ସାହିତ୍ୟରେ ଦୃଢ଼ ସାମାଜିକତା ଓ ସମ୍ବେଦନ ଶୀଳତା ଅଧିକ ରହୁଥିଲା। କଥ୍ୟ, ବିଷୟବସ୍ତୁ, ଭାଷା, ମାନବୀୟ ସମ୍ବେଦନର ଧରାତଳେ ଅନ୍ୟ କୌଣସି ଲେଖକ ତାଙ୍କଭଳି ବୌଦ୍ଧିକ ଯୁକ୍ତି ତର୍କ କରିନାହାନ୍ତି।

ପ୍ରେମଚାନ୍ଦ ସାହିତ୍ୟର ସତ୍ୟତା ଉଦ୍ଦେଶ୍ୟରେ ସମର୍ଥକ ଥିଲେ। ତାଙ୍କ ମତରେ ସାହିତ୍ୟ ଏକ ମନୋରଞ୍ଜନ ନୁହେଁ ବରଂ ସେଥିରେ କିଛି ଚିନ୍ତନ ଥାଏ, ସ୍ୱାଧୀନତାର ଭାବ ଥାଏ ତଥା ଜୀବନର ସତ୍ୟତାକୁ ପ୍ରକାଶିତ କରିବାର ଗତି ଓ ବିଚଳତା ସୃଷ୍ଟି କରିଥାଏ। ହେଲେ ଶୋଇଦିଏ ନାହିଁ।କମ ହେଉ କି ବେଶୀ ଶୋଇବା ମୃତ୍ୟୁର ଲକ୍ଷଣ ହୋଇଥାଏ। ସେ ତାଙ୍କ ରଚନା ମାଧ୍ୟମରେ କଳା ଓ ସାହିତ୍ୟକୁ ଖୁବ ସୁନ୍ଦର ଭାବେ ଗଢି ପାରିଥିଲେ।

ସତ୍ୟର ଉଦ୍ଘାଟନ ପାଇଁ ସାହିତ୍ୟ ନିହାତି ଆବଶ୍ୟକ। ତାଙ୍କ ରଚନା 'ହୁସ୍ନ କା ମେୟାର'ରେ ବେଶ ସୌନ୍ଦର୍ଯ୍ୟ ଶାସ୍ତ୍ରର ବର୍ଣ୍ଣନା କରିଛନ୍ତି। କଥା ଓ କାହାଣୀ ମାଧ୍ୟମରେ ସୌନ୍ଦର୍ଯ୍ୟ ଶାସ୍ତ୍ର ଗଢିବାରେ ଅନେକ ପ୍ରୟାସ କରିଛନ୍ତି। ସେଥିପାଇଁ ତାଙ୍କ ସମୟର ବହୁତ ଲେଖକ ତାଙ୍କୁ ଘୃଣା ଦୃଷ୍ଟିରେ ଦେଖିଛନ୍ତି। ଟଲଷ୍ଟୟ ନା କମ୍ୟୁନିଷ୍ଟ ଥିଲେ ନା ମାର୍କସବାଦୀ? ପରନ୍ତୁ ଲେନିନ ତାଙ୍କ ସାହିତ୍ୟକୁ ଋଷସମାଜର ଦର୍ପଣ ଆଖ୍ୟା ଦେଇ ଥିଲେ। ଠିକ ସେହିପରି ଭାରତୀୟ ସମାଜରେ ପ୍ରେମଚାନ୍ଦଙ୍କ ସାହିତ୍ୟ ଦର୍ପଣ ଅଟେ। ପୂର୍ବ ହେଉ କି ପଶ୍ଚିମ, ଉତ୍ତର ହେଉ କି ଦକ୍ଷିଣ ଭାରତ ସର୍ବତ୍ର ଏକାପରି ଅଟେ।ମାନବ ଚରିତ୍ରକୁ ଚିହ୍ନିବାରେ ପ୍ରେମଚାନ୍ଦ ଅପ୍ରତିମ ଥିଲେ। ସେଥିପାଇଁ ସେ ବିଶ୍ୱର ଅଗ୍ରଣୀ ଲେଖକମାନଙ୍କ ମଧ୍ୟରୁ ଅନ୍ୟତମ। ତାଙ୍କ କୃତି ଗୁଡିକର ଅନୁବାଦ ବିଶ୍ୱର କେତେ କେତେ ଭାଷାରେ ହୋଇସାରିଛି। ସମ୍ଭବତଃ ତାଙ୍କ ତୁଳନା ସେକ୍ସପିୟର କି ଟଲଷ୍ଟୟ ସମକକ୍ଷ କରିହେବ। କାବ୍ୟ ସାହିତ୍ୟର ମହାରଥୀ ଶରତଚନ୍ଦ୍ର ପ୍ରେମଚାନ୍ଦଙ୍କ କୃତିରେ ଅଭିଭୂତ ଥିଲେ।ସେ ତାଙ୍କୁ ଉପନ୍ୟାସ ସମ୍ରାଟ ବୋଲି କହୁଥିଲେ। ପ୍ରେମଚାନ୍ଦ ଯେତେବେଳେ ସଦଗତି, ଠାକୁର କା କୁଆଁ, ଇଦଗାହ, ସବା ସେର ଗେହୁଁ ଭଳି କାହାଣୀ ଲେଖୁଥିଲେ ସେ ସମୟରେ ଭାରତୀୟ ସମାଜରେ ଦଳିତ ମାନଙ୍କର ସ୍ଥିତି ଭଲ ନଥିଲା କି ସେମାନଙ୍କ ପକ୍ଷରୁ କୌଣସି ଆନ୍ଦୋଳନ ନଥିଲା। ସାହିତ୍ୟରେ ଦଳିତ ଆନ୍ଦୋଳନର କଥା ତ ଦୂର ଦଳିତଙ୍କର କୌଣସି ଚର୍ଚ୍ଚା ବି ନଥିଲା। ତାଙ୍କଦ୍ୱାରା ଦଳିତଙ୍କ ଉପରେ ଲିଖିତ ମାର୍ମିକ କାହାଣୀ ଗୁଡିକ ଆଜି ବି ମହଜୁଦ ଅଛି। ପ୍ରେମଚାନ୍ଦଙ୍କ କଥା ସାହିତ୍ୟ ଜାତିବାଦ, ସାମନ୍ତବାଦ ସମ୍ପ୍ରଦାୟ ଉପରେ ଭୀଷଣ କୋଠାରାଘାତ କରିଥିଲା। କିଛି ପ୍ରତିକ୍ରିୟା ବାଦୀ ତତ୍ତ୍ୱ ତାଙ୍କ ବିରୁଦ୍ଧରେ ଆନ୍ଦୋଳନର ମୁଣ୍ଡ ଟେକିଥିଲା। ବୋଧହୁଏ ସେମାନଙ୍କ ମଧ୍ୟରେ ଅନେକେ ଦଳିତ ଲେଖକ ଥିଲେ। ଯେମିତି ସେମିତି ପ୍ରକାରେ ଚର୍ଚ୍ଚା ସୃଷ୍ଟି କରି ଷଡ଼ଯନ୍ତ୍ର କରିଥିଲେ।

ପ୍ରେମଚାନ୍ଦ ହିନ୍ଦୀ, ଉର୍ଦ୍ଦୁ ଦୁଇଟି ଭାଷାରେ ଆଧୁନିକ କାହାଣୀର ଜନ୍ମଦାତା ଥିଲେ। ସେ ୩୦୦ରୁ ଅଧିକ କାହାଣୀ ଓ ୧୪ଟି ଛୋଟ ବଡ଼ ଉପନ୍ୟାସ ରଚନା କରି ଯାଇଛନ୍ତି। ତାଙ୍କର ଚିନ୍ତନ ଓ ଲଖାନ ଶୈଳୀ ଆକାଶ ସଦୃଶ ବ୍ୟାପକ ଥିଲା। ବାସ୍ତବିକ ତାଙ୍କ ସୃଷ୍ଟି ଭବିଷ୍ୟଉନ୍ମୁଖୀ ଥିଲା। ଆସୁଥିବା ସମୟର ବିଡ଼ ମ୍ବନା ପ୍ରତି ସେ ତାଙ୍କ ପାଠକଙ୍କୁ ସଚେତନ କରିବାକୁ ଚାହିଁ ଥିଲେ।ଯଦି ତାଙ୍କ ଉପନ୍ୟାସକୁ ଅନେକ କାଳକ୍ରମ ପରେ ପାଠ କରିବାକୁ ହୁଏ ତାହେଲେ ତାହା କାଳଜୟୀ ଭାବେ ସମସ୍ତଙ୍କ ଠାରେ- ଉଦାହରଣ ହେବ। ବରଦାନ, ପ୍ରେମା, ପ୍ରତିଜ୍ଞା, ନିର୍ମଳା, ସେବା ସଦନ ଓ ଗବନ ଭଳି ଉପନ୍ୟାସ ସବୁ ବିଶେଷତଃ ସ୍ତ୍ରୀ କୈନ୍ଦ୍ରିକକୁ ମୁଖ୍ୟରୂପେ ରଚନା- କରିଛନ୍ତି। ସେହିପରି ତାଙ୍କର ବହୁ ଚର୍ଚ୍ଚିତ ଗୋଦାନ ଉପନ୍ୟାସରେ ସାମ୍ରାଜ୍ୟବାଦ, ମହାଜନି ସଭ୍ୟତା ଏବଂ ଚାଷୀର ପ୍ରଶ୍ନ ପୃଷ୍ଠ ଭୂମିରେ ରଚିତ। କିନ୍ତୁ କଫନ ଗଳ୍ପରେ ସେ କାହାଣୀର ପାରମ୍ପାରିକ ପଦ୍ଧତିକୁ ପରିତ୍ୟାଗ କରି ଏକ ନୂଆ ଧାରଣା ପ୍ରଦାନ କରିଛନ୍ତି।

ଏହା ସତ୍ୟ କୃତି ତାହାହିଁ ରହିଥାଏ ହେଲେ ପାଠକ ବଦଳି ଯାଆନ୍ତି। ବଦଳୁଥିବା ସମୟ ଅନୁସାରେ ପାଠକ ମାନଙ୍କର ରୁଚି ଏବଂ ସନ୍ଦର୍ଭ ବଦଳିଯାଏ।ରଚନାର ମୂଲ୍ୟାଙ୍କନ ପାଠ ତଥା ପୁନଃପାଠ ତତ୍କାଳୀନ ସମୟ ପରିପ୍ରେକ୍ଷୀରେ ହେବା ଆବ ଶ୍ୟକ। କାରଣ ସମୟ ବଦଳିବା ସହିତ ମନୁଷ୍ୟ ବି ବଦଳି ଯାଇଥାଏ। ପ୍ରତ୍ୟକ କୃତିରେ ଏକ ସନ୍ଦର୍ଭ ରହିଥାଏ।ସେଥିପାଇଁ କୌଣସି କୃତିକୁ ସମୟ, ଦେଶ, କାଳ, ଇତିହାସ ପରିପ୍ରେକ୍ଷୀରେ ପଢିବା ଆବଶ୍ୟକ ହୋଇଥାଏ। ପ୍ରେମଚାନ୍ଦଙ୍କର ଏଭଳି ଅନେକ କାହାଣୀ ଅଛି ଯାହାର କିଛି ଅର୍ଥ ନାହିଁ ମାନିନେବା ସଭିଙ୍କପାଇଁ ଅସମ୍ଭବ, ଯାହା ଆଜିଠୁ ୫୦ ବର୍ଷ ପୂର୍ବେ ଥିଲା। କିଛି କୃତି ସ୍ଥାୟୀ ଜୀବନ ମୂଲ୍ୟ ହୋଇଯାଏ ଆଉକିଛି ସାମ ୟିକ ହୋଇଥାଏ।






## ମଧୁବାଳା

ଧ୍ରୁବ ଚରଣ ବେହେରା

କଥା ଦେଇ ସାଥୀ ରହିଗଲ ଦୂରେ
ବିଶ୍ୱାସେ ଜହର ଦେଇ
ତୁମ ପାଇଁ ବୋଲି ଆକାଶକୁ ମାଗି
ଚାନ୍ଦିନୀ ଆଣିଛି ମୁହିଁ ।।

ନିଶି ଗାଉଅଛି ଜ୍ୟୋସ୍ନାର କବିତା
ଝିଲି ମିଲି ତାରା ଗଣେ
ଅଭୁଲା ସେ ସ୍ମୃତି ଦୁଇଟି ମନର
ସପନର ରଙ୍ଗ ବୁଣେ ।।

ଦେଖିଲେ ତୁମର ନିର୍ମଳ ସେ ତନୁ
ହଜେ ମୁଁ ଭାବ ସାଗରେ
ପ୍ରେମର ଜୁଆର ଉଠୁଥାଏ ମାତି
ନିରୋଳା ହୃଦ କନ୍ଦରେ ।।

ଅତି ଲାଜକୁଳି ଲାଜରେ ସରମି
ହସି ଦେଇଥିଲ ଆଜି
ଲାଜୁଆ ବଦନେ ସରମେ ସରମି
ପାଉନ କି ତୁମେ ଖୋଜି ।।

କେଉଁ ବିଧାତାର ପୂର୍ଣ୍ଣ ବରଦାନେ
ଗଢିଲା ସୁନ୍ଦରୀ କରି
ଉପମା ଶୃଙ୍ଗାର ତୋଫା ଯଉବନ
କାନ୍ତିମୟ ଦିଶେ ଭାରି ।।

ହସି ଦେଲେ ତୁମେ ବସନ୍ତ ଆସଇ
କୋକିଳର ମଧୁ ତାନେ
ରୁଷି ଗଲେ ଟିକେ ଫଗୁଣ ବରଷେ
ମହକିତ ଫୁଲ ବନେ ।।

ରଙ୍ଗର ସମ୍ଭାର ଲେଖଇ କାହାଣୀ
ତୁମ ଅଙ୍ଗ ଛବି ଦେଖି
ଯେତେ ଦେଖୁଥିଲେ ଲାଗ ଅପସରୀ
ସତେ ଲାଲପାନ ବିବି ।।

ପ୍ରତୀକ୍ଷା କି କେବେ ସଫଳ ହୋଇବ
ପାନ୍ଥଶାଳା ବାଟୋଇର
ତୁମେ ସେ ରୂପସୀ ରାଜନନ୍ଦିନୀ ଗୋ
ମଧୁବାଳା ପ୍ରିୟା ମୋର ।।

+ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ
ଝାଡଖଣ୍ଡ
(ମୋ) ୮୩୨୮୯୩୦୫୫୪

## କୁହ କିଆଁ ଆଉ ଡରିବା

ନୀଳମଣି ଚାନ୍ଦ



ଆମେ ଦେଖୁ କ୍ରମେ ବଦଳିଯାଉଛି
ଧରାଟିରେ ଜଳବାୟୁଟି
ଆଗ ଭଳି ନାହିଁ ସୁଖ ଶାନ୍ତି ଆଉ
ସେଥିପାଇଁ ଦୁଃଖ ପାଉଟି।

କେଉଁଠି ବରଫ ତରଳି ଯାଉଛି
ହୁଏ କାହିଁ ଭାରି ବରଷା
ନଦୀରେ ପ୍ରଳୟଙ୍କରୀ ବନ୍ୟା ଆସେ
ତୁଟିଯାଏ ଆଶା ଭରସା।

ଝଡ ତୋଫାନ ତ ଦୋହଲେଇ ଦିଏ
କଲବଲ ହୁଏ ଜୀବନ
ମଣିଷ ଯେ ଆଜି ଭାରି ଅସହାୟ
ସତେ ସେ ସିମ୍ପାଞ୍ଜି, ଗିବନ।

ବଣ ଉଜୁଡିଲା, ପାହାଡ କଟିଲା
ବଢୁଛି ଯେ ତାପମାନରେ
ପ୍ରଦୂଷଣ ନିତି ଲଢେଇ କରୁଛି
ନ କରି ସେ କମ୍ପମାନରେ।

ସବୁଜ, ସୁନ୍ଦର ଥିଲା ଆମ ଧରା
ଅସୁନ୍ଦର ଭାରି ହୋଇଛି
ପ୍ରଦୂଷଣ ବିଷବଳୟ ଭିତରେ
ଲାଗେ ସିଏ ଏବେ ଶୋଇଛି।

ଅସମ୍ଭବ କିଛି ନୁହେଁ ଦୁନିଆରେ
ଆସ ସମାଧାନ କରିବା
ସନ୍ତୁଳନ ହେବ ଜଳବାୟୁ ସିନା
କୁହ କିଆଁ ଆଉ ଡରିବା ।

+ ୨୭,ମନ୍ତ୍ର
ମାନୋର,ଗୋଠପାଟଣା
ଭୁବନେଶ୍ୱର-୨୯ ଦୂରଭାଷ -
(ମୋ)୯୫୮୩୨୦୨୩୫୭

## ସାବିତ୍ରୀ

କାଳୀପଦ ପଣ୍ଡା



ସେ ତ ଚେତନାର ସ୍ଫୁଲିଙ୍ଗ
ଅସ୍ମିତାର ପ୍ରତୀକ
ସତ୍ୟ ଅସତ୍ୟର
କାଳ ମହାକାଳର ଚରମ ସତ୍ୟ ।

ସତୀ ଅସତୀର ପ୍ରାମାଣିକ ଜୀବସତ୍ତା
ଶଙ୍ଖା ସିନ୍ଦୂରର ପ୍ରତିଷ୍ଠାତା
କାଳପୁରୁଷଙ୍କ ପରାଜୟର
ଜୀବନ୍ତ ଗାଥା ।

ବିଶ୍ୱାସର ମହାଦ୍ରୁମ
ସମର୍ପଣର ସରହଦରେ
ଭାଗ୍ୟ ଭବିଷ୍ୟତର ଉଦ୍‌ଗାତା
ପ୍ରକୃତି ପୁରୁଷର
ଜୀବନ ଯଜ୍ଞବେଦୀର
ପୂର୍ଣ୍ଣତାର ପ୍ରବର୍ତ୍ତିକା
ପତିବ୍ରତା ସ୍ନେହ ସୋହାଗିନୀ
ନାରୀଧର୍ମର ଦୃଢ଼ପଣ
ସତ୍ୟଶିରୋମଣିର ବିଜୟ କେତନ ।

+ସୁନାରୁଇ, ବାଲିଆପାଳ,
ବାଲେଶ୍ୱର
(ମୋ) ୮୯୧୭୨୫୫୪୯୩

## ଭକ୍ତ ମନେ କେତେ ପ୍ରଶ୍ନ

ଶୁଭନାରାୟଣ ଶତପଥୀ



କରୋନା କାଳରେ ହେଲା ରଥଯାତ
ଭକ୍ତ ବିନା ବଡଦାଣ୍ଡରେ
ଇଚ୍ଛାମୟ ବୋଲି କ'ଣ ଇଚ୍ଛା କଲୁ,
ଏକା ଯିବୁ ଗୁଣ୍ଡିଚା ଘରେ ।।

ଗହଳି ଚହଳି ଭକ୍ତ ଠେଲାପେଲା
ବୋଧେ ଆଉ ଭଲ ଲାଗୁନି
ସେଥିପାଇଁ କଣ କୁଟକପଟ ତୋ
ଘୋଷଯାତକୁ କେ ଆସନି ।।

ତୁ ପରା ବୋଲାଉ ଜଗତଠାକୁର
ଭକତ ତୋ ହୃଦ ପସରା
ଗୌରବ ତୋର କ୍ଷୁର୍ଣ୍ଣ ହେଉନି କି
କରି ବିନା ଭକ୍ତେ ଯାତରା ।।

ଭକତ ଆତୁର ଭକତ କାତର
ଦେଖିବାକୁ ଟିକେ ତୋତେରେ
କାହିଁକି ମନରେ ଏତେ ତୋ ଗୁମାନ
ଦରଶନ ଦେଉ ନାହୁଁରେ ।।

ମହାକାଳ ବୋଲି ଡକା ପଡୁଅଛି
ମୁହଁ ତୋର କଳା ସକଳେ
କଳି କି ପାରୁନୁ କରୋନାର ବଳ
ପଡିଛୁ କାଳର କବଳେ ।।

କିଏ କହେ ତୋତେ ମହାଭୈରବ
ଭଇରବ ରୂପ କାହିଁରେ
ଭୂତାଣୁ ଭୟରେ ହେଲେ ତୁ ଅଧିର
ଅଭୟ ଦେବ କେ ଆଉରେ ।।

ଭାବ ବିନୋଦିଆ କାଳିଆ, ବଳିଆ
ମାଆ ସୁଭଦ୍ରାଙ୍କୁ ପ୍ରଣତି
ଭକ୍ତ ଅଭିମାନ ଦୂର ନକରିଲେ
ଭରସିବ ସିଏ କେମିତି ।।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ- ୯୪୩୮୪୩୨୦୨୩

## ମୁକ୍ତିଲାଭ ପୂର୍ବରୁ ପ୍ରଘଟ



ବଲିଉଡ୍ ଅଭିନେତ୍ରୀ କ୍ରୀତି ସାନନ୍‌ଙ୍କ ଅଭିନୀତ ନୂଆ ଚଳଚ୍ଚିତ୍ର 'ମିମି' ମୁକ୍ତିଲାଭ କରିବାର ଚାରିଦିନ ପୂର୍ବରୁ ସୋସିଆଲ୍ ମିଡିଆରେ ପ୍ରଘଟ (ଲିକ୍) ହେଇଯାଇଛି । ଏହାର ଅଫିସିଆଲ୍ ରିଲିଜ୍ ନେଟ୍‌ଫ୍ଲିକ୍ସରେ ହେବାକୁ ନିଷ୍ପତ୍ତି ନିଆଯାଇଥିଲା । ହେଲେ ଆଶ୍ଚର୍ଯ୍ୟର କଥା 'ମିମି' ନିର୍ଦ୍ଧାରିତ ତାରିଖରେ ରିଲିଜ୍ ପୂର୍ବରୁ ଅନ୍‌ଲାଇନ୍ ପାଇରେସିର ଶିକାର ହେଇଛି ।

ରିପୋର୍ଟ ଅନୁସାରେ ଜିଓ ଷ୍ଟୁଡିଓ ଓ ମେଡାକ୍ ଫିଲ୍ମସ୍ ଦ୍ୱାରା ପ୍ରସ୍ତୁତ 'ମିମି'ର ପାଇରେଟେଡ୍ ଭର୍ସନ୍ ଗତ ୨୬ ତାରିଖରେ ଟେଲିଗ୍ରାମ୍‌ରେ ଦେଖିବାକୁ ମିଳିଛି । ଟେଲିଗ୍ରାମ୍ ହେଉଛି ପାଇରେସି କରିବାର ସହଜ ମାଧ୍ୟମ । ଅତୀତରେ ଏମିତି ରିଲିଜ୍ ପୂର୍ବରୁ କେତେକ ଚଳଚ୍ଚିତ୍ର ପ୍ରଘଟ ହେବାର ନଜିର ରହିଛି । ଏହା ଜଣାପଡ଼ିବା ପରେ ପ୍ରଯୋଜନା ସଂସ୍ଥା ପକ୍ଷରୁ ଧରପଗଡ଼ ପ୍ରକ୍ରିୟା ଆରମ୍ଭ ହେଇଯାଇଛି । 'ମିମି'ର ନିର୍ଦ୍ଦେଶନା ଦେଇଛନ୍ତି ଲକ୍ଷ୍ମଣ ଉତେକର । ଏଥିରେ ଜଣେ ମହିଳା ବିବାହ ପୂର୍ବରୁ କିପରି ଅନ୍ୟ ଏକ ଦମ୍ପତିଙ୍କ ପାଇଁ ପିଲାଜନ୍ମ କରିବାକୁ କୌତୁହଳପ୍ରଦ ଢଙ୍ଗରେ ତୟାର ହେଇଛି, ତାହା ଦେଖିବାକୁ ମିଳିବ । ଏଥିପାଇଁ କ୍ରୀତିଙ୍କୁ ପେଟ ଉପରେ ୧୫ କେ.ଜି. ଓଜନର ସାମଗ୍ରୀ ଧରି କ୍ୟାମେରା ସାମ୍‌ନାରେ ଅଭିନୟ କରିବାକୁ ପଡ଼ିଛି । ଏଥିରେ କ୍ରୀତିଙ୍କ ବ୍ୟତୀତ ପଙ୍କଜ ତ୍ରିପାଠୀ, ସାଇ ତମହଙ୍କର ଓ ସୁପ୍ରିୟା ପାଠକ ଅଭିନୟ କରିଛନ୍ତି ।

## ଅନୁଷ୍କାଙ୍କ ନିଦ ହଜାଇଲା 'ବଚପନ୍ କା ପ୍ୟାର'

ଅନୁଷ୍କାଙ୍କ ଆଖିକୁ ନିଦ ନାହିଁ । ତାଙ୍କ ନିଦ ହଜି ଯାଇଛି । ଆଉ ଏହି ନିଦ ହଜାଇଛି ଇଣ୍ଟରନେଟ୍ ସେନ୍‌ସେସନ୍ ପାଲଟିଥିବା ଭାଇରାଲ ଗୀତ 'ବଚପନ୍ କା ପ୍ୟାର' ।

'ବଚ୍‌ପନ୍ କା ପ୍ୟାର' ଗୀତ ପାଇଁ ଭାଇରାଲ ହୋଇଥିବା ସହଦେବ ଡିର୍ଡୋ କୁଆଡେ ଅନୁଷ୍କାଙ୍କ ନିଦ ଚୋରାଇ ନେଇଛନ୍ତି । ଏନେଇ ସେ ନିଜେ ଇନ୍ ?ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେଆର କରି ସୂଚନା ଦେଇଛନ୍ତି ।



ଅନୁଷ୍କା ନିଜ ଇନ୍‌ଷ୍ଟାଗ୍ରାମ ଭାଇରାଲ ବୟ ସହଦେବଙ୍କ ବିଷୟରେ ଏକ ମଜାଳିଆ ମିମ୍ ଶେଆର କରିଛନ୍ତି । ଏଥିରେ ଜଣେ ବ୍ୟକ୍ତି ଶୋଇବାକୁ ଚେଷ୍ଟା କରୁଥିବା ଦେଖିବାକୁ ମିଳିଛି । କିନ୍ତୁ ସହଦେବ ଗାଇଥିବା ଗୀତକୁ ସେ ନିଜ ମନରୁ ବାହାର କରି ପାରୁ ନାହାନ୍ତି । ଆଉ ଯେତେ ଚେଷ୍ଟା କଲେ ବି ସେ ଶୋଇ ପାରୁନାହାନ୍ତି । ଅନୁଷ୍କା ଏହି ପୋଷ୍ଟକୁ ଶେଆର କରିବ ସହ ଏକ ହସୁଥିବା ଇମୋଜି ମଧ୍ୟ ଦେଇଛନ୍ତି ।

ଆଜିକାଲି ସୋଶାଲ ମିଡିଆରେ ଛାଇ ଯାଇଛନ୍ତି ସ୍କୁଲ ଛାତ୍ର ସହଦେବ ଡିର୍ଡୋ । ୨୦୧୯ରେ ସହଦେବ ନିଜ ଷ୍ଟାଇଲରେ 'ବଚପନ କା ପ୍ୟାର' ଗୀତ ଗାଇଥିଲେ । ଏହାକୁ ଏବେ ଲୋକେ ବେଶ୍ ପସନ୍ଦ କରୁଛନ୍ତି । ଏପରକି ତାଙ୍କର ଏହି ଗୀତ ଗାଇବାର ଭିଡିଓଟି ଭାଇରାଲ ହେବାରେ ଲାଗିଛି । ଅନେକ ସେଲେବ୍ରିଟି ଏହି ଗୀତକୁ କପି କରି ବିଭିନ୍ନ ରିଲ୍ ଭିଡିଓ ତିଆରି କରିଛନ୍ତି । ଏପରିକି ପ୍ରସିଦ୍ଧ ରାପର୍ ବାଦ୍‌ଶାହା ମଧ୍ୟ ଏହି ଗୀତର ରିମିକ୍ସ ଭର୍ସନ ତିଆରି କରି ସେଆର କରିଛନ୍ତି । ଦି କପିଲ ଶର୍ମା ସୋ'ର ପ୍ରମୋରେ ହାସ୍ୟ ଅଭିନେତ୍ରୀ ଭାରତୀ ସିଂ, କୃଷ୍ଣ ଅଭିଷେକ ଏବଂ ସୁଦେଶ ଲାହିରୀ ମଧ୍ୟ ଏହି ଗୀତରେ ନାଚି ଥିବା ଦେଖିବାକୁ ମିଳିଥିଲା । ଏହା ବ୍ୟତୀତ ଛତିଶଗଡ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ମଧ୍ୟ ବୁଧବାର ଭାଇରାଲ ବୟ ସହଦେବକୁ ସମ୍ମାନିତ କରିଛନ୍ତି ।

## ସହି ପାରିଲେନି ଟ୍ରୋଲ, ଚିହିଁକି ଉଠିଲେ ସୋନା



ରାଗିଗଲେ ଗାୟିକା ସୋନା ମହାପାତ୍ର । ଆଉ ସହି ପାରିଲେନି । ଶେଷରେ ଚିହିଁକି ଉଠିଲେ । ଦେଲେ ମୁହଁତୋଡ ଜବାବ । ଆଙ୍ଗୁଳି ନିର୍ଦ୍ଦେଶ କରୁଥିବା ଲୋକଙ୍କୁ ରୋକଠୋକ ଶୁଣାଇଦେଲେ ସୋନା ।

ରାଜ କୁନ୍ଦ୍ରାଙ୍କ ପର୍ଣ୍ଣ କେସ୍‌କୁ ନେଇ ଅନେକ ବଲିଉଡ ସେଲେବ୍ରିଟିଙ୍କୁ ସୋଶାଲ ମିଡିଆରେ ଟ୍ରୋଲ କରାଯାଉଛି । ମହିଳାମାନଙ୍କୁ କରାଯାଉଥିବ ଟ୍ରୋଲକୁ ସହିପାରି ନାହାନ୍ତି ଗାୟିକା ସୋନା ମହାପାତ୍ର । ସେ ଟ୍ରୋଲରଙ୍କୁ କଡା ଭାଷାରେ ଜବାବ ଦେଇଛନ୍ତି ।

ସୋନା ସୋଶାଲ ମିଡିଆରେ ଏକ ପୋଷ୍ଟ ସେଆର କରି ଟ୍ରୋଲ କରୁଥିବା ୟୁଜର୍ସଙ୍କୁ ତାଗିଦ କରିଛନ୍ତି । ସେ ନିଜ ମ୍ୟୁଜିକ ଟ୍ରାକର ଏକ ଭିଡିଓ ସେଆର କରି ଲେଖିଛନ୍ତି, 'ଏହା କପଟତା ବ୍ୟତୀତ ଅନ୍ୟ କିଛି ନୁହେଁ । ପିତୃସତ୍ତା ସମାଜରେ ଏହା କେବଳ କପଟତାକୁ ହିଁ ଦର୍ଶାଏ । ଯେତେବେଳେ ପର୍ଣ୍ଣ ସହ ଜଡିତ କୌଣସି ଖବର ଆସେ ସେତେବେଳେ କିଛି ଖରାପ ଲୋକ ଏଣ୍ଟରଟେନମେଣ୍ଟ ଇଣ୍ଡଷ୍ଟ୍ରୀ ସହ ଜଡିତ ମହିଳାଙ୍କୁ ଲଜ୍ଜିତ କରିବାକୁ ଲାଇସେନ୍ସ ମିଳିଯାଏ । ରାଜ କୁନ୍ଦ୍ରା ମାମଲା ତୁମର ଖରାପ ଚିନ୍ତାଧାରା ଦେଖାଇବା ପାଇଁ ଏକ ବାହାନା ହୋଇପାରିବ ନାହିଁ ।'

ସୋନା ଆହୁରି ଲେଖିଛନ୍ତି, 'କିଛି ଲୋକ ଆମ ଟାଇମଲାଇନ୍‌ରେ କମେଣ୍ଟ କରି କହୁଛନ୍ତି ତୁମେ ବଲିଉଡର ତେଣୁ ତୁମେ ସମସ୍ତେ ସମାନ । ମହିଳାମାନେ ଦୟାକରି ନିଜ ଶରୀର ପାଇଁ ଲଜ୍ଜିତ ହୁଅନ୍ତୁ ନାହିଁ, ପାର୍ଟି କରନ୍ତୁ, ମୁଁ ଯେପରି କରୁଛି । ବଡ, ଛୋଟ, ଚର୍ବି, ପତଳା କିମ୍ବା ଯାହା ବି ଶରୀର ହେଉ, ଆମେ ଚମତ୍କାର । ଆମ ବିନା ଅନୁମତିରେ ଆମକୁ ଲଜ୍ଜିତ କରିବାକୁ କିମ୍ବା ଆମକୁ ଛୁଇଁବାକୁ କିମ୍ବା କିଛି କରିବାକୁ କାହାର ଅଧିକାର ନାହିଁ ।'

ସୂଚନା ମୁତାବକ, ବଲିଉଡର ଜଣାଶୁଣା ଗାୟିକା ସୋନା ମହାପାତ୍ର ପ୍ରାୟତଃ ମହିଳାଙ୍କ ସପକ୍ଷରେ ସ୍ୱର ଉଠାଇଥା'ନ୍ତି । ଏଥିପାଇଁ ସେ ନିଜ ବିଚାର ମଧ୍ୟ ରଖନ୍ତି, ମନ୍ତବ୍ୟ ମଧ୍ୟ ଦିଅନ୍ତି । ବେଳେ ବେଳେ ତାଙ୍କ ମନ୍ତବ୍ୟ ତାଙ୍କୁ ବିବାଦ ମଧ୍ୟକୁ ଟାଣି ନିଏ । ସୋଶାଲ ମିଡିଆରେ ତାଙ୍କୁ ଟ୍ରୋଲ ହେବାକୁ ମଧ୍ୟ ପଡେ । କିନ୍ତୁ ଏସବୁକୁ ସେ ଭୟ ନକରି ଟ୍ରୋଲରମାନଙ୍କୁ ଉଚିତ ଜବାବ ଦିଅନ୍ତି ।

## ପୁଣି ଏକତ୍ର ନଜର ଆସୁଛନ୍ତି ଶାହାରୁଖ ଓ କାଜଲ

ବଲିଉଡ୍‌ର ଲୋକପ୍ରିୟ ଯୋଡ଼ି କିଙ୍ଗ୍‌ଖାନ ଶାହାରୁଖ ଓ ଚୁଲ୍‌ବୁଲି ନାୟିକା କାଜଲଙ୍କ ନାଁ ଉଠିଲେ ଅନେକ ସିନେ ପ୍ରେମୀ ଖୁସିରେ ଝୁମି ଉଠନ୍ତି । ଯେଉଁ ଚଳଚ୍ଚିତ୍ରରେ ଏ ଦୁହେଁ ସାଙ୍ଗ ହୋଇ ଅଭିନୟ କରିଥିବେ ଚଳଚ୍ଚିତ୍ରଟି ନିଶ୍ଚୟ ଭଲ ହୋଇଥିବ ବୋଲି ଅନେକଙ୍କର ଧାରଣ ରହିଛି । ତେବେ ଶାହାରୁଖ ଓ କାଜଲଙ୍କ ପ୍ରଶଂସକଙ୍କ ପାଇଁ ଖୁସି ଖବର । ସୂତ୍ରରୁ ଶୁଣିବାକୁ ମିଳୁଛି ଯେ ଏହି ଯୋଡ଼ି ରାଜକୁମାର ହିରାନୀଙ୍କ ନୂଆ ପ୍ରକଳ୍ପରେ ଏକତ୍ର ନଜର ଆସିବାକୁ ଯାଉଛନ୍ତି । ଏହି ଦୁଇ ଜଣଙ୍କ ବ୍ୟତୀତ ଚଳଚ୍ଚିତ୍ରରେ ବିଦ୍ୟା ବାଲାନ, ତାପସୀ ପାନୁ, ମନୋଜ ବାଜପେୟୀ ଓ ବୋମନ ଇରାନୀ ଆଦି ଦେଖିବାକୁ ମିଳିବେ । ଆପଣ ଜାଣିଥିବେ ନିଶ୍ଚୟ ଯେ ଗତବର୍ଷ ଶାହାରୁଖ ଓ କାଜଲଙ୍କ ଦିଲୱାଲେ ଦୁହ୍ଲନିଆଁ ଲେ ଜାଏଗେଁ(ଡିଡିଏଲ୍‌ଜି) ଚଳଚ୍ଚିତ୍ରକୁ ୨୫ ବର୍ଷ ପୂରିଛି । ତେବେ ଶାହାରୁଖ ଓ କାଜଲ ଏହି ନୂଆ ଚଳଚ୍ଚିତ୍ରରେ ଟିକେ ମଜାଳିଆ ଅନ୍ଦାଜରେ ନଜର ଆସିପାରନ୍ତି ବୋଲି ଚର୍ଚ୍ଚା ହେଉଛି । ଚଳଚ୍ଚିତ୍ରଟି ଆମ ଦେଶର ପଞ୍ଜାବ ଓ କାନ୍ନାଡା ମଧ୍ୟରେ ଜଣେ ବ୍ୟକ୍ତିର ଯାତ୍ରାକୁ ବ୍ୟାଙ୍ଗାତ୍ମକ ଭାବେ ଦର୍ଶାଯାଇଛି ବୋଲି ଖବର ରହିଛି ।

## ସୁଶାନ୍ତଙ୍କୁ ମନେ ପକାଇଲେ ସଞ୍ଜନା

ଅଭିନେତ୍ରୀ ସଞ୍ଜନାଙ୍କୁ ମନେ ପଡୁଛନ୍ତି ବଲିଉଡର ଦିବଙ୍ଗତ ଅଭିନେତା ସୁଶାନ୍ତ ସିଂ ରାଜପୁତ । 'ଦିଲ୍ ବେଚାରା' ଫିଲ୍ମରୁ ବଲିଉଡରେ ଡେବ୍ୟୁ କରିଥିବା ସଞ୍ଜନା ସାଙ୍ଘି ସୁଶାନ୍ତଙ୍କୁ ମନେ ପାକଇ ଭାବୁକ ହୋଇପଡିଛନ୍ତି । ଫିଲ୍ମ 'ଦିଲ୍ ବେଚାରା'କୁ ଏକ ବର୍ଷ ପୂରିଛି । ଗତବର୍ଷ ଜୁଲାଇ ୨୪ରେ ଏହି ଫିଲ୍ମଟି ଓଟିଟିରେ ରିଲିଜ ହୋଇଥିଲା । ଏବେ ଫିଲ୍ମର ବର୍ଷ ପୂର୍ତ୍ତି ଅବସରରେ ସୁଶାନ୍ତଙ୍କୁ ମନେ ପାକଇ ସଞ୍ଜନା ଇମୋସନାଲ ହୋଇପଡିଛନ୍ତି । ସେ ତାଙ୍କ ଇନଷ୍ଟାଗ୍ରାମରେ ଏକ ନୋଟ୍ ମଧ୍ୟ ପୋଷ୍ଟ କରିଛନ୍ତି । ସଞ୍ଜନା ଲେଖିଛନ୍ତି, 'ଏକ ବର୍ଷ ପୂର୍ବେ ମୋର ପ୍ରଥମ ଚଳଚ୍ଚିତ୍ର 'ଦିଲ ବେଚାରା



ରିଲିଜ' ହେବା ପୂର୍ବ ଦିନ ସଂଧ୍ୟାରେ ମୋର ଭୟର କୌଣସି ସୀମା ନଥିଲା ଏବଂ ଆଜି 'ଦିଲ ବେଚାରା'କୁ ବର୍ଷେ ପୂରିଛି । ଏହା ହିଁ ଜଣେ ଅଭିନେତା ହେବାର ସମ୍ବେଦନଶୀଳ, ଭାବପ୍ରବଣ ଏବଂ ଯାଦୁକର ଯାତ୍ରାକୁ ବାସ୍ତବ କରିଥାଏ । ଏହା ବାସ୍ତବରେ ସବୁଠାରୁ ବଡ ଭାଗ୍ୟ ଏବଂ ସମ୍ମାନ ଅଟେ ଯାହା କି ମୁଁ ପାଇଛି । କିଜି ଚରିତ୍ର ଉପରେ ବିଶ୍ୱାସ କରି ତାକୁ ଏକ ନୂତନ ବ୍ୟକ୍ତି ଭାବେ ତିଆରି କରିବା ସବୁଠାରୁ ଅଦ୍ଭୁତ ଥିଲା ।' ଏହି ପୋଷ୍ଟ ସହ ସଞ୍ଜନା ସୁଶାନ୍ତଙ୍କୁ ମଧ୍ୟ ମନେ ପକାଇଛନ୍ତି । ସେ ଲେଖିଛନ୍ତି, 'ମୁଁ ତୁମ ବିଷୟରେ ଭାବୁଛି, ସୁଶାନ୍ତ ସିଂ ରାଜପୁତ' । ଫିଲ୍ମ 'ଦିଲ ବେଚାରା' ସୁଶାନ୍ତ ସିଂ ରାଜପୁତଙ୍କ ଥିଲା ଶେଷ ଫିଲ୍ମ । ଏହି ଫିଲ୍ମ ଜରିଆରେ ସଞ୍ଜନା ବଲିଉଡରେ ଡେବ୍ୟୁ କରିଥିଲେ । ଏହା ପୂର୍ବରୁ ସଞ୍ଜନା ଫିଲ୍ମ 'ରକଷ୍ଟାର', 'ହିନ୍ଦୀ ମିଡିୟମ' ଏବଂ 'ଫୁକରେ' ଭଳି ଫିଲ୍ମରେ ଛୋଟ ଚରିତ୍ରରେ ଅଭିନୟ କରି ଦର୍ଶକଙ୍କ ଧ୍ୟାନ ଆକର୍ଷିତ କରିସାରିଛନ୍ତି ।



## 'ସ୍କାଇ ହାଇ'ରେ ଆସିମ୍-ହିମାଂଶୀ

ଟେଲିଭିଜନରେ ୧୪ଟି ସିଜିନ୍ ଧରି ପ୍ରସାରିତ ହେଇଆସୁଥିବା ମଜାଦାର ରିୟାଲିଟି ସୋ' 'ବିଗ୍ ବସ୍'ର ଶେଷ ସିଜିନରେ ବେଶ୍ ଲୋକପ୍ରିୟ ହେଇଛନ୍ତି ଆସିମ୍ ରିୟାଜ୍ ଓ ହିମାଂଶୀ ଖୁରାନା ଯୋଡ଼ି । କେହି କେହି ସେମାନଙ୍କୁ 'ଆସିମାଂଶୀ' ବୋଲି ସମ୍ବୋଧନ କରୁଛନ୍ତି । ଏ ଦୁହେଁ ସୋସିଆଲ୍ ମିଡିଆ (ଇନ୍‌ଷ୍ଟାଗ୍ରାମ୍) ରେ ମଧ୍ୟ ମଜାଦାର ଗେମ୍ ଖେଳୁଥିବାର ଦେଖିବାକୁ ମିଳୁଛି । ଏବେ ପୁଣି ଏଇ ଯୋଡ଼ି ଆଉ ଏକ ନୂଆ ଚମକ ଦେଖାଇଛନ୍ତି । ନୂଆ ଭିଡିଓ ସଙ୍ଗ୍ 'ସ୍କାଇ ହାଇ'ରେ ଏ ଦୁହେଁ ହସର ହଙ୍ଗାମା ଦେଖାଇ ଦର୍ଶକଙ୍କୁ ଖୁସ୍ କରିଛନ୍ତି । ଗୀତଟିର ସ୍ୱର ସଂଯୋଜନା ସହ କଣ୍ଠଦାନ କରିଛନ୍ତି ଆସିମ୍ । ଗୀତଦୃଶ୍ୟରେ ହିମାଂଶୀ ଓ ଆସିମଙ୍କ ଭାଇ ଉମର ରିୟାଜ୍ ପବନଭର୍ତ୍ତି ସୁମୋ ପୋଷାକ ପିନ୍ଧିଥିବାର ଦେଖିବାକୁ ମିଳିଛି । ଏତେବଡ଼ ପୋଷାକ ପିନ୍ଧି ଦୁହେଁ ଏମିତି ଅଭିନୟ କରିଛନ୍ତି ଯେ ଯିଏ ଦେଖୁଛି ଚକିତ ହେଉଛି । ପୂର୍ବରୁ ଏଇ ଭିଡିଓକୁ ହିମାଂଶୀ ନିଜ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରି ଲେଖିଛନ୍ତି, ଯାହା ଦର୍ଶକ ଚିନ୍ତା କରୁଛନ୍ତି, ସେ ତାହା କରୁଛନ୍ତି । ଏଇ ଭିଡିଓଟିକୁ ଉଭୟ ନିଜ ନିଜର ବ୍ୟକ୍ତିଗତ ୟୁ-ଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଛାଡ଼ିଛନ୍ତି । ଏହି ମ୍ୟୁଜିକ୍ ଭିଡିଓଟି ଜୁଲାଇ ୧୩ ତାରିଖରେ ରିଲିଜ୍ କରିଛି । ଆକ୍ଟର-ସିଙ୍ଗର୍ ହିମାଂଶୀ-ଆସିମ୍ 'ବିଗ୍ ବସ୍'ର ଚମକ ପରେ ଏବେ ମଜାଦାର ମ୍ୟୁଜିକ୍ ଭିଡିଓ ମାଧ୍ୟମରେ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ୧ କୋଟି ଦାନ କଲେ ଖିଲାଡି ଷ୍ଟାର



ପୁଣି ଷ୍ଟାର ପାଲଟିଗଲେ ବଲିଉଡର ଖିଲାଡି ଅକ୍ଷୟ କୁମାର । ଅନ୍ୟଙ୍କ ପାଇଁ ପାଲଟିଗଲେ ଉଦାହରଣ । ଦାନ କରିଦେଲେ କୋଟିଏ ଟଙ୍କା । ନିଜ ବଦାନ୍ୟତା ପାଇଁ ପୁଣି ଥରେ ଚର୍ଚ୍ଚାରେ ଅକ୍ଷୟ ।

କରୋନା ମହାମାରୀ ଆରମ୍ଭରୁ ହିଁ ସଚେତନତା ସୃଷ୍ଟି କରି ଚାଲିଛନ୍ତି ଅକ୍ଷୟ । ଏବେ କରୋନା ମହାମାରୀ ବେଳେ ସ୍କୁଲ ବନ୍ଦ ପଡିଥିବା ବେଳେ ସେ ସ୍କୁଲ ତିଆରି କରିବା ପାଇଁ ଦେଇଛନ୍ତି କୋଟିଏ ଟଙ୍କା । ଜମ୍ମୁ କାଶ୍ମୀରରେ ସ୍କୁଲର ପୁନଃନିର୍ମାଣ ପାଇଁ ସେ ଏହି ଟଙ୍କା ଦାନ କରିଛନ୍ତି ।

ନିକଟରେ ଅକ୍ଷୟ କୁମାର କାଶ୍ମୀରର ଈଫର ଯବାନଙ୍କୁ ଭେଟିଥିଲେ । ଏହି ଗସ୍ତ ସମୟରେ ସେ କାଶ୍ମୀରରେ ନିରୁ ଗାଁରେ ଥିବା ଜର୍ଜରିତ ସ୍କୁଲର ଅବସ୍ଥା ଦେଖି ତା'ର ପୁନଃନିର୍ମାଣ ପାଇଁ ସହାୟତା ଘୋଷଣା କରିଥିଲେ । ୧ କୋଟି ଟଙ୍କା ଦାନ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ ।

ବିଏସ୍‌ଏଫ୍ ପକ୍ଷରୁ ସୋଶାଲ ମିଡିଆରେ ଏକ ପୋଷ୍ଟ ସେଆର କରି ଏନେଇ ସୂଚନା ଦିଆଯାଇଛି । ଜୁଲାଇ ୨୭ରେ ଏହି ସ୍କୁଲର ଶିଳାନ୍ୟାସ କରାଯାଇଛି । ଆଉ ଏହି ସ୍କୁଲର ନାଁ ଅକ୍ଷୟଙ୍କ ସ୍ୱର୍ଗତମ ବାପା ହରିଓମ ଭାଟିଆଙ୍କ ନାଁରେ ରଖାଯାଇଛି ।

ସୂଚନା ମୁତାବକ ଖୁବଶୀଘ୍ର ଅକ୍ଷୟଙ୍କ ଅପକମିଂ ଫିଲ୍ମ 'ବେଲ୍ ବଟମ୍' ରିଲିଜ ହେବ । ଏହି ଫିଲ୍ମରେ ଅକ୍ଷୟଙ୍କ ଅପୋଜିଟ୍ ବାଣୀ କପୁର, ହୁମା କୁରେଶୀ ଏବଂ ଲାରା ଦତ୍ତା ପ୍ରମୁଖ ଅଛନ୍ତି । 'ବେଲ୍ ବଟମ୍' ବ୍ୟତୀତ ଅକ୍ଷୟ କୁମାର ଫିଲ୍ମ 'ସୂର୍ଯ୍ୟବଂଶୀ', 'ବଚ୍ଚନ ପାଣ୍ଡେ', 'ରକ୍ଷା ବନ୍ଧନ', 'ରାମ ସେତୁ', 'ଅତରଙ୍ଗି ରେ', 'ପୃଥ୍ୱୀରାଜ' ଭଳି ଫିଲ୍ମରେ ନଜର ଆସିବେ ।

## ସନ୍ତୁଙ୍କ ହାତରେ 'ରଘୁ'

ମାୟାନଗରୀ ମୁମ୍ବାଇରେ ଏକ ୱେବ୍ ସିରିଜ୍‌ର ନିର୍ଦ୍ଦେଶନା ଦାୟିତ୍ୱ ଓଡ଼ିଆ ନିର୍ଦ୍ଦେଶକ ସନ୍ତୁଙ୍କୁ ମିଳିଛି । ସନ୍ତୁଙ୍କ ପୂରାନାମ ସନ୍ତୋଷ ବିଶୋୟୀ । ଓଟିଟି ପ୍ଲାଟ୍‌ଫର୍ମରେ ପ୍ରସାରିତ ହେବାକୁ ଥିବା ଏହି ୱେବ୍ ସିରିଜ୍‌ର ଟାଇଟଲ୍ ରହିଛି 'ରଘୁ ଇନ୍ ମୁମ୍ବାଇ' । ମୁମ୍ବାଇରେ ଏଭଳି ନିର୍ଦ୍ଦେଶନା ସୁଯୋଗ ସମ୍ଭବତଃ ପ୍ରଥମ ଥର ପାଇଁ ସନ୍ତୋଷଙ୍କ ଭଳି ଜଣେ ଓଡ଼ିଆ ପୁଅ ପାଇଛନ୍ତି । ଜାଫର୍ ଫିଲ୍ମସ୍ ପ୍ରଡକ୍ସନ୍ ହାଉସ୍ ଏହି ୱେବ୍ ସିରିଜ୍ ପ୍ରଯୋଜନା କରୁଛି ।ଏହାର ଅନ୍ୟୂନ ୧୦ଟି ଏପିସୋଡ୍‌ର ନିର୍ଦ୍ଦେଶନା ଦେବାକୁ ପ୍ରଯୋଜନା ସଂସ୍ଥା ସନ୍ତୋଷଙ୍କ ସହ ଚୁକ୍ତି କରିଛି । ପ୍ରତିଟି ଏପିସୋଡ୍‌ର ଅବଧି ରହିଛି ୨୫ ମିନିଟ୍ । ଏସବୁ ଏପିସୋଡ୍ ଡନ୍ ସିନେମା ମାଧ୍ୟମରେ ଓଟିଟି ପ୍ଲାଟ୍‌ଫର୍ମରେ ଖୁବଶୀଘ୍ର ପ୍ରଦର୍ଶିତ ହେବ ବୋଲି ମିଡିଆ ପ୍ଲାନର୍ ପ୍ରଣୟ ଜେଠୀ ସୂଚନା ଦେଇଛନ୍ତି । ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିବେ ଇମିନି ରାଓ୍ୱତ୍ ଓ ଅଲ୍ଲୀ ସାକିବ୍ । ଏଇ ୱେବ୍ ସିରିଜ୍‌ରେ ମଧ୍ୟ ଚିତ୍ରୋତ୍ତୋଳନର ସୁଯୋଗ ପାଇଛନ୍ତି ଓଡ଼ିଆ ସିନେମାଟୋଗ୍ରାଫର୍ ବିଶ୍ୱନାଥ ପଟ୍ଟନାୟକ ।



## ପୁଣି ମା' ହେବେ ଐଶ୍ୱର୍ଯ୍ୟା !

ବଚ୍ଚନ ପରିବାରକୁ ଆସିବେ ନୂଆ ସଦସ୍ୟ । ପୁଣି ଥରେ ମା' ହେବାକୁ ଯାଉଛନ୍ତି ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ । ଏ କଥା ଆମେ କହୁନୁ, ନିକଟରେ ସାମ୍ନାକୁ ଆସିଥିବା ଐଶ୍ୱର୍ଯ୍ୟାଙ୍କ କିଛି ଫଟୋକୁ ନେଇ ଏଭଳି ଚର୍ଚ୍ଚା ହେଉଛି । ତାଙ୍କ ଫଟୋ ଏବେ ଜୋରସୋରରେ ଭାଇରାଲ ମଧ୍ୟ ହେବାରେ ଲାଗିଛି ।

ଐଶ୍ୱର୍ଯ୍ୟା ଏବେ ତାମିଲନାଡୁରେ ଅଛନ୍ତି । ଫିଲ୍ମର ସେ ସୁଟିଂରେ ବ୍ୟସ୍ତ ଅଛନ୍ତି ନୀଳନୟନା । ସୁଟିଂରୁ ସମୟ ବାହାର କରି ଐଶ୍ୱର୍ଯ୍ୟା ନିକଟରେ ନିଜ କୋ-ଷ୍ଟାର ଶରଥ କୁମାରଙ୍କ ଘରକୁ ଯାଇଥିଲେ । ତାଙ୍କ ସହ ସ୍ୱାମୀ ଅଭିଷେକ ବଚ୍ଚନ ଓ ଝିଅ ଆରାଧ୍ୟା ମଧ୍ୟ ଥିଲେ । ଏହି ସମୟର କିଛି ଫଟୋକୁ ଶରଥଙ୍କ ଝିଅ ବରଲକ୍ଷ୍ମୀ ନିଜ ଇନଷ୍ଟାଗ୍ରମାରେ ସେଆର କରିଛନ୍ତି । ଫଟୋରେ ଐଶ୍ୱର୍ଯ୍ୟା କଳା ରଙ୍ଗର ଏକ ଅଫ୍ ସୋଲଡର ଡ୍ରେସ୍ ପିନ୍ଧିଛନ୍ତି । ଏଥିସହ ସେ ଅଳ୍ପ ମୋଟା ଦେଖାଯାଉଛନ୍ତି । ଫଟୋରେ ଐଶ୍ୱର୍ଯ୍ୟା ନିଜ ପେଟକୁ ଲୁଚାଇବାକୁ ମଧ୍ୟ ଚେଷ୍ଟା କରିଛନ୍ତି । କେତୋଟି ଫଟୋରେ ଐଶ୍ୱର୍ଯ୍ୟାଙ୍କ ପେଟ ବଢ଼ିଥିବା ମଧ୍ୟ ନଜର ଆସିଛି । ଏହି ଫଟୋ ସବୁ ସାମ୍ନାକୁ ଆସିବା ପରେ ସୋଶାଲ ମିଡିଆ ୟୁଜର୍ସମାନେ ଏଶ୍ୱର୍ଯ୍ୟା କୁଆଡେ ପୁଣି ଥରେ ମା' ହେବାକୁ ଯାଉଥିବା ନେଇ ଅନୁମାନ କରୁଛନ୍ତି । ଅନେକ ଲୋକେ ଏଶ୍ୱର୍ଯ୍ୟାଙ୍କ ବେବି ବମ୍ପ ଦେଖାଯାଉଥିବା କଥା ମଧ୍ୟ କହିଛନ୍ତି । ସୂଚନା ମୁତାବକ ଐଶ୍ୱର୍ଯ୍ୟା ଦୀର୍ଘ ଦିନ ପରେ ପୁଣି ଥରେ ପରଦାକୁ ଆସିବାକୁ ଯାଉଛନ୍ତି । ସେ ଫିଲ୍ମ 'ପୋନିଏନ୍ ସେଲଭାନ୍' ଜରିଆରେ କମ୍‌ବ୍ୟାକ୍ କରୁଛନ୍ତି । ଏହା ଏକ ସାଉଥ ଫିଲ୍ମ । ନିକଟରେ ଐଶ୍ୱାର୍ଯ୍ୟା ନିଜେ ଏହି ସୂଚନା ଦେଇଥିଲେ । ସେ ନିଜ ଇନ୍‌ଷ୍ଟାଗ୍ରାମରେ ପିଲ୍ମର ପୋଷ୍ଟର ମଧ୍ୟ ସେଆର କରିଥିଲେ ।

# ଅଲମ୍ପିକ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ପାଇଁ ଯୁବମୋର୍ଚ୍ଚାର ବିରାଟ ସାଇକେଲ ଶୋଭାଯାତ୍ରା

ଭୁବନେଶ୍ୱର,୨୯/୭ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଯୁବମୋର୍ଚ୍ଚା ପକ୍ଷରୁ ଏକ ୱେବସାଇଟ cheer4india.bjym.org ଲଂଚ କରାଯିବା ସହ କ୍ୟାମ୍ପେନ୍ ମାଧ୍ୟମରେ ଖେଳାଳିମାନଙ୍କ ମନୋବଳ ବୃଦ୍ଧି କରିବା ଓ ସେମାନଙ୍କୁ ମାନସିକ ଭାବେ ଉତ୍ସାହିତ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ଏହି ୱେବସାଇଟ ମାଧ୍ୟମରେ ଓଡିଶାର ଯୁବ ପିଢୀ ରେଜିଷ୍ଟ୍ରେସନ କରି ଆମ ରାଜ୍ୟ ତଥା ଦେଶର ଅଲମ୍ପିକ ଖେଳାଳିମାନଙ୍କୁ ଉତ୍ସାହିତ କରୁଛନ୍ତି । ଆଜି ରାଜ୍ୟ ଭୁବନେଶ୍ୱର ଜିଲ୍ଲା ଯୁବମୋର୍ଚ୍ଚା ପକ୍ଷରୁ ସାଇକେଲ ରାଲି ବାହାର କରି ଅଲମ୍ପିକରେ ଭାଗ ନେଇଥିବା ଭାରତର ଖେଳାଳିମାନଙ୍କ ମନୋବଳ ବୃଦ୍ଧି କରିବା ପାଇଁ ଜନ ସଚେତନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ରାଜ୍ୟ ସଭାପତି ସମୀର ମହାନ୍ତି ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଅଲମ୍ପିକ ଖେଳାଳିମାନେ ଦେଶର ଶୌର୍ଯ୍ୟ ଓ ପ୍ରତିଭାକୁ ବିଶ୍ୱ ଦରବାରରେ ଗୌରବାନ୍ୱିତ କରୁଛନ୍ତି ବୋଲି କହିଥିଲେ । ସେହିପରି ଓଡିଶାର ଓଡିଶାର ୪ ଜଣ ଖେଳାଳି ଦୂତୀ ଚାନ୍ଦ, ଦୀପଗ୍ରେସ ଏକ୍କା, ବିରେନ୍ଦ୍ର ଲାକ୍ରା, ଅମିତ ରୋହୀଦାସ ଟୋକିଓ ଅଲମ୍ପିକ -୨୦୨୦ରେ ଅଂଶ ଗ୍ରହଣ କରିଛନ୍ତି । ରାଜ୍ୟରୁ ପ୍ରତିନିଧିତ୍ୱ କରୁଥିବା ଏହି ଖେଳାଳିମାନେ ରାଜ୍ୟକୁ ଗୌରବାନ୍ୱିତ କରୁଛନ୍ତି । ଆଗାମୀ ଦିନରେ ଓଡିଶାର ତଥା ଭାରତର ଖେଳାଳିମାନେ କଠିନ ପରିଶ୍ରମ କରି ନିଜ ନିଜ ରାଜ୍ୟ ପାଇଁ ମେଡାଲ ଆଣିବେ ଏ ବିଶ୍ୱାସ ଆମ ଭାରତୀୟଙ୍କ ମନରେ ରହିଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ବିଗତ ଦିନରେ ଓଡିଶାର ଖେଳାଳିମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି । ଓଡିଶାବାସୀ ସମସ୍ତେ ଏକାଠି ହୋଇ ଅଲମ୍ପିକ ଖେଳାଳିମାନଙ୍କୁ ବିଭିନ୍ନ ଢଙ୍ଗରେ ଉତ୍ସାହିତ କରିବା ପାଇଁ ଶ୍ରୀ ମହାନ୍ତି ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂହ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ରଶ୍ମି ରଂଜନ ମହାପାତ୍ର, କ୍ରିକେଟ ଖେଳାଳୀ ଦୀପକ ମଙ୍ଗରାଜଙ୍କ ସମେତ ଯୁବ ମୋର୍ଚ୍ଚାର ବହୁ କାର୍ଯ୍ୟକର୍ତା ପ୍ରମୁଖ ଉପସ୍ଥିତ ଥିଲେ ।

# କୃଷି ଉନ୍ନତ ସହଯୋଗୀ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୯/୭ (ନି.ପ୍ର): କୃଷି ଉନ୍ନତ ସହଯୋଗୀ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର କୃଷି ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ସ୍ନାତକ ଛାତ୍ରଛାତ୍ରୀମାନେ କୃଷି ଓ କୃଷକର ବିକାଶ ଦିଗରେ ମହତ୍ୱପୂର୍ଣ୍ଣ ଯୋଗଦାନ କରିପାରିବେ । ଏହାଦ୍ୱାରା ରାଜ୍ୟର କୃଷକମାନେ ଚାଷ ସଂପର୍କିତ ବହୁମୂଲ୍ୟ ପରାମର୍ଶ ପାଇବା ସହିତ କୃଷି ବିଜ୍ଞାନର ଛାତ୍ରଛାତ୍ରୀମାନେ ଚାଷକାର୍ଯ୍ୟ ସମ୍ପର୍କରେ ପ୍ରତ୍ୟକ୍ଷ ଅନୁଭୂତି ଲାଭ କରିପାରିବେ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ପ୍ରଚଳନ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟର ୫ଟି ବିଶ୍ୱବିଦ୍ୟାଳୟ ଯଥା: ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, ସେଂଚୁରିଅନ୍ ବିଶ୍ୱବିଦ୍ୟାଳୟ ଏବଂ ଜିଆଇଇଟି ଅନୁଷ୍ଠାନର ପ୍ରାୟ ୧୧୦୦ ଜଣ କୃଷି ଓ ଉଦ୍ୟାନକୃଷିର ସ୍ନାତକ ଛାତ୍ରଛାତ୍ରୀମାନେ ଭାଗନେବେ । ୧୦ ସପ୍ତାହର ଏହି ଇଂଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ଦୁଇଟି ପର୍ଯ୍ୟାୟରେ କରାଯିବ । ପ୍ରଥମ ପର୍ଯ୍ୟାୟ ଜୁଲାଇରୁ ସେପ୍ଟେମ୍ବର ମାସ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଅକ୍ଟୋବର ମାସରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ କ୍ଷେତ୍ରରେ କାମ କରିବା ସମୟରେ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଫାର୍ମପଣ୍ଡ ଯୋଜନା ସମେତ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସଂପର୍କରେ ଅନୁଧ୍ୟାନ କରିବା ସହିତ ରୋଗପୋକ ସର୍ବେକ୍ଷଣ ଓ ନିୟନ୍ତ୍ରଣ ବ୍ୟବସ୍ଥା, ଚାଷୀମାନଙ୍କୁ ଡାଇରେକଫ ବେନିଫିଟ୍ ଟ୍ରାନ୍ସଫର ମାଧ୍ୟମରେ ଯୋଗାଇ ଦିଆଯାଉଥିବା ସହାୟତା ଓ କୃଷି ସାମଗ୍ରୀ ଯୋଗାଣ ଆଦି ବିଷୟରେ ପ୍ରତ୍ୟକ୍ଷ ଅନୁଭୂତି ଲାଭ କରିବେ । ଚଳିତ ବର୍ଷର କୃଷି ଉନ୍ନତ ସହଯୋଗୀ କାର୍ଯ୍ୟକ୍ରମ ଉପଲକ୍ଷେ ଆୟୋଜିତ ଭର୍ଚୁଆଲ ବୈଠକରେ ଯୋଗଦେଇ ମନ୍ତ୍ରୀ ଡ. ସାହୁ ଏହାକୁ ଦେଶର ଅନ୍ୟତମ ଶ୍ରେଷ୍ଠ କାର୍ଯ୍ୟକ୍ରମ ବୋଲି ଅଭିହିତ କରି କହିଲେ ଏହାଦ୍ୱାରା କୃଷକମାନେ ସହଯୋଗୀ ଛାତ୍ରଛାତ୍ରୀଙ୍କଠାରୁ ଚାଷ ସମ୍ବନ୍ଧୀୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଜ୍ଞାନକୌଶଳ ଓ ଚାଷ ପଦ୍ଧତି ସଂପର୍କରେ ଜାଣିବାର ସୁଯୋଗ ପାଇବେ । କୃଷକମାନେ ଅନେକ ପ୍ରତିକୂଳ ପରିସ୍ଥିତିର ସାମ୍ନା କରି କିପରି ଚାଷକାର୍ଯ୍ୟକୁ ଆଗେଇ ନେଉଛନ୍ତି ସେ ସଂପର୍କରେ ଛାତ୍ରଛାତ୍ରୀମାନେ ଜାଣିବାର ସୁଯୋଗ ପାଇବେ । ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀ, କୃଷି ବିଶ୍ୱବିଦ୍ୟାଳୟ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ସର୍ବୋପରି କୃଷକମାନେ ଲାଭବାନ ହୋଇପାରିବେ ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ । ବିଗତ ବର୍ଷରେ ଏହି କାର୍ଯ୍ୟକ୍ରମର ସଫଳତାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଏଥିରେ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ କୃଷି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ସାମିଲ କରାଯାଇଛି ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ ।

# ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ଅନ୍ୟ ସମସ୍ତ ସହରରେ ଅନୁକରଣୀୟ ହେବା ଉଚିତ୍: କେନ୍ଦ୍ର ନଗର ଉନ୍ନୟନ ସଚିବ

ଭୁବନେଶ୍ୱର,୨୯/୭ (ନି.ପ୍ର): ପୁରୀରେ ଗତ ସୋମବାର ଦିନ ଆକାଂକ୍ଷିତ ପ୍ରକଳ୍ପ 'ଡ୍ରିଙ୍କ ଫ୍ରମ୍ ଟ୍ୟାପ୍' ମିଶନ ଉଦ୍‌ଘାଟନ ପରେ ପୁରୀ ଭାରତରେ ପ୍ରତ୍ୟେକ ଘରେ ୨୪ ଘଂଟିଆ ଉଚ୍ଚମାନର ଜଳ ଯୋଗାଇବାର ପ୍ରଥମ ସହର ଭାବରେ ଖ୍ୟାତି ଲାଭ କରିଛି । ପୁରୀରେ ଶତକଡା ୧୦୦ ଭାଗ ଘରେ ମିଟର ଲଗାଯାଇ ଦିନରାତି ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଲଣ୍ଡନ, ସିଙ୍ଗାପୁର ଓ ନ୍ୟୁୟର୍କ ଭଳି ବିଶ୍ୱସ୍ତରୀୟ ସହରଗୁଡିକର ସମକକ୍ଷ ହୋଇପାରିଛି । ଏହି ସଫଳତା ପାଇଁ ଓଡିଶା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପ୍ରଶଂସା ଲାଭ କରିଛି । କେନ୍ଦ୍ର ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ସଚିବ ଦୁର୍ଗା ଶଙ୍କର ମିଶ୍ର ପୁରୀରେ ଲାଗୁ କରାଯାଇଥିବା ଏହି ଜଳ ଯୋଗାଣ ବ୍ୟବସ୍ଥାକୁ ଦେଶର ଅନ୍ୟ ସହରଗୁଡିକରେ ଅନୁକରଣ କରାଯିବା ଉଚିତ ବୋଲି ନିଜ ଉଦ୍‌ଘାଟନୀ ସମାରୋହ ବକ୍ତବ୍ୟରେ କହିଛନ୍ତି ।

ଗତ କାଲି ଦିଲ୍ଲୀ ସରକାରଙ୍କର ଅଧିକ୍ଷଣ ଯନ୍ତ୍ରୀ ଅଜୟ ଗୁପ୍ତା ପୁରୀର ବିଭିନ୍ନ ସ୍ଥାନ ପରିଦର୍ଶନ କରି ଏହି ଅତ୍ୟାଧୁନିକ ଜଳ ଯୋଗାଣ ବ୍ୟବସ୍ଥା ଅନୁଧ୍ୟାନ କରି ଏହି ପ୍ରକାର ବ୍ୟବସ୍ଥା ଏକ ସୁଚିନ୍ତିତ ଯୋଜନା ଓ କାର୍ଯ୍ୟକାରୀତାର ପ୍ରତିଫଳନ ବୋଲି ମତାମତ ଦେଇଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ 'ଡ୍ରିଙ୍କ ଫ୍ରମ୍ ଟ୍ୟାପ୍' ମିଶନ ଦ୍ୱାରା ପୁରୀବାସୀଙ୍କ ସହିତ ଏଠାକୁ ଆସୁଥିବା ପର୍ଯ୍ୟଟକ ଓ ତୀର୍ଥଯାତ୍ରୀମାନେ ସହର ରେ ଥିବା ଟ୍ୟାପ ଦ୍ୱାରା ପାଣି ପିଇପାରିବେ । ଏହା ସହିତ ପୁରୀକୁ ଆସୁଥିବା ତୀର୍ଥଯାତ୍ରୀମାନେ ରାଜ୍ୟ ସରକାରଙ୍କ ଦ୍ୱାରା ରାଜ୍ୟ ରାଜପଥରେ ସ୍ଥାପିତ ଏବଂ ପୁରୀର ଅନ୍ୟ ସ୍ଥାନ ମାନଙ୍କରେ ଥିବା ଜଳ ଉତ୍ସଗୁଡିକରୁ ଏହି ପାଣି ପାଇପାରିବେ ଯାହାକି ବିମାନବନ୍ଦରରେ ଉପଲବ୍ଧ ଜଳ ଉତ୍ସ ସହ ସମାନ । ଏହା ବ୍ୟତୀତ ଓଡିଶାର ୧୬ଟି ବିଭିନ୍ନ ସହରରେ ଏହି ମିଶନର କାର୍ଯ୍ୟ ଜୋରସୋରରେ ଅଗେଇ ଚାଲିଛି, ଏହାଦ୍ୱାରା ୪୦ ଲକ୍ଷ ଓଡିଶାବାସୀ ଉପକୃତ ହେବେ । ୫- ଟି ଶାସନ ବ୍ୟବସ୍ଥା ଅନ୍ତର୍ଗତ ଏହି ପରିବର୍ତନର ଧାରା 'ଡ୍ରିଙ୍କ ଫ୍ରମ୍ ଟ୍ୟାପ୍' ଓଡିଶାର ସମସ୍ତ ୧୧୪ଟି ସହରାଂଚଳ ସହ ବସ୍ତି ଗୁଡିକରେ ମଧ୍ୟ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାର ସିଦ୍ଧାନ୍ତ ଗ୍ରହଣ କରାଯାଇଥିବା ଗୃହ ଓ ନଗରଉନ୍ନୟନ ବିଭାଗ ସୂତ୍ରରୁ ପ୍ରକାଶ ।

# ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ବ୍ରହ୍ମପୁର ରେଲୱେ ଷ୍ଟେସନ୍ ନୀରିକ୍ଷଣ

ଭୁବନେଶ୍ୱର,୨୯/୭ (ନି.ପ୍ର): ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣ ବୁଧବାର ବ୍ରହ୍ମପୁର ରେଳ ଷ୍ଟେସନ ପରିଦର୍ଶନରେ ଆସି ବିଭିନ୍ନ ପ୍ରକଳ୍ପ ଓ ଯାତ୍ରୀ ସୁବିଧା ନୀରିକ୍ଷଣ କରିବା ସହିତ ଷ୍ଟେସନର ବିକାଶ ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ଯାତ୍ରୀ ସୁବିଧା ଉପରେ ଗୁରୁତ୍ୱାରୋପ କରିଥିଲେ । ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ବ୍ରହ୍ମପୁର ରେଳ ଷ୍ଟେସନକୁ ବିକଶିତ କରାଯିବ ଏବଂ ଆଧୁନିକ ସୁବିଧା ଯୋଗାଇ ଦିଆଯିବ । ଷ୍ଟେସନକୁ ସୌନ୍ଦର୍ଯ୍ୟମୟ ଆଲୋକ, ଉନ୍ନତ ସାଇନେଜ ଏବଂ ୱେଟିଂ ହଲ୍ ସମେତ ଉନ୍ନତ ଯାତ୍ରୀ ସୁବିଧା ସହିତ ବିକଶିତ କରାଯିବ । ଭ୍ରମଣକାରୀ ଜନସାଧାରଣଙ୍କୁ ଅଧିକ ସୁବିଧା ଯୋଗାଇ ଦିଆଯିବ । ଏହା ବ୍ୟତୀତ ଷ୍ଟେସନ ପ୍ରାଙ୍ଗଣ ଓ ଖାଲିଥିବା ସ୍ଥାନମାନଙ୍କରେ ବିକଶିତ କରାଯାଇ ସୌନ୍ଦର୍ଯ୍ୟକରଣ କରାଯିବ ।

ଟ୍ରେନ୍ ଚଳାଚଳ ସମ୍ବନ୍ଧରେ ମହାପ୍ରବନ୍ଧକ କହିଛନ୍ତି ଯେ କୋଭିଡ ପ୍ରୋଟୋକଲ୍ ଯୋଗୁଁ ସମସ୍ତ ନିୟମିତ ଟ୍ରେନ୍ ବାତିଲ ହୋଇଯାଇଛି ଏବଂ ବର୍ତ୍ତମାନ ଜରୁରୀକାଳୀନ ସ୍ଥଳରେ ଯାତ୍ରୀଙ୍କୁ ଜରୁରୀ ସୁବିଧା କରିବା ପାଇଁ ସ୍ୱତନ୍ତ୍ର ଟ୍ରେନ୍ ଚାଲୁଛି । ଏହି ପ୍ରସଙ୍ଗରେ ପୂର୍ବତଟ ରେଳପଥ ରାଜ୍ୟ ସରକାରଙ୍କ ସହିତ ନିରନ୍ତର ଯୋଗାଯୋଗରେ ଅଛି । କୋଭିଡ ମହାମାରୀ ସମୟରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏବଂ ରାଜ୍ୟ ସରକାରଙ୍କ ପରାମର୍ଶ ଅନୁଯାୟୀ ଅଧିକ ଟ୍ରେନ୍ ଚଳାଚଳ କରିବା ସମ୍ବନ୍ଧରେ ନିଷ୍ପତି ନିଆଯିବ ।

ବ୍ରହ୍ମପୁର - ଫୁଲବାଣୀ ଲାଇନ ସମ୍ବନ୍ଧୀୟ ଏକ ପ୍ରଶ୍ନକୁ ଉତର ଦେଇ ମହାପ୍ରବନ୍ଧକ କହିଛନ୍ତି ଯେ ସର୍ଭେ କମିଟି ଦ୍ୱାରା ପ୍ରକଳ୍ପର ଫେରସ୍ତ ହାର (ରେଟ ଅଫ ରିଟର୍ଣ୍ଣ) ଆକଳନ କରାଯିବ । ଏହାକୁ ଆଧାର କରି ନିଷ୍ପତି ନିଆଯିବ । ତେବେ ବ୍ରହ୍ମପୁରରେ ଟର୍ମିନାଲ ପଏଂଟ ଯୋଗାଣ ସାମ୍ପ୍ରତିକ ପରିସ୍ଥିତିରେ ସମ୍ଭବ ନୁହେଁ । ବରିଷ୍ଠ ନାଗରିକ, ଦିବ୍ୟାଙ୍ଗଜନ ଏବଂ ରୋଗୀଙ୍କୁ ସୁବିଧା ପ୍ରଦାନ କରିବା ପାଇଁ ଷ୍ଟେସନରେ ଲିଫ୍ଟ ଏବଂ ଏସ୍କାଲେଟର ଯୋଗାଇ ଦିଆଯାଇଛି । ପରିସ୍ଥିତି ଉପରେ ନିର୍ଭର କରି ଲିଫ୍ଟ ଏବଂ ଏସ୍କାଲେଟର୍ କାର୍ଯ୍ୟ କରୁଛି । ଶୌଚାଳୟ, ଜଳ ଯୋଗାଣ ଭଳି ସୁବିଧା ଏହି ଉନ୍ନତିକରଣ କାର୍ଯ୍ୟରେ ଯୋଗ କରାଯାଇଛି ।

ପ୍ଲାଟଫର୍ମର ସମ୍ପ୍ରସାରଣ ସମ୍ବନ୍ଧରେ ମହାପ୍ରବନ୍ଧକ ସୂଚନା ଦେଇଛନ୍ତି ଯେ ସମ୍ପୂର୍ଣ୍ଣ ଦୈର୍ଘ୍ୟ ଟ୍ରେନ୍ ରହିବା ପାଇଁ ପ୍ଲାଟଫର୍ମକୁ ବିସ୍ତାର କରିବାକୁ ରେଳବାଇ କାର୍ଯ୍ୟକାରୀ ଦଳ କାର୍ଯ୍ୟ କରୁଛି । ଏହି ସମସ୍ୟାର ଶୀଘ୍ର ସମାଧାନ ହେବ । ବିଦ୍ୟା ଭୂଷଣ ଏହା ମଧ୍ୟ ସୂଚନା ଦେଇଛନ୍ତି ଯେ ପ୍ରବାସୀ ମାନଙ୍କ ସୁବିଧା ପାଇଁ ପ୍ରବାସୀ ବିଶ୍ରାମ ଶେଡ ଏବଂ ଷ୍ଟେସନ ପ୍ରାଙ୍ଗଣ ଓ ଖାଲିଥିବା ସ୍ଥାନମାନଙ୍କରେ ଉନ୍ନତିକରଣ କାର୍ଯ୍ୟ ଚାଲୁ ରହିଛି । ବ୍ରହ୍ମପୁର-ସମ୍ବଲପୁର ନୂତନ ରେଳ ଲାଇନ ପାଇଁ ପ୍ରାଥମିକ ବିନିଯୋଗ କାର୍ଯ୍ୟକଳାପ ପାଇଁ ରେଳ ମନ୍ତ୍ରଣାଳୟ ଅନୁମୋଦନ ପ୍ରଦାନ କରିଛି ଯାହାକି ଓଡ଼ିଶା ରେଳ ଭିତିଭୂମି ବିକାଶ ଲିମିଟେଡ୍ ଦ୍ୱାରା ନିର୍ମାଣ କରାଯିବ । ସେହିଭଳି ୭୯ କିଲୋମିଟର ଦୈର୍ଘ୍ୟ ଗୁଣୁପୁର-ଥରୁଭାଲୀ ପ୍ରକଳ୍ପକୁ ମଧ୍ୟ ଅନୁମତି ଦିଆଯାଇଛି । ୨୨୩ କିମି ଦୈର୍ଘ୍ୟ ବ୍ରହ୍ମପୁର-ରାୟଗଡା ନୂତନ ଲାଇନ ପାଇଁ ସର୍ଭେ ରିପୋର୍ଟ ସମାପ୍ତ ହୋଇଛି ଏବଂ ଏହା ସମ୍ବନ୍ଧୀୟ ଦସ୍ତାବିଜ ଗୁଡିକୁ ସଠିକ ଭାବେ ନଜର କରାଯାଇଛି ।

# ବିବାଦୀୟ ଖେଳାଳୀ ୱାସିମଙ୍କୁ ଓଡିଶା କ୍ରିକେଟ କୋଚ ପଦରୁ ହଟାଇବା ଦାବି

ଭୁବନେଶ୍ୱର,୨୯/୭ (ନି.ପ୍ର): ଉତରାଖଣ୍ଡ କ୍ରିକେଟ ଟିମର କୋଚ ଭାବେ କାମ କରୁଥିବା ବେଳେ ବିବାଦୀୟ ହେବା ପରେ ଇସ୍ତଫା ଦେଇଥିବା ୱାସିମ ଜାଫରଙ୍କୁ ଓଡିଶା କ୍ରିକେଟ ଟିମର କୋଚ ଭାବେ ନିଯୁକ୍ତ କରା ଯିବା ନିଷ୍ପତିକୁ ହିନ୍ଦୁ ଜାଗରଣ ମଂଚ ପକ୍ଷରୁ ବିରୋଧ କରା ଯାଇଛି । ତାଙ୍କୁ ହଟାଇବାକୁ ଦାବି କରି ହିନ୍ଦୁ ଜାଗରଣ ମଂଚର କର୍ମକର୍ତା ମାନେ ବୁଧବାର ଦିନ ମାଷ୍ଟରକ୍ୟାଂଟିନ ଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ତାଙ୍କୁ ନ ହଟାଇଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଧମକ ଦିଆଯାଇଛି । ଏ ସମ୍ପର୍କରେ ସୂଚନା ଦେଇ ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ଭୁବନେଶ୍ୱର ମହାନଗର ସଂଯୋଜକ ପ୍ରତୀକ ମହାପାତ୍ର କହିଛନ୍ତି ଯେ ଓଡ଼ିଶା କ୍ରିକେଟ ଟିମ୍ ର ନବନିଯୁକ୍ତ କୋଚ୍ ୱାସୀମ ଜାଫର ଜଣେ ବିବାଦୀୟ ବ୍ୟକ୍ତି । ଅନ୍ତର୍ଜାତୀୟ କ୍ରିକେଟ୍ ଖେଳୁଥିବା ସମୟରେ ତାଙ୍କ ନାଁରେ ସମ୍ପ୍ରଦାୟ ଆଧାରିତ କିଛି ଅଭିଯୋଗ ମଧ୍ୟ ଆସିଥିଲା । ଉତ୍ତରାଖଣ୍ଡ କ୍ରିକେଟ୍ ଟିମ୍ ର କୋଚ୍ ଥିବା ବେଳେ ମଧ୍ୟ ତାଙ୍କ ନାମରେ ବହୁ ଅଭିଯୋଗ ଥିଲା । ଯଥା କ୍ରିକେଟ୍ ପ୍ରଶିକ୍ଷଣ ନାଁରେ ଧର୍ମର ପ୍ରଚାର, ସମ୍ପ୍ରଦାୟ ଆଧାରରେ ଖେଳାଳି ଓ ଅଧିନାୟକ ଚୟନ, ଟିମ୍ ର ନାରାରେ ପରିବର୍ତ୍ତନ । କ୍ରିକେଟ୍ କୋଚିଂ ନାଁ ରେ ଏହିଭଳି ଧାର୍ମିକ ହସ୍ତକ୍ଷେପର ଅଭିଯୋଗ ପରେ ଶେଷରେ ତାଙ୍କୁ କୋଚ୍ ପଦରୁ ହଟାଇ ଦିଆଯାଇଥିଲା । ଏହିଭଳି ଜଣେ ବିବାଦୀୟ ବ୍ୟକ୍ତିଙ୍କୁ କିଭଳି ଓସିଏର କୋଚ୍ ନିଯୁକ୍ତ କରାଗଲା ? ଓଡ଼ିଶା ଭଳି ଶାନ୍ତିପ୍ରିୟ ରାଜ୍ୟରେ ଉତ୍ତରାଖଣ୍ଡ ଘଟଣାର ପୁନରାବୃତି କିଭଳି ନ ହେଉ ଏବଂ ତାଙ୍କ ନିଯୁକ୍ତିକୁ ବିରୋଧ କରି ତାଙ୍କୁ ତୁରନ୍ତ ହଟାଇବାର ଦାବି ନେଇ ଆଜି ହିନ୍ଦୁ ଜାଗରଣ ମଂଚ ପକ୍ଷରୁ ଭୁବନେଶ୍ୱର ମହାନଗର ସଂଯୋଜକ ପ୍ରତୀକ ମହାପାତ୍ର ଏବଂ ଯୁବ ବାହିନୀ ପ୍ରମୁଖ ସାଇ ଓମ୍ ସାହୁଙ୍କ ନେତୃତ୍ୱରେ ମାଷ୍ଟର କ୍ୟାଣ୍ଟିନ ଛକରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ।

# ୫୩ତମ ସଂସ୍କୃତି ଚର୍ଚ୍ଚା ସମାରୋହ : ରଥଯାତ୍ରାର ସାଂସ୍କୃତିକ ହେତୁ ଶୀର୍ଷକ ଆଲୋଚନା

ଭୁବନେଶ୍ୱର,୨୯/୭ (ନି.ପ୍ର): ଆମ ସଂସ୍କୃତି ହେଉଛି ସମୂହବାଦର ସଂସ୍କୃତି । ଜଗନ୍ନାଥ ମହାପ୍ରଭୁଙ୍କ ଯାତ୍ରାରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଯୋଗ ଦେଇଥାନ୍ତି । ଜଗନ୍ନାଥ ମହାପ୍ରଭୁଙ୍କର ରହିଥିବା ଦ୍ୱାଦଶ ମହୋତ୍ସବ ମଧ୍ୟରୁ ଦୁଇଟିରେ ସେ ସ୍ୱୟଂ ଲୀଳା ପ୍ରକଟ କରିଥାନ୍ତି । ଶାସ୍ତ୍ରାଚାର ଓ ଲୋକାଚାର ଉଭୟ ତାଙ୍କୁ ପୁରୁଷୋତ୍ତମ ତଲ୍ୱରେ ସାବଲୀଳ ସମ୍ମାନ ଦିଅନ୍ତି । ରଥଯାତ୍ରା ଶାସ୍ତ୍ରାଚାର ଓ ଲୋକାଚାର ପରି ଦୁଇଟି ସ୍ତମ୍ଭ ଉପରେ ଦଣ୍ଡାୟମାନ ବୋଲି ବିଶିଷ୍ଟ ଆଲୋଚକ ଡା. କୃଷ୍ଣକେଶବ ଷଡ଼ଙ୍ଗୀ ମତପ୍ରଦାନ କରିଛନ୍ତି । ରାଜ୍ୟ ଅଭିଲେଖାଗାରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଦୃଶ୍ୟଶ୍ରାବ୍ୟ ମାଧ୍ୟମରେ ଅନୁଷ୍ଠିତ ୫୩ତମ 'ସଂସ୍କୃତି ଚର୍ଚ୍ଚା' କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଡା. ଷଡ଼ଙ୍ଗୀ ଉପରୋକ୍ତ ମର୍ମରେ ରଥଯାତ୍ରାର ସାଂସ୍କୃତିକ ହେତୁ ଉପରେ ବକ୍ତବ୍ୟ ରଖିଛନ୍ତି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ଦଳାଇ ରଥଯାତ୍ରାର ସ୍ୱାତନ୍ତ୍ର୍ୟ ଉପରେ ଆଲୋକପାତ କରିବା ସହିତ ଆମ ଜନଜୀବନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହି ଘୋଷଯାତ୍ରା ଯଥେଷ୍ଟ ମାତ୍ରାରେ ସାଂସ୍କୃତିକ ଓ ଆଧାତ୍ମିକ ପ୍ରଭାବ ବିସ୍ତାର କରିଛି ବୋଲି ପ୍ରକାଶ କରିଥିଲେ । ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଓଡ଼ିଆ ଜାତିର ପ୍ରାଣସ୍ପନ୍ଦନ ଓ ରଥଯାତ୍ରାକୁ ସାର୍ବଜନୀନ ଉତ୍ସବ ଭାବରେ ଅଭିହିତ କରିଥିଲେ । ମୁଖ୍ୟ ବକ୍ତା ଡ. ଷଡ଼ଙ୍ଗୀ ଶାସ୍ତ୍ର ଦୃଷ୍ଟିରୁ ଓ ଲୋକ ସଂସ୍କୃତି ଦୃଷ୍ଟିରୁ ଶ୍ରୀ ଜଗନ୍ନାଥଙ୍କ ର ଥଯାତ୍ରାର ସାଂସ୍କୃତିକ ମହତ୍ୱଗୁଡ଼ିକ ଉପରେ ଉଲ୍ଲେଖ କରିବାକୁ ଯାଇ କହିଥିଲେ ଯେ ଜଣେ ରାଜା ଯେପର୍ଯ୍ୟନ୍ତ ସାଧାରଣ ଜନଜୀବନଠାରୁ ଦୂରରେ ରହି କେବଳ ରାଜକୀୟ ଐଶ୍ୱର୍ଯ୍ୟରେ ବୁଡ଼ି ରହେ ଓ ସାଂସ୍କୃତିକ ଜୀବନର ପ୍ରକୃତ ସ୍ୱାଦ ଅନୁଭବ କରିପାରେ ନାହିଁ, ସେତେବେଳ ପର୍ଯ୍ୟନ୍ତ ସେ ଜନଜୀବନର ସୁଖଦୁଃଖକୁ ସମାହିତ କରିପାରିବ ନାହିଁ କି ଯଥାର୍ଥ ରାଜା ହୋଇପାରିବ ନାହିଁ । ଜୀବନର ଉତ୍‌ଥାନ ଓ ପତନକୁ ସମଦୃଷ୍ଟିରେ ଦେଖିବାକୁ ଅର୍ଥାତ୍ ସ୍ଥିତପ୍ରଜ୍ଞ ହେବା ପାଇଁ ରଥଯାତ୍ରାର ସାଂସ୍କୃତିକ ସନ୍ଦେଶ ସମସ୍ତଙ୍କୁ ପ୍ରଚୋଦିତ କରିଛି । ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ୍ ଅଲ୍ଲୀ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେବା ସହିତ ଉଦ୍ଦେଶ୍ୟଜ୍ଞାପନ କରିଥିବାବେଳେ ଉପେନ୍ଦ୍ର କୁମାର ବେ ହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ପୋର୍ଟାଲରୁ ମିଳିପାରିବ ପେନ୍‌ସନ୍ ଅର୍ଡର

ଭୁବନେଶ୍ୱର,୨୯/୭ (ନି.ପ୍ର): କଂଟ୍ରୋଲର ଅଫ୍ ଏକାଉଂଟସ୍ କାର୍ଯ୍ୟାଳୟ ଦ୍ୱାରା ପଠାଯାଇଥିବା ପେନ୍‌ସନ୍ ଅର୍ଡରଗୁଡ଼ିକ ଚଳିତ ବର୍ଷ ଅପ୍ରେଲ ପହିଲାଠାରୁ ଆଇଏଫ୍‌ଏମ୍‌ଏସ୍ ପୋର୍ଟାଲରେ ଅପ୍‌ଲୋଡ୍ କରାଯାଉଛି । ସଂପୃକ୍ତ ଅବସରପ୍ରାପ୍ତ କର୍ମଚାରୀ ଅଥବା ମୃତ କର୍ମଚାରୀଙ୍କ ଉତରାଧିକାରୀଙ୍କୁ ଏସ୍‌ଏମ୍‌ଏସ୍ ମାଧ୍ୟମରେ ଅବଗତ କରାଯାଉଛି । ସେମାନେ ସଂପୃକ୍ତ ଟ୍ରେଜେରୀ/ ସ୍ୱତନ୍ତ୍ର ଟ୍ରେଜେରୀ/ ସବ୍‌ଟ୍ରେଜେରୀ ଅଫିସର ମାନଙ୍କଠାରୁ ସେମାନଙ୍କ ପ୍ରାପ୍ୟ ପାଇବା ପାଇଁ ସାକ୍ଷାତ କରିପାରିବେ । ଆବଶ୍ୟକ ସ୍ଥଳେ ପେନ୍‌ସନ୍ ଭୋଗୀମାନେ ସେମାନଙ୍କ ପେନ୍‌ସନ୍ ପେମେଂଟ ଆଦେଶ odisha treasury . gov.in ମାଧ୍ୟମରେ ଡାଉନ୍‌ଲୋଡ୍ କରିପାରିବେ ।

# କଟକରେ ଏସସି ଏସଟି ଆକ୍ଟର କାର୍ଯ୍ୟକାରିତା ନିମନ୍ତେ ଦିନିକିଆ ଆଡ଼ଭୋକେଟ ପରାମର୍ଶ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୨୯/୭ (ନି.ପ୍ର): ରାଜ୍ୟରେ ଅନୁସୂଚିତ ବର୍ଗଙ୍କ ଉପରେ ନିର୍ଯ୍ୟାତନା ଘଟଣା ବଢି ଚାଲୁଥିବା ପରିପ୍ରେକ୍ଷୀରେ ଏସ୍‌ସି, ଏସ୍‌ଟି (ନିର୍ଯାତନା ନିବାରଣ) ଆଇନର କାର୍ଯ୍ୟକାରିତା ସମ୍ପର୍କରେ ଏକ ଦିନିକିଆ ଅଧିବକ୍ତା ପରାମର୍ଶ ବୈଠକ କଟକସ୍ଥିତ ପାନୁନିବାସ ଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ମାନବ ଅଧିକାର କମିଶନ ସଦସ୍ୟ ଶ୍ରୀ ଅସୀମ ଅମିତାଭ ଦାଶ ଓ ପ୍ରାକନ୍ତ ଖାଦ୍ୟ କମିଶନ ସଦସ୍ୟା ଡ. ସିପ୍ରା ମଲ୍ଲିକ ଏଥିରେ ଅତିଥି ଭାବେ ଯୋଗଦାନ କରି ଆଇନ ଓ ସମ୍ବିଧାନର ସଠିକ ପ୍ରୟୋଗ ନିମନ୍ତେ ସ୍ୱତନ୍ତ୍ର ଭାବରେ ଦୃଢ଼ ପଦକ୍ଷେପ ନିଆଯିବ ବୋଲି ଘୋଷଣା କରିଥିଲେ ଏବଂ ଆଡ଼ଭୋକେଟମାନେ କିଭଳି ସକ୍ରିୟ ଭୂମିକା ନେବା ଆବଶ୍ୟକ ସେ ବିଷୟରେ ପରାମର୍ଶ ଦେଇଥିଲେ । ରାଜ୍ୟର ଅଗ୍ରଣୀ ଗଣସଂଗଠନ ଆମ୍ବେଦକର ଲୋହିଆ ବିଚାରମଂଚ ଓ ରାଷ୍ଟ୍ରୀୟ ଦଳିତ ନ୍ୟାୟ ଆନ୍ଦୋଳନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ୬ଟି ଜିଲ୍ଲାରୁ ଆଡ଼ଭୋକେଟମାନେ ଯୋଗ ଦେଇ ବିଚାର ବିମର୍ଷରେ ଭାଗ ନେଇଥିଲେ । ବିଚାର ମଂଚର ସଭାପତି ସଂଗ୍ରାମ ମଲିକ ଏଥିରେ ସଭାପତିତ୍ୱ କରି ରାଜ୍ୟରେ ନିର୍ଯ୍ୟାତନା ମାମଲା ବଢି ଚାଲିଥିଲା ବେଳେ ଖୁବ୍ କମ୍ ସଂଖ୍ୟକ ମାମଲାର ବିଚାର ଶେଷ ହେଉଛି ଓ ଅତି ନଗଣ୍ୟ ଦୋଷୀସାବ୍ୟସ୍ତ ହାର ରହିଛି ବୋଲି ଉଦ୍‌ବେଗ ପ୍ରକାଶ କରିଥିଲେ । ୨୦୧୯ ମସିହାର ଏନ.ସି.ଆର.ବି ତଥ୍ୟ ଆଧାରରେ ସେହିବର୍ଷ ମାତ୍ର ୧୨ଟି ମାମଲାର ରାୟ ପ୍ରକାଶ ପାଇଥିଲା ଯାହା ମଧ୍ୟରୁ ୨ଟି ମାମଲାରେ ଅଭିଯୁକ୍ତମାନେ ଦୋଷୀସାବ୍ୟସ୍ତ ହୋଇଥିଲେ; ଅପର ପକ୍ଷରେ ସତର ହଜାରରୁ ଅଧିକ ମାମଲା ଏସ୍‌ସି, ଏସ୍‌ଟି ଆକ୍ଟ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ବିଚାରାଳୟଗୁଡ଼ିକରେ ପଡ଼ି ରହିଥିଲା । ଏଣୁ ଦୈନନ୍ଦିନ ଶୁଣାଣୀ କରାଯାଇ ତ୍ୱରିତ ବିଚାର ପାଇଁ ଆଡ଼ଭୋକେଟମାନେ କୋର୍ଟ ନିକଟରେ ଉପସ୍ଥାପନ କରିବାକୁ ଶ୍ରୀ ମଲିକ କହିଥିଲେ । ଏହା ସହିତ ନିର୍ଯାତିତ ଓ ସାକ୍ଷୀମାନଙ୍କର ସମ୍ପର୍କୀୟଙ୍କୁ ସୁରକ୍ଷା, ତଦନ୍ତ ଅନୁସନ୍ଧାନ ଓ ବିଚାର ସମୟରେ ଯାତାୟତ ଖର୍ଚ୍ଚ, ସାମାଜିକ-ଆର୍ଥିକ ଥଇଥାନ ଏବଂ ସ୍ଥାନାନ୍ତରଣ ଆଦି ସମ୍ପର୍କରେ ସ୍ୱତନ୍ତ୍ର କୋର୍ଟର କ୍ଷମତା ରହିଛି ଓ ସେ ସମ୍ପର୍କରେ ପିଟିସନ ଦାଖଲ କରିବା ଆବଶ୍ୟକ ବୋଲି ସେ ପ୍ରକାଶ କରିଥିଲେ । ଜାତୀୟ ଦଳିତ ନ୍ୟାୟ ଆନ୍ଦୋଳନର ସାଧାରଣ ସମ୍ପାଦକ ଡ. ରାହୁଲ ସିଂ ଏସ୍‌ସି, ଏସ୍‌ଟି ଆକ୍ଟର ସଂଶୋଧନ ଓ ସେଥିରେ ରହିଥିବା ବିଶେଷ ବ୍ୟବସ୍ଥା ଗୁଡ଼ିକ ଉପସ୍ଥାପନା କରିବା ସହିତ ଏହି ଆଇନ ଅନ୍ତର୍ଗତ ମାମଲାର ସ୍ୱତନ୍ତ୍ର ସରକାରୀ ଅଭିଯୋଜକ (ସ୍ପେଶାଲ ପି.ପି) ସଠିକ ଭାବରେ ମାମଲା ପରିଚାଳନା ନ କରୁଥିଲେ ତାଙ୍କୁ ପରିବର୍ତନ କରି ନିର୍ଯ୍ୟାତିତଙ୍କ ପସନ୍ଦର ସ୍ପେଶାଲ ପି.ପି ସରକାରୀ ଖର୍ଚ୍ଚରେ ନିଯୁକ୍ତି କରାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ଏହି ଅବସରରେ ଦେଶରେ ଏହି ଆଇନର ପ୍ରୟୋଗର ସ୍ଥିତି ସମ୍ପର୍କରେ ଏକ ରିପୋର୍ଟ 'କ୍ୱେଷ୍ଟ ଫର୍ ଜଷ୍ଟିସ୍' ଉନ୍ମୋଚନ କରାଯାଇଥିଲା ।

# ଟୀକା କରଣ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଘେରିଲା କଂଗ୍ରେସ

ଭୁବନେଶ୍ୱର,୨୯/୭ (ନି.ପ୍ର): ଟୀକା କରଣ ନୀତି ସଂକ୍ରାନ୍ତରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦାସୀନତାକୁ ତୀବ୍ର ନିନ୍ଦା କରିଛି ପ୍ରଦେଶ କଂଗ୍ରେସ । ଆଜି କଂଗ୍ରେସ ଭବନରେ ଏ ସଂକ୍ରାନ୍ତରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ଅମିୟ ପାଣ୍ଡବ ଏବଂ ରଜନୀ କୁମାର ମହାନ୍ତି କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ନେଇ ସନ୍ଦେହ ପ୍ରକାଶ କରିବା ସହ ଏ ସମ୍ପର୍କରେ ସ୍ୱଷ୍ଟତା ପ୍ରକାଶ କରିବାକୁ ଦାବି କରିଛନ୍ତି ।

ଶ୍ରୀ ପାଣ୍ଡବ କହିଛନ୍ତି ଯେ କେନ୍ଦ୍ର ସରକାର ସୁପ୍ରିମକୋର୍ଟକୁ ମଧ୍ୟ ଭରସା ଦେଇଥିଲେ ଯେ ଡିସେମ୍ବର ଶେଷ ସୁଦ୍ଧା ୧୮ ବର୍ଷରୁ ଉର୍ଦ୍ଧ ସମସ୍ତ ଦେଶବାସୀଙ୍କୁ କରୋନା ଟୀକା ପ୍ରଦାନ କରାଯିବ । ମାତ୍ର ଦୁର୍ଭାର୍ଗ୍ୟର କଥା ଦୁଇମାସ ତଳେ କେନ୍ଦ୍ର ମନ୍ତ୍ରୀ ପ୍ରକାଶ ଯାଭେଡକର ଏକତା ଦୃଢ଼ତାର ସହିତ କହିଥିବା ବେଳେ ଗତ ଶୁକ୍ରବାର ଦିନ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ଭାରତୀ ପାଓ୍ୱାର ସଂପୂର୍ଣ୍ଣ ଟୀକାକରଣ ନେଇ କୌଣସି ନିର୍ଦ୍ଦିଷ୍ଟ ସମୟସୀମା କୁହାଯାଇ ପାରିବ ନାହିଁ ବୋଲି ସଂସଦରେ କହିଛନ୍ତି । ଏହାହିଁ ସରକାରଙ୍କ ଭୂମିକାକୁ ସନ୍ଦେହର କାଠଗଡ଼ାରେ ଠିଆ କରିଛି । ସରକାରଙ୍କ ଦ୍ୱାରା ପ୍ରଦତ ତଥ୍ୟ ଅନୁସାରେ ସାରା ଦେଶରେ ୧୮ ବର୍ଷରୁ ଉର୍ଦ୍ଧ ୧୦୮ କୋଟି ଲୋକ ଅଛନ୍ତି ଏବଂ ସେମାନଙ୍କ ପାଇଁ ୨୧୬ କୋଟି ଡୋଜ ଟୀକା ଦରକାର । ଆଜିଯାଏ ମାତ୍ର ୪୫ କୋଟି ଲୋକଙ୍କୁ ଟୀକା ଦିଆଯାଇ ପାରିଛି । ସେଥିମଧ୍ୟରୁ ମାତ୍ର ୯ କୋଟି ଲୋକ ଡବଲ ଡୋଜ ନେଇଥିବା ବେଳେ ୩୬ କୋଟି ଲୋକ ସିଙ୍ଗିଲ ଡୋଜ ନେଇଛନ୍ତି । ବାକି ୧୬୧ କୋଟି ଡୋଜ ଆଉ ୫ମାସ ଭିତରେ କେମିତି ଦିଆଯିବ ସେ ନେଇ ଜନସାଧାରଣ ଆଶଙ୍କା ପ୍ରକାଶ କରିଛନ୍ତି । ଏବେ ଦିନକୁ ହାରାହାରି ମାତ୍ର ୪୦-୪୫ ଲକ୍ଷ ଡୋଜ ଦିଆଯାଉଥିବା ବେଳେ ଏହା କେମିତି ସମ୍ଭବ ବୋଲି ଦଳ ପକ୍ଷରୁ କୁହାଯାଇଛି । କଂଗ୍ରେସ ମୁଖପାତ୍ର ରଜନୀ କୁମାର ମହାନ୍ତି କହିଥିଲେ ଜୁନ ୨୧ ତାରିଖ ପରେ କେନ୍ଦ୍ର ସରକାରଙ୍କର ଯେଉଁ ଜାତୀୟ ଟୀକା ନୀତିର ପରିବର୍ତନ କରାଗଲା ସେଥିରେ ସ୍ୱଷ୍ଟ ଭାବରେ ଉଲ୍ଲେଖ କରାଗଲା ଯେ ୨୫% ଟୀକା କର୍ପୋରେଟ ଓ ପ୍ରାଇଭେଟ ହସପିଟାଲ ମାନଙ୍କୁ ଦିଆଯିବ । ଯେଉଁ ରାଜ୍ୟରେ ଯେତିକି ଟୀକାର ଭାଗ ପଡ଼ିବ ତାହା ପୂର୍ବରୁ ସୂଚେଇ ଦିଆଯିବ । ଏହି ନୀତିର ପରିବର୍ତନ ପରେ ଓଡ଼ିଶାର ପ୍ରାଇଭେଟ ହସପିଟାଲ ମାନେ ସେମାନେ ଆବଂଟିତ ଟୀକାକୁ ସଂପୂର୍ଣ୍ଣରୂପେ ଉଠେଇଲେ ନାହିଁ । କେନ୍ଦ୍ର ସରକାର ଯେଉଁ ତଥ୍ୟ ପ୍ରଦାନ କରିଛନ୍ତି ସେଥିରୁ ସ୍ୱଷ୍ଟ ଭାବରେ ବୁଝାପଡୁଛି ଯେ ଜୁନ ମାସରେ ୯ଲକ୍ଷ ୨୫ ହଜାର ଡୋଜର ଟୀକା ଓଡ଼ିଶାର ପ୍ରାଇଭେଟ ହସପିଟାଲ ମାନଙ୍କୁ ଦିଆଯାଇଥିଲା କିନ୍ତୁ ଜୁନ ମାସରେ ମାତ୍ର ୬୬ ହଜାର ୫ଶହ ଟୀକା ପ୍ରାଇଭେଟ ହସିପିଟାଲମାନେ କିଣିଲେ ଏବଂ ଜୁଲାଇ ମାସରେ ଆବଂଟିତ ୧୦ଲକ୍ଷ ୧୬ ହଜାର ଟୀକାରୁ ଏ ପର୍ଯ୍ୟନ୍ତ ୧ ଲକ୍ଷ ୫୬ ହଜାର ଟୀକା ସେମାନେ କିଣିଛନ୍ତି । ତେଣୁ ଏହାଦ୍ୱାରା ୧୭ ଲକ୍ଷ ୭୪ ହଜାର ଡୋଜର ଟୀକା ଓଡ଼ିଶା ତା ଭାଗରୁ ହରାଇଲା ।



ଟୀକାକରଣର ମାତ୍ରା ବୃଦ୍ଧି କରିବା, ବିଭିନ୍ନ ରାଜ୍ୟର ଦାବି ଅନୁସାରେ ଜନସଂଖ୍ୟା, ଭିର୍ତିଭୂମି ଓ ଆବଶ୍ୟକତାକୁ ଆଧାର କରି ଟୀକା ଆବଂଟନ ନୀତିର ସଂଶୋଧନ କରିବା, ଯେଉଁ ୩୫ ହଜାର କୋଟି ଟଙ୍କା ଟୀକା କରଣ ପାଇଁ ବଜେଟରେ ବ୍ୟବସ୍ଥା ହୋଇଛି ତନ୍ମ ମଧ୍ୟରୁ କେତେ ଟଙ୍କା କେଉଁ ବାବଦରେ ଆଜିଯାଏ ଖର୍ଚ୍ଚ ହୋଇଛି ତାର ତଥ୍ୟ ସରକାର ପ୍ରକାଶ କରିବା ସହ ସୁପ୍ରିମକୋର୍ଟର ତାଗିଦ ପରେ କୋଭିଡ ମୃତକଙ୍କୁ କ୍ଷତିପୂରଣ ଦେବା ବାବଦରେ ସରକାର ସ୍ୱଷ୍ଟତା ପ୍ରକାଶ କରିବାକୁ ଦଳ ଦାବି କରିଛି ।

## ବନ୍ଦର ନିଷିଦ୍ଧାଞ୍ଚଳରେ ଅଘଟଣ : ଶ୍ରମିକ ଗୁରୁତର

ପାରାଦୀପ,୨୯/୦୭ (ନି.ପ୍ର): ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ଏକ ଅଘଟଣ ଘଟି ଯାଇଛି । ଘଟଣାରୁ ପ୍ରକାଶ ବନ୍ଦରର ରୁଟ-୬ ପ୍ଲଟରେ ଟ୍ରେନ ଦ୍ୱାରା କୋଇଲା ଲୋଡିଂ ସମୟରେ ୱାଗନ ଡୋର୍ ଖୋଲି ଯିବାରୁ ଜଣେ ଜିପିଏମ୍ ଶ୍ରମିକ ଗୁରୁତର ହୋଇ କଟକ ସ୍ଥାନାନ୍ତର ହୋଇଛନ୍ତି । ମିଳିଥିବା ସୂଚନା ମୁତାବକ ଟ୍ରେନରେ କୋଇଲା ଲୋଡିଂ ପୂର୍ବରୁ ପ୍ରଥମେ ୱାଗନ୍ ର ଡୋର ଗୁଡିକୁ ଲକ୍ କରିବା ସହିତ ଏହାକୁ ଜିପିଏମ୍ ଶ୍ରମିକମାନେ ଯାଞ୍ଚ କରିଥାନ୍ତି । ଆଜି ରବି ମଲ୍ଲିକ ନାମକ ଜଣେ ଜିପିଏମ୍ ଶ୍ରମିକ ଉକ୍ତ ୱାଗନ୍ ର ଡୋର ଲକ୍ କରିବା ସମୟରେ ସିଗିନାଲ କର୍ମଚାରୀ କୋଇଲା ଲୋଡିଂ କରିବାକୁ ସିଗନାଲ ଦେଇଥିଲେ । ଫଳରେ ୱାଗନ୍‌ର ଡୋର୍‌ଟି ହଠାତ ଖୋଲିଯାଇ ରବିଙ୍କ ମୁହଁରେ ମାଡ ବାଜି ଯିବାରୁ ସେ ସମ୍ପୂର୍ଣ୍ଣ କୋଇଲାରେ ପୋତି ହୋଇ ପଡିଥିଲେ । ସେଠାରେ କାର୍ଯ୍ୟରତ ଅନ୍ୟ ଶ୍ରମିକ ମାନେ କୋଇଲା ଖୋଳି ତାଙ୍କୁ ଉଦ୍ଧାର କରିବା ସହିତ ବନ୍ଦର ଚିକିତ୍ସାଳୟକୁ ପଠାଇଥିଲେ । ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ତେବେ ଏହି ଘଟଣାକୁ ନେଇ ଜିପିଏମ୍ ଶ୍ରମିକ ମାନଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା ।

## ଆଜି ରାଜ୍ୟରେ ୨୦୩୯ କରୋନା ଆକ୍ରାନ୍ତ ସୁସ୍ଥ

ଭୁବନେଶ୍ୱର,୨୯/୦୭ (ନି.ପ୍ର): ଆଜି ରାଜ୍ୟରେ ୨୦୩୯ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏହାସହିତ ରାଜ୍ୟରେ ସୁସ୍ଥ ହୋଇଥିବା କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୯,୫୩,୦୮୮ରେ ପହଂଚିଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ସର୍ବାଧିକ ଖୋର୍ଦ୍ଧା ଜିଲ୍ଲାରୁ ୫୪୦, କଟକ ଜିଲ୍ଲାରୁ ୨୨୫ଜଣ ସୁସ୍ଥ ହୋଇଛନ୍ତି । ସେହିପରି ଭଦ୍ରକରୁ ୧୭୧, ଯାଜପୁରରୁ ୧୨୯, କେନ୍ଦ୍ରାପଡ଼ାରୁ ୧୧୦, ପୁରୀରୁ ୧୦୦, ଜଗତସିଂହପୁରରୁ ୯୦, ମୟୂରଭଞ୍ଜରୁ ୮୯, ବାଲେଶ୍ୱରରୁ ୮୨, ନୟାଗଡ଼ରୁ ୭୧, ଅନୁଗୁଳରୁ ୬୫ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ଢେଙ୍କାନାଳରୁ ୫୭, ମାଲକାନଗିରିରୁ ୨୭, କନ୍ଧମାଳରୁ ୨୩, କେନ୍ଦୁଝରରୁ ୨୨, ସମ୍ବଲପୁରରୁ ୨୦, ରାୟଗଡ଼ରୁ ୧୯, ସୁନ୍ଦରଗଡ଼ରୁ ୧୫, ବୌଦ୍ଧରୁ ୧୦, କଳାହାଣ୍ଡିରୁ ୯ ଏବଂ ବରଗଡ଼, ବଲାଙ୍ଗୀର, କୋରାପୁଟ, ସୋନପୁର ଜିଲ୍ଲାରୁ ୮ଜଣ ଲେଖାଏଁ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

# ନୂତନ ୪୫ ମଣ୍ଡଳକୁ ସରକାରୀ ମଞ୍ଜୁରି

## ଜିଲ୍ଲାର ରାଜସ୍ୱ ନିରୀକ୍ଷକ ମଣ୍ଡଳ ସଂଖ୍ୟା ୧୩୦କୁ ବୃଦ୍ଧି

ବାଲେଶ୍ୱର,୨୯/୦୭ (ନି.ପ୍ର): ବାଲେଶ୍ୱର ଜିଲାର ଆର.ଆଇ.ସର୍କଲ (ରାଜସ୍ୱ ନିରୀକ୍ଷକ ମଣ୍ଡଳ) ପୁନର୍ଗଠନ ପ୍ରସ୍ତାବକୁ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ମଞ୍ଜୁରି ମିଳିଛି । ଏଥିରେ ୪୫ ଟି ନୂତନ ଆର.ଆଇ.ସର୍କଲ ଗଠନ କରାଯାଇଛି । ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଜ୍ଞପ୍ତି ସଂଖ୍ୟା - ୧୮୨୮୨/ ତା ୨୫.୬.୨୦୨୧ରିଖ ମୂଳେ ଏହି ପୁନର୍ଗଠନ ପ୍ରସ୍ତାବକୁ ମଞ୍ଜୁରି ଦିଆଯାଇଛି । ଏଥିରେ ସଦର ତହସିଲର ୧୧ଟି ନୂଆ ଆର.ଆଇ. ସର୍କଲ ପ୍ରତିଷ୍ଠା କରାଯାଇଛି, ଯେଉଁଥିରେ ସହଦେବଖଣ୍ଟା ୟୁନିଟ ନଂ-୨, ପଦୁଆଁପଦା ୟୁନିଟ ନଂ-୮, ଅଙ୍ଗାରଗଡିଆ-୨-ୟୁନିଟ-୫, ଜଦପୁର ୟୁନିଟ ନଂ-୧୧, ଶ୍ରୀକଣ୍ଠପୁର ୟୁନିଟ ନଂ-୧୩, ଚନ୍ଦ୍ରାଗଡି ୟୁନିଟ ନଂ-୯, ମାନସିଂ ବଜାର ୟୁନିଟ ନଂ-୧୯, ସୁନହଟ ୟୁନିଟ ନଂ-୩୦, ମାଣିଖମ୍ବ ୟୁନିଟ ନଂ-୨୩, ସୁଏଲପୁର ୟୁନିଟ ନଂ-୨୨ ଏବଂ ପୁରୁଣା ବାଲେଶ୍ୱର୨-ୟୁନିଟ ନଂ-୩୨ ରହିଛି । ସେହିପରି ରେମୁଣା ତହସିଲରେ ୩ଟି ନୂତନ ଆର.ଆଇ.ସର୍କଲ - ବେଗୁନିଆ, ଶାଳବଣ ଏବଂ ଶିଳଶୁଆଁ, ବସ୍ତା ତହସିଲରେ ରାଉତପଡା, ମଥାନୀ, ରଘୁନାଥପୁର, ସିଙ୍ଗଲା ଏବଂ ନାଇକୁଡି ଆଦି ୫ଟି, ଜଳେଶ୍ୱର ତହସିଲରେ ଗୋବରଘାଟା, ମହମ୍ମଦ ନଗର ପାଟଣା, ଗୋପୀମହନପୁର, ଦକ୍ଷିଣ ପ୍ରହରାଜପୁର ଏବଂ ରାଇବଣିଆ ଆଦି ୫ଟି, ଭୋଗରାଇ ତହସିଲରେ ଦାହୁଁଦା, କୁସୁଡା, କଟିସାହି, ଜୟରାମପୁର, ସୋହରିଆ, ପସରବିନ୍ଧା, ବାଜିତପୁର ଏବଂ ଗୋଛିଦା ତେଘରୀ ଆଦି ୮ଟି, ଖଇରା ତହସିଲରେ ଗୋଲିହା, ମହାଡିପୁର ଏବଂ କୋଟିଆକୋଇଲି ଆଦି ୩ଟି, ବାଲିଆପାଳ ତହସିଲରେ ମଧୁପୁରା, ଡଗରା ଏବଂ ବଳରାମପୁର ଆଦି ୩ଟି, ବାହାନଗା ତହସିଲରେ କୁରୁଡା ଏବଂ କଲ୍ୟାଣୀ ଆଦି ୨ଟି, ନୀଳଗିରି ତହସିଲରେ ଛତ୍ରପୁର ଏବଂ ଅଯୋଧ୍ୟା ଆଦି ଦୁଇଟି, ଔପଦା ତହସିଲରେ ଫତେପୁର, ଗଡ଼ସାହି ଏବଂ ବଡ଼ପୋଖରୀ ଆଦି ୩ଟି ନୂଆ ଆରଆଇ ସର୍କଲ ପ୍ରତିଷ୍ଠା କରାଯାଇଛି । ଏହା ପୂର୍ବରୁ ଜିଲ୍ଲାରେ ୮୫ଟି ଆର.ଆଇ. ସର୍କଲ ଥିବା ବେଳେ ନୂଆ ୪୫ଟି ଗଠିତ ପରେ ଏହି ସଂଖ୍ୟା ୧୩୦କୁ ବୃଦ୍ଧି ପାଇଛି । ଜିଲାର ଆରଆଇ ମଣ୍ଡଳ ପୁନର୍ଗଠନ ପାଇଁ ପ୍ରଶାସନ ପକ୍ଷରୁ ପତ୍ର ସଂଖ୍ୟା ୪୨୩୩/ତା ୭.୫.୨୦୨୧ରିଖ ମୂଳେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା ।

## ଫକୀରମୋହନ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମାସ୍କ ଏବଂ ସାନିଟାଇଜର ବଣ୍ଟନ



ବାଲିଆପାଳ,୨୯/୦୭ (ନି.ପ୍ର): ଫକୀର ମୋହନ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ବାଲିଆପାଳ ଶାଖା ପକ୍ଷରୁ ବାଲିଆପାଳ ବ୍ଲକରେ ବିଭିନ୍ନ ହାଇସ୍କୁଲରେ ଛାତ୬ ଚାତ୍ରୀ,ଶିକ୍ଷକ ଶିକ୍ଷୟତ୍ରୀ, କର୍ମଚାରୀ ମାନଙ୍କୁ କରୋନା ପାଇଁ ସଚେତନ କରାଇବା ସହ ମାସ୍କ, ସାନିଟାଜର ବିତରଣ କରାଯାଇଛି । ସୁବର୍ଣ୍ଣରେଖା ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ବାଲିଆପାଳ ଶାକା ସଭାପତି ନାରାୟଣ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ସନ୍ୟାସୀ ବେହେରା,ପ୍ରାଧ୍ୟାପକ କୁଞ୍ଜକାନ୍ତ ପାତ୍ର, ଶିକ୍ଷାବିତ ଝାଡେଶ୍ୱର ପ୍ରଧାନ, ବିଜୟ ପାତ୍ର ,ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।ପରେ କମିଟି ପକ୍ଷରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛଚାତ୍ର ଛାତ୍ରୀ ମାନଙ୍କୁ ମାସ୍କ ଏବଂ ସାନିଟାଇଜର ବିତରଣ କରିଥିଲେ ।ଆଗାମୀ ଦିନରେ ଅନ୍ୟାନ୍ୟ ବିଦ୍ୟାଳୟ ମାନଙ୍କରେ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସଭାପତି ଶ୍ରୀ ସାହୁ କହିଛନ୍ତି ।

## ଆଇନଜୀବୀଙ୍କୁ ମାଡ଼ ପ୍ରତିବାଦରେ ନୀଳଗିରି କୋର୍ଟ ବନ୍ଦ କଲେ ଓକିଲ ସଂଘ

ନୀଳଗିରି,୨୯/୦୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସୋର ଅଞ୍ଚଳରେ ଜଣେ ଆଇନଜୀବୀଙ୍କୁ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବିରୁଦ୍ଧରେ ପ୍ରତିବାଦରେ ଆଜି ନୀଳଗିରି କୋର୍ଟ ବର୍ଜନ କରିଛନ୍ତି ଓକିଲ ସଂଘ । ଓକିଲ ଧୀରେନ୍ଦ୍ର କୁମାର ଦାସ ଙ୍କୁ ମାଡ଼ ମାରିଥିବା ବେଳେ ସୋର ଥାନା ଅଧିକାରିଣୀ ଓ ସଂପୃକ୍ତ ପୋଲିସ ବିରୁଦ୍ଧରେ କୋଠର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୂର୍ବରୁ ଏସ.ପି. ଓ ଆଇ.ଜି. ଙ୍କ ଠାରେ ଅଭିଯୋଗ ହୋଇଥିଲା । ହେଲେ ଘଟଣାର ୨୦ଦିନରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ପ୍ରତିବାଦ ସ୍ୱରୂପ ବାଲେଶ୍ୱର ଜିଲ୍ଲାର ଓକିଲମାନେ ଏକ ହୋଇଛନ୍ତି । ଏପରିକି ନୀଳଗିରି କୋର୍ଟ ଆଗରେ ନୀଳଗିରି ବାର ଏସୋସିଏସନ ଓ ସବଡିଭିଜନାଲ ବାର ଏସୋସିଏସନ ପକ୍ଷରୁ କୋର୍ଟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ କୋର୍ଟ ବର୍ଜନ କରିଛନ୍ତି । ଯଦି ଉପରିସ୍ଥ ଅଧିକାରୀ ସଂପୃକ୍ତ ପୋଲିସ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନ ନିଅନ୍ତି ତେବେ ଆଗକୁ ଆନ୍ଦୋଳନ ଉଗ୍ର ରୂପ ନେବ ବୋଲି ଚେତାବନି ଦେଇଛନ୍ତି ।

## ନଦୀରେ ଗୋଡ ଖସି ଯୁବକ ମୃତ

ଜଳେଶ୍ୱର, ୨୯/୭(ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ମୁନ୍‌ସିପାଲଟିର ପଥରପୁରା ଅଂଚଳରେ ଜଣେ ଯୁବକ ନଦୀରେ ଗାଧୋଉଥିବା ବେଳେ ତାର ଗୋଡ ଖସିଯିବାରୁ ପାଣିରେ ବୁଡି ପ୍ରାଣ ହରାଇଛି । ଘଟଣାରୁ ପ୍ରକାଶ ପର୍ଶ୍ଚିମବଂଗ ଖଡଗପୁରର ଗାନ୍ଧିନଗର ଅଂଚଳର ହେପାଜତ୍ ହୁସେନ୍‌ଙ୍କ ପୁତ୍ର ସେକ୍ ସର୍ଫରାଜ ହୁସେନ୍(୧୮) ତାର ୨ଜଣ ଭଉଣୀଙ୍କ ସହିତ ବନ୍ଧୁ ଘର ଜଳେଶ୍ୱରର ସେକ୍ ଉମର ଅଲ୍ଲିଙ୍କ ଘରକୁ ୨ଦିନ ତଳେ ବୁଲି ଆସିଥିଲେ । ଆଜି ଗୁରୁବାର ମଧ୍ୟାହ୍ନରେ ସେ ସୁବର୍ଣ୍ଣରେଖା ନଦୀରେ ଗାଧୋଉଥିବା ବେଳେ ତାର ଭଉଣୀମାନେ ନଦୀବନ୍ଧ ଉପରେ ରହି ଫଟୋ ଉତ୍ତୋଳନ କରୁଥିଲେ । ହଠାତ୍ ନଦୀ ସ୍ରୋତରେ ଗୋଡ ଖସିଯିବାରୁ ସେ ବୁଡି ଯାଇଥିଲା । ଖବରପାଇ ଅଗ୍ନିସମ ବିଭାଗ ଆସି ଖୋଜାଖୋଜି କରି ୨ ଘଣ୍ଟାପରେ ତାକୁ ପାଣିରୁ ଉଦ୍ଧାର କରି ଜିକେଭଟର ହସ୍ପିଟାଲକୁ ଅଣାଯାଇଥିଲା । ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ ।

## ଦିନକରେ ଚିହ୍ନଟ ୯୮ କରୋନା ସଂକ୍ରମିତ

### ୭,୮୯,୦୯୪ ପାନ ଛୁଇଁଲା ଜିଲ୍ଲାର ଟିକାକରଣ

ବାଲେଶ୍ୱର,୨୯/୦୭ (ନି.ପ୍ର): ବାଲେଶ୍ୱର ଜିଲାରେ ଦୈନିକ କରୋନା ସଂକ୍ରମଣ ହାର ଗତ କିଛିଦିନ ଧରି ନିମ୍ନମୁଖୀ ହୋଇଥିବା ବେଳେ ପୁଣି ଶହେ ନିକଟତର ହେବାକୁ ନେଇ ସାଧାରଣରେ ଚିନ୍ତା ବଢ଼ିଛି । ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ମାତ୍ର ୯୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ସହରର ପାତ୍ରପଡ଼ା, ଆଜିମାବାଦ, ମଠସାହି, ଗୋପାଳଗାଁ, ମାନସିଂବଜାର, ଗଡ଼ଗଡ଼ିଆ ଓ ଅଙ୍ଗାରଗଡ଼ିଆରୁ ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ରହିଛନ୍ତି । ସେହିଭଳି ବାହାନଗା ବ୍ଲକରୁ ୧୩ଜଣ, ବାଲିଆପାଳରୁ୧୦, ବସ୍ତାରୁ ୩, ଭୋଗରାଇରୁ ୭, ଜଳେଶ୍ୱରରୁ ୩, ନୀଳଗିରରୁ ୪, ଖଇରରାରୁ ୨, ଔପଦାରୁ ୫, ରେମୁଣାରୁ ୨୩, ସଦରରୁ ୧୮ ଓ ସିମୁଳିଆ ବ୍ଲକରୁ ଜଣେ ବ୍ୟକ୍ତି ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି । ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୭,୮୧୬ରେ ପହଞ୍ଚିଥିବା ବେଳେ ଏବେ ସୁଦ୍ଧା ୩୬,୫୬୬ ଜଣ ସଂକ୍ରମିତ ସୁସ୍ଥ ହୋଇଥିବା ସରକାରୀ ଭାବେ କୁହାଯାଇଛି । ଏବେ ସକ୍ରିୟ ଥିବା ୧,୦୬୪ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୯୬୧ଜଣ ଗୃହ ସଙ୍ଗରୋଧରେ ଏବଂ ୭୯ ଜଣ କୋଭିଡ ଡାକ୍ତରଖାନା ଓ କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି । ତେବେ ଗତ ୨୪ଘଣ୍ଟା ମଧ୍ୟରେ ଜଣେ କରୋନା ଆକ୍ରାନ୍ତ ୪୧ ବର୍ଷର ମହିଳାଙ୍କର ମୃତ୍ୟୁ ହୋଇଥିବା ବେଳେ ଏବେ ସୁଦ୍ଧା ଜିଲାର କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୮୧ରେ ପହଞ୍ଚିଥିବା ସରକାରୀ ୱେବସାଇଟରେ ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ବାଲେଶ୍ୱର ଜିଲାରେ ଅଦ୍ୟାବଧି ମୋଟ ୭,୮୯, ୦୯୪ ପାନ କୋଭିଡ ଟିକା ଦିଆଯାଇଥିବା ବେଳେ ତନ୍ମଧ୍ୟରୁ ୫,୫୩,୮୯୫ ଜଣ ପ୍ରଥମ ପାନ ଓ ୨,୩୫,୧୯୯ ଜଣ ଦ୍ୱିତୀୟ ପାନ ନେଇଥିବା ଜଣାପଡ଼ିଛି ।

## ଦୀର୍ଘ ୭ଘଣ୍ଟା ଧରି ବିଦ୍ୟୁତ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ତାଲା ବନ୍ଦ ଓ ବିକ୍ଷୋଭ

### ବିଦ୍ୟୁତ ବିଭାଗର ନିଷ୍କ୍ରିୟତା ଉପରେ ପ୍ରଶ୍ନ ଉଠାଇଛି ଭଞ୍ଜସେନା

ବାରିପଦା,୨୯/୦୭ (ନି.ପ୍ର): କିଛି ଦିନ ପୂର୍ବରୁ ଟାଟା କମ୍ପାନୀର ଅଂଶବିଶେଷ ଟାଟା ପାୱାର ନର୍ଥ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ଼ ଓଡିଶା ସରକାରଙ୍କ ସହିତ ମିଶି ମୟୁରଭଞ୍ଜରେ ବିଦ୍ୟୁତ ବିଭାଗର ପରିଚାଳନା ପାଇଁ ଚୁକ୍ତି କରି କାର୍ଯ୍ୟାରମ୍ଭ କରିଛନ୍ତି । ମୟୁରଭଞ୍ଜ ଜିଲ୍ଲାରୁ ଲୁହାପଥର ନେଇ ଟାଟା କମ୍ପାନୀ ଜନ୍ମଲାଭ କରି ଆଜି ବିଶାଳ ସାମ୍ରାଜ୍ୟ ଛିଡା କରିଛି, ମାତ୍ର ମୟୁରଭଞ୍ଜ ମାଟିର ବେକାର ଯୁବକ ଯୁବତୀ ମାନେ ଶିକ୍ଷିତ ହୋଇ ବେକାର ଏବଂ ଦାଦନ ଖଟିବା ପାଇଁ ବାହାର ରାଜ୍ୟ ମୁଖା ହୋଇଛନ୍ତି । ଏହି ସବୁ ବିଷୟକୁ ହୃଦବୋଧ କରି ଜିଲ୍ଲାର ଏକମାତ୍ର ଅଗ୍ରଣୀ ଯୁବଛାତ୍ର ସଙ୍ଗଠନ 'ଭଂଜସେନା' ଜିଲ୍ଲାର ଟାଟା କମ୍ପାନୀ ପ୍ରତି ଥିବା ଦାନର ପ୍ରତିଦାନ ସ୍ୱରୂପ ବିଭିନ୍ନ ଦାବୀ ନେଇ ସାତ ଦିନ ତଳେ ବିଦ୍ୟୁତ ବିଭାଗର ଅଧିକ୍ଷକ ଯନ୍ତ୍ରୀ ହରିଶ କୁମାର ପଣ୍ଡାଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ତାଙ୍କୁ ଦାବୀ ପୂରଣ ପାଇଁ ୭ ଦିନ ସମୟସୀମା ଦେଇଥିଲା । ମାତ୍ର ବୁଧବାର ୭ ଦିନ ସମୟ ସୀମା ପୂରଣ ହୋଇଥିବା ସ୍ଥଳେ ବିଦ୍ୟୁତ ବିଭାଗର ନିଷ୍କ୍ରିୟତା ଏବଂ ସନ୍ତୋଷ ମୂଳକ ଉତ୍ତର ନମିଳିବାରୁ ଭଞ୍ଜସେନା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଶତାଧିକ ଯୁବଛାତ୍ର କର୍ମୀ ବାରିପଦା ବାଘଡାରୋଡ ସ୍ଥିତ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଦିନ ୧୦ ଟାରୁ ଦିନ ୫ ଘଣ୍ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ତାଲା ପକାଇ ତାଲା ବନ୍ଦ ଆନ୍ଦୋଳନ କରିଥିଲେ । ଯଦି ଆଗାମୀ ଦିନରେ ଟାଟା ପାୱାର ନର୍ଥ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ଼ ଏବଂ ରାଜ୍ୟ ସରକାର ଜିଲ୍ଲା ବାସୀଙ୍କର ରହିଥିବା ଦାବୀ ବାବଦରେ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଭଂଜସେନା ଜିଲ୍ଲାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏବଂ ଜିଲ୍ଲାବାସୀଙ୍କ ହିତ ପାଇଁ ଯେକୌଣସି ସ୍ତରକୁ ଯାଇ ଆନ୍ଦୋଳନ କରିବ ଏବଂ ଦରକାର ପଡ଼ିଲେ ଏ ବାବଦରେ ସମସ୍ତ ମୟୁରଭଞ୍ଜ ବାସୀଙ୍କୁ ଜନସଚେତନ କରି ବିଦ୍ୟୁତ ବିଲ ଆଦାୟ କରିବା ପାଇଁ ଦିଆଯିବ ନାହିଁ ବୋଲି ସଭାପତି ପିଣ୍ଟୁ ମାଇତି ଗଣମାଧ୍ୟମ ଜରିଆରେ କହିଛନ୍ତି । ଆଜିର ତାଲାବନ୍ଦ ଆନ୍ଦୋଳନରେ ସଭାପତି ପିଣ୍ଟୁ ମାଇତିଙ୍କ ସମେତ ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ, ଉପସଭାପତି ରାକେଶ ମହାନ୍ତି, ଯୁବ ସଭାପତି ମାନସ ବେହେରା, ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି, ସମ୍ପାଦକ ଏସ. କେ.ରାଜା ଖାଁ, ଉପଖଣ୍ଡ ସଭାପତି ବିରେନ୍ଦ୍ର ନାଥ, ଉପସଭାପତି ପ୍ରଶାନ୍ତ ମହାକୁଡ଼, ମନୋଜ ପାତ୍ର, ପଙ୍କଜ କରଣ, ହୃଦାନନ୍ଦ ବାରିକ ପ୍ରମୁଖଙ୍କ ସହ ଶତାଧିକ ଯୁବଛାତ୍ର ଉପସ୍ଥିତ ଥିଲେ ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସାରା ରାଜ୍ୟରେ....

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଖାଦ୍ୟ ସୁରକ୍ଷା ରାଜ୍ୟ ସରକାରଙ୍କ ସବୁଠାରୁ ବଡ କଲ୍ୟାଣ କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମ ଜରିଆରେ ରାଜ୍ୟର ୯୩ ଲକ୍ଷ ପରିବାର ଓ ସାଢେ ୩ କୋଟି ଲୋକ ଉପକାର ପାଉଛନ୍ତି । ୨୦୦୮ରେ ଆପଣଙ୍କ ରାଜ୍ୟ ସରକାର କେଜି ୨ ଟଙ୍କାରେ ଓ ୨୦୧୩ରୁ କେଜି ୧ ଟଙ୍କାରେ ଚାଉଳ ଯୋଗାଇ ଆସୁଛି । ଗରିବ ଲୋକଙ୍କ ଖାଦ୍ୟ ସୁରକ୍ଷା ପାଇଁ ତାଙ୍କର ଗୁରୁତ୍ୱ ଉପରେ ଆଲୋକପାତ କରି ସେ କହିଲେ, 'ମୁଁ ସବୁବେଳେ କହିଆସିଛି ଜଣେ ବି ଗରିବ ଲୋକ ଯେପରି ଖାଦ୍ୟ ସୁରକ୍ଷାରୁ ବଂଚିତ ହୁଏ, ତାହା ଆମର ଲକ୍ଷ୍ୟ ।' ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ କେଜି ୧ ଟଙ୍କାରେ ଚାଉଳ ମିଳିବ ଦ୍ୱାରା ଗରିବ ଲୋକଙ୍କର ଖାଦ୍ୟ ନିରାପତ୍ତା ମଜବୁତ ହୋଇଛି । ରାଜ୍ୟର ବିଭିନ୍ନ କଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରି ସେ କହିଥିଲେ ଯେ ଖାଦ୍ୟ ନିରାପତ୍ତା ସହିତ ରାଜ୍ୟ ସରକାର ମାଗଣାରେ ପିଲାମାନଙ୍କ ପାଇଁ ଶିକ୍ଷା ବ୍ୟବସ୍ଥା କରିଛନ୍ତି । ଜୋତା ଠାରୁ ଆରମ୍ଭ କରି ପୋଷାକ, ବହି, ସାଇକେଲ – ସବୁ ସରକାର ଯୋଗାଇ ଦେଉଛନ୍ତି । ସ୍ୱାସ୍ଥ୍ୟ ସୁବିଧା ପାଇଁ ସବୁ ସରକାରୀ ଡାକ୍ତରଖାନାରେ ସମସ୍ତଙ୍କ ପାଇଁ ମାଗଣାରେ ଚିକିତ୍ସା ଯୋଗାଇ ଦିଆଯାଉଛି । ତା ସହିତ ଗରିବ ଲୋକଙ୍କ ପାଇଁ ବିଭିନ୍ନ ରୋଜଗାର ଯୋଜନା ମଧ୍ୟ କାର୍ଯ୍ୟକାରୀ କରାଯାଉଛି । ମିଶନ ଶକ୍ତି କାର୍ଯ୍ୟକ୍ରମ ମଧ୍ୟ ଗରିବ ପରିବାରର ମା ମାନଙ୍କୁ ରୋଜଗାର ଦେଇଛି । ଚାଷଙ୍କ ପାଇଁ କାଳିଆ ଯୋଜନା ସାରା ଦେଶରେ ଆଦର ଲାଭ କରିଛି ବୋଲି ସେ କହିଥିଲେ । କୋଭିଡ ମହାମାରୀ ସମୟରେ ଗରିବ ଲୋକଙ୍କ ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ ସଂପର୍କରେ ସେ ଗୁରୁତ୍ୱ ଦେଇ ସେ କହିଲେ ଯେ କୋଭିଡ ମହାମାରୀ, ବହୁ ଲୋକ ବିଶେଷକରି, ଗରିବ ଲୋକଙ୍କର ରୋଜଗାର ଉପରେ ଗଭୀର ପ୍ରଭାବ ପକାଇଛି । ତେଣୁ ଗରିବ ଲୋକଙ୍କ ରୋଜଗାର ପାଇଁ - ଚାଷୀ, ମହିଳା, ଶ୍ରମିକ ମାନଙ୍କ ପାଇଁ - ରାଜ୍ୟ ସରକାର ୨୦୦୦ କୋଟି ଟଙ୍କାର ସହାୟତା ଦେଇଛନ୍ତି ।

### ମାତୃଭାଷାରେ ଛାତ୍ରଛାତ୍ରୀ....

ବେଶ ସହଜରେ ଗ୍ରହଣ କରିଛନ୍ତି ଛାତ୍ରଛାତ୍ରୀ । ଅନ୍ୟପଟେ ମେଡିକାଲ ପଢିବାକୁ ଆଗ୍ରହ ଛାତ୍ରଛାତ୍ରୀଙ୍କ ପାଇଁ କେନ୍ଦ୍ର ସରକାରଙ୍କ ଐତିହାସିକ ଘୋଷଣା କରିଛନ୍ତି । ପଛୁଆ ବର୍ଗ ଓ ଆର୍ଥିକ ଦୃଷ୍ଟିକୋଣରୁ ପଛୁଆ ବର୍ଗ ପିଲାଙ୍କ ପାଇଁ ସଂରକ୍ଷଣ ଘୋଷଣା କରିଛନ୍ତି କେନ୍ଦ୍ର ସରକାର । ଓବିସି ଛାତ୍ରଛାତ୍ରୀଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ଓ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗ ପିଲାଙ୍କ ପାଇଁ ୧୦ ପ୍ରତିଶତ ମେଡିକାଲ ସିଟ ସଂରକ୍ଷଣ ଘୋଷଣା କରାଯାଇଛି । ଅଲ ଇଣ୍ଡିଆ କୋଟା ସ୍କିମ ଜରିଆରେ ଛାତ୍ରଛାତ୍ରୀଙ୍କୁ ସଂରକ୍ଷଣ ସୁବିଧା ଯୋଗାଇଦେବାକୁ ନିଷ୍ପତି ନେଇଛନ୍ତି କେନ୍ଦ୍ର ସରକାର । ଏମବିବିଏସ, ଏମଡି, ଏମଏସ, ଡିପ୍ଲୋମା, ବିଡିଏସ, ଏମଡିଏସରେ ଏହି ସଂରକ୍ଷଣ ସୁବିଧା ପାଇବେ ଛାତ୍ରଛାତ୍ରୀ । ଫଳରେ ପ୍ରାୟ ୫ ହଜାର ୫ଶହ ଛାତ୍ରଛାତ୍ରୀ ଏହାର ଲାଭ ପାଇବେ । ପ୍ରତିବର୍ଷ ଏମବିବିଏସରେ ୧୫ ଶହ ପଛୁଆ ବର୍ଗ ପିଲା ଓ ୨୫ଶହ ଓବିସି ଛାତ୍ରଛାତ୍ରୀ ମେଡିକାଲ ପୋଷ୍ଟ ଗ୍ରାଜୁଏସନରେ ପଢିପାରିବେ ।

### ଖୁବଶୀଘ୍ର କଂଗ୍ରେସରେ ଯୋଗ ଦେଇପାରନ୍ତି ....

ଯୋଗ ଦେବା ନେଇ ଚୁଡାନ୍ତ ହୋଇଛି, ହେଲେ ଦଳରେ ତାଙ୍କୁ କେଉଁ ପଦବୀ ମିଳିବ ସେ ନେଇ ସ୍ପଷ୍ଟ ହୋଇପାରି ନାହିଁ । ଜୁଲାଇ ୨୨ ରେ ହୋଇଥିବା ବୈଠକରେ ଯୋଗଦେଇଥିବା ଅନ୍ୟଜଣେ ନେତା କହିଛନ୍ତି କି ଏବେ ସମୟ ଆସିଛି ନୂଆ ରଣନୀତି ଓ ସମିକରଣକୁ ନେଇ ଦଳ ଭୋଟର ମାନଙ୍କ ପାଖରେ ପହଂଚିବା ଦରକାର । ଏସବୁକୁ ନଜର କଲେ ପ୍ରଶାନ୍ତ କିଶୋର ଦଳ ପାଇଁ ନିଶ୍ଚିନ୍ତ ଭାବେ ଲାଭକାରୀ ହେବେ । ଏଭଳି ଆଲୋଚନା ଭିତରେ ନା କଂଗ୍ରେସ ପାର୍ଟି ନା ପ୍ରଶାନ୍ତ କିଶୋର ଗଣମାଧ୍ୟମ ଆଗରେ କିଛି କହି ନାହାନ୍ତି । କିନ୍ତୁ ପଶ୍ଚିମବଙ୍ଗ ନିର୍ବାଚନରେ ମମତାଙ୍କ ବିଜୟ ପରେ ପ୍ରଶାନ୍ତ କିଶୋର ଜାତୀୟ ରାଜନୀତିରେ କାମ କରିବାକୁ ପ୍ରସ୍ତୁତ ହେଉଛନ୍ତି ।

### ଆଇପିଏସ ସତ୍ୟ ନାରାୟଣ ପ୍ରଧାନଙ୍କୁ ....

କହିରଖୁ କି ଏନସିବିର ଡିଜି ଥିବା ରାକେଶ ଆସ୍ଥାନାଙ୍କୁ ଦିଲ୍ଲୀ ପୋଲିସ କମିଶନର ଭାବେ ନିଯୁକ୍ତି ମିଳିଛି । ଗୃହ ମନ୍ତ୍ରଣାଳୟ ଦ୍ୱାରା ଦାଖଲ କରାଯାଇଥିବା ପ୍ରସ୍ତାବକୁ ଅନୁମୋଦନ କରିବା ସମୟରେ କ୍ୟାବିନେଟର ନିଯୁକ୍ତି କମିଟି ଆଜି ଓଡ଼ିଶାରୁ ଦୁଇ ଜଣଙ୍କ ସମେତ ୧୪ ଜଣ ଆଇପିଏସ ଅଧିକାରୀଙ୍କୁ ପଦୋନ୍ନତି ଦେଇଛି ।

### ରାଜ୍ୟରେ କରୋନାରେ ଆଉ ୬୫....

ଜିଲ୍ଲାରେ ୬ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଝାରସୁଗୁଡା ଓ ସମ୍ବଲପୁର ଜିଲ୍ଲାରେ ୫-୫ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଅନୁଗୁଳ, ବଲାଙ୍ଗୀର, କଟକ, ଗଂଜାମ, ଯାଜପୁର, ପୁରୀ ଜିଲ୍ଲାରେ ୩-୩ ଜଣଙ୍କ ମୃତ୍ୟୁ ଘଟିଛି । ଭଦ୍ରକ, ଗଜପତି, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାରେ ୨-୨ ଜଣଙ୍କର ମୃତ୍ୟୁ ଘଟିଛି । ବାଲେଶ୍ୱର, ଢେଙ୍କାନାଳ, କଳାହାଣ୍ଡି, କେନ୍ଦୁଝର, କୋରାପୁଟ, ମୟୁରଭଂଜ ଓ ନୂଆପଡା ଜିଲ୍ଲାରେ ଜଣେ ଲେଖାଏ ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବା ସୂଚନା ଦିଆ ଯାଇଛି ।

### ବର୍ତ୍ତମାନ ସୁଦ୍ଧା ରାଜ୍ୟରେ....

ଏକ କୋଟି ୨୧ ଲକ୍ଷ, ଦ୍ୱିତୀୟ ଡୋଜ ୩୭ ଲକ୍ଷ ୮୮ହଜାର ଜଣଙ୍କୁ ଦିଆ ଯାଇଛି । ଜୁଲାଇ ମାସରେ ନିର୍ଦ୍ଧାରିତ କୋଟା ଠାରୁ ଅଧିକ ଟିକା ରାଜ୍ୟକୁ ମିଳିଛି । ଜୁଲାଇ ମାସରେ ୩୦ ଲକ୍ଷ ୫୦ ହଜାର ୯୧୦ ଆଲୋକେସନ ଥିବା ବେଳେ ୪୪ ଲକ୍ଷ ୮୩ ହଜାର ୩୨୩ ଟିକା ମିଳିଛି । ସେ କହିଛନ୍ତି ଯେ ସେହିପରି ଅଗଷ୍ଟ ମାସ ପାଇଁ ୩୩ ଲକ୍ଷ ୭୨ ହଜାର ୨୮୦ ଡୋଜ ଆସିବ । ଏହା ବାଦ ରାଜ୍ୟ ଦ୍ରୁତ ଟିକା କରଣ ପାଇଁ ଅଧିକ ମାଗିବ । ଏବେ ସୁଦ୍ଧା ୩୦ ହଜାର ଗର୍ଭବତୀ ଟିକା ନେଇ ସାରିଛନ୍ତି । କୌଣସି ଜଣକ ପାଖରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖା ଦେଇ ନାହିଁ । ଆସନ୍ତା ୪ରୁ ୫ ମାସ ମଧ୍ୟରେ ଯଥେଷ୍ଟ ଆସିବାର ଅଛି ।

## ବହୁଜନ ସମାଜପାର୍ଟିର କର୍ମୀ ସମ୍ମିଳନୀ



ଭଦ୍ରକ,୨୯/୦୭ (ନି.ପ୍ର): ବହୁଜନ ସମାଜ ପାର୍ଟି ଭଦ୍ରକ ଲୋକସଭା ଆନୁକୂଲ୍ୟରେ ଜିଲ୍ଲା କାର୍ଯ୍ୟାଳୟ ସାହାପୁର ଠାରେ ଏକ କର୍ମୀ ସମ୍ମିଳନୀ ଜିଲ୍ଲା ଉପସଭାପତି ସୁବାସ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦକ ଆଇନଜୀବୀ ଅର୍ଜୁନ ଚରଣ ମଲ୍ଲିକ ମୁଖ୍ୟଅତିଥି ଓ ଭଦ୍ରକ ଲୋକସଭା ପ୍ରଭାରୀ ମାଧବାନନ୍ଦ ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ବୈଠକରେ ମୁଖ୍ୟଅତିଥି ଶ୍ରୀ ମଲ୍ଲିକ ରାଜ୍ୟ କମିଟି ନିର୍ଦ୍ଦେଶ ମତେ ପୂର୍ବର ସମସ୍ତ ବିଧାନସଭା ଓ ଜିଲ୍ଲା କମିଟି ଭଙ୍ଗ କରାଗଲା ଓ ନୂତନ କମିଟିମାନ ଗଠନ କରିବାକୁ ସୂଚନା ଦେଇଥିଲେ । ଉକ୍ତ ବୈଠକରେ ଲୋକସଭାର ସମସ୍ତ ବିଧାନସଭାରୁ ମୁଖ୍ୟ କର୍ମକର୍ତ୍ତା ଓ କିଛି ସକ୍ରିୟ ସଭ୍ୟ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ ଶ୍ୟାମସୁନ୍ଦର ଜେନା, ଦେବେନ୍ଦ୍ର ଜେନ, ରାଜୁ ଖାନ୍, ଅବଦୁଲ ଖଲିଦ, ଶ୍ୟାମସୁନ୍ଦର ମଲ୍ଲିକ, ପ୍ରଫୁଲ୍ଲ କୁମାର ଜେନା, ରବିନ୍ଦ୍ର ବେହେରା, ଗୋପାଳ ରାମ, ସୁରେନ୍ଦ୍ର ମଲ୍ଲିକ, ପ୍ରଫୁଲ୍ଲ ମଲ୍ଲିକ, ବିଦ୍ୟାଧର ମଲ୍ଲିକ, ସର୍ବେଶ୍ୱର ବେହେରା, ପଞ୍ଚାନନ ଜେନା, ନିର୍ମଳ ଜେନା, ବିଦ୍ୟାଧର ଜେନା, ଶିବସୁନ୍ଦର ଜେନା, ଶରତ ଜେନା, ଦାମଦୋର ଜେନା, ହୃଷିକେଶ ଜେନା, ଗୋଲକ ଜେନା, ଅରୁଣ କୁମାର ମଲ୍ଲିକ, ଇଂ ରାଜୀବ ଲୋଚନ ଜେନା, ଇଂ ଶୁଭେନ୍ଦୁ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଶ୍ରୀ ମଲ୍ଲିକ ଉପସ୍ଥିତ ସମସ୍ତ କର୍ମୀ ଓ ବାମସେଫ୍ ସଭ୍ୟମାନଙ୍କୁ ରାଜ୍ୟ କମିଟିର ନିର୍ଦ୍ଦେଶ ମତେ ପୌରପାଳିକା ଓ ପଞ୍ଚାୟତ ନିର୍ବାଚନ ପୂର୍ବରୁ ୱାର୍ଡ, ପଞ୍ଚାୟତ, ସମିତି ସଦସ୍ୟ, ଜିଲ୍ଲା ପରିଷଦ ପ୍ରାର୍ଥୀ ଚୟନ ଯଥାଶୀଘ୍ର ଗଠନ କରିବା ନିମନ୍ତେ ବିଧାନସଭା କମିଟିକୁ ନିର୍ଦ୍ଦେଶ ଦେଇଥିଲେ । ଅସୁସ୍ଥତା ଯୋଗୁ ଜିଲ୍ଲା ସଭାପତି ଯୋଗ ଦେଇ ପାରି ନଥିବାରୁ ଯଥାଶୀଘ୍ର ମସସ୍ତଙ୍କ ସହଯୋଗରେ ଜିଲ୍ଲା କମିଟି ଗଠନ କରିବାକୁ ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ମଲ୍ଲିକଙ୍କୁ ଅନୁରୋଧ କରାଯାଇଥିଲା ।

## ମହିୟସୀ ମହିଳା ଶାରଦାମଣି ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି ସଭା



ବାଲିଆପାଳ,୨୯/୦୭ (ନି.ପ୍ର): ବାଲିଆପାଳବ୍ଲକ ବଡାଶ ଗ୍ରାମର ଧର୍ମପରାୟଣା ମହିଳା ସ୍ୱର୍ଗତଃ ଶାରାଦାମଣି ବିଶ୍ୱାଳଙ୍କ ଏକଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳୀସଭା ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ବିଜେଡି ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ, ବରିଷ୍ଠ କଂଗ୍ରେସ ନେତା ଜଗନ୍ନାଥ ବିଶ୍ୱାଳ,ବାଲିଆପାଳ ସୂଚନାଅଧିକାର ସଂଘର ସଭାପତି ଅନୁଜ କୁମାର ମହାପାତ୍ର, କୃଷକ ନେତା କୁଶଧ୍ୱଜ ଜେନା, ଗିତୀକାର ରମାନାଥ କର, ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ,ସନ୍ୟାସୀ ବେହେରା, ତାରାକାନ୍ତ ଜେନା, ଗୋପାଳଚନ୍ଦ୍ର ସାହୁ, ପ୍ରଦୀପ ଜେନା, ସମାଜସେବୀ ବ୍ୟୋମକେଶ ସାହୁ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ହୋଇ ତୈଳଚିତ୍ରରେ ପୁଷ୍ପ ଅର୍ଘ୍ୟ ଅର୍ପନ କରିବା ସହ ସ୍ୱର୍ଗତା ବିଶ୍ୱାଳଙ୍କ ସ୍ମୃତିଚାରଣ କରିଥିଲେ । ବଡପୁଅ ଅବସରପ୍ରାପ୍ତ ଡାକକର୍ମଚାରୀ ଉପେନ୍ଦ୍ର ବିଶ୍ୱାଳ, ସାନପୁଅ ଦୀର୍ଘବର୍ଷର ଖବରକାଗଜ ବିତରକ ନଗେନ୍ଦ୍ର ବିଶ୍ୱାଳ ସମେତ ପରିବାର ବର୍ଗ ଓ ଆତ୍ମୀୟସଜନ ମାନେ ଉପସ୍ଥିତ ଥିଲେ ।

ବାଲେଶ୍ୱର ଶୁକ୍ରବାର, ୩୦ ଜୁଲାଇ, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ଓକିଲଙ୍କୁ ପୁଲିସ ଆକ୍ରମଣର ପ୍ରତିବାଦ : କୋର୍ଟ କାର୍ଯ୍ୟ ବନ୍ଦ କଲା ବାଲେଶ୍ୱର ଓକିଲ ସଂଘ


ବାଲେଶ୍ୱର,୨୯/୦୭ (ନି.ପ୍ର): ସୋର ଆଇନଜୀବୀଙ୍କ ଉପରେ ପୁଲିସ ଆକ୍ରମଣ ପ୍ରତିବାଦରେ ଜିଲାର ବିଭିନ୍ନ କୋର୍ଟର କାର୍ଯ୍ୟ ବନ୍ଦ ସହ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଓକିଲମାନେ। ବାଲେଶ୍ୱର ଓକିଲ ସଂଘର ସଭାପତି ମନୋଜ କୁମାର ନାୟକ ଓ ସମ୍ପାଦକ ସମିତ କୁମାର ନନ୍ଦୀଙ୍କ ନେତୃତ୍ୱରେ ବାଲେଶ୍ୱରର ଓକିଲମାନେ କାର୍ଯ୍ୟ ବନ୍ଦ ସହ ଅଦାଲତ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରତିଦିନ ଭଳି ପୂର୍ବାହ୍ନ ପ୍ରାୟ ୧୦ଟା ୩୦ ସମୟରେ ଜିଲା ଓ ଦୌରା ଜଜଙ୍କ ସମେତ ଅନ୍ୟାନ କୋର୍ଟର ବିଚାରପତି ଏବଂ ସମସ୍ତ ବିଚାର ବିଭାଗୀୟ ଅଧିକାରୀ ଅଦାଲତ ପରିସରକୁ ଯିବା ପାଇଁ ଗେଟ ନିକଟରେ ପହଞ୍ଚିଥିଲେ। ମାତ୍ର ଧାରଣାରତ ଆଇନଜୀବୀଙ୍କ ପିକେଟିଂ ଫଳରେ ସେମାନେ ପ୍ରାୟ ଅଧଘଣ୍ଟାଏ ଅପେକ୍ଷା ପରେ ସେଠାରୁ ଫେରି ଯିବାକୁ ବାଧ୍ୟ ହୋଇଥିଲେ। ଅଭିଯୁକ୍ତ ପୁଲିସ କର୍ମଚାରୀ ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସଂଘର କର୍ମକର୍ତ୍ତାମାନେ ଚେତାବନୀ ଦେଇଥିଲେ। ସେମାନଙ୍କ କହିବା ଅନୁସାରେ ସଂଘର ସୋର କମିଟି ସଦସ୍ୟ ଧୀରେନ୍ଦ୍ର କୁମାର ଦାସଙ୍କ ଉପରେ ପୁଲିସର ରାତିଅଧିଆ ଆକ୍ରମଣକୁ ଇତି ମଧ୍ୟରେ ୨୫ଦିନ ବିତି ଯାଇଛି। ଏହି ଆକ୍ରମଣରେ ସମ୍ପୃକ୍ତ ସୋର ଥାନା ଆଇଆଇସି ମଧୁମିତା ମହାନ୍ତି ଓ ନୟାପଲ୍ଲୀ ଥାନା ପୁଲିସ ଅଧିକାରୀ ବସନ୍ତ କୁମାର ଭଲ୍ଲା ମୁଖ୍ୟ ଅଭିଯୁକ୍ତ ହୋଇଥିଲେ ବି ସେମାନଙ୍କ ବିରୋଧରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଆଇନଜୀବୀଙ୍କ ଜୀବନ, ଜୀବିକା ଓ ସାମାଜିକ ସ୍ୱାଭିମାନର ସୁରକ୍ଷା ପାଇଁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲିବ ବୋଲି ସେମାନେ ସୂଚନା ଦେଇଛନ୍ତି। ବିଶେଷ କରି ଓକିଲଙ୍କୁ ଆକ୍ରମଣରେ ସମ୍ପୃକ୍ତ ଅଭିଯୁକ୍ତ ପୁଲିସ କର୍ମଚାରୀ ଓ ଅଧିକାରୀଙ୍କ ବିରୋଧରେ ଆଇଗତ କାର୍ଯ୍ୟାନୁଷ୍ଠାନ ସହ ପୀଡ଼ିତ ଓକିଲଙ୍କୁ କ୍ଷତିପୂରଣ ପ୍ରଦାନ ନ ହେବା ପର୍ଯ୍ୟନ୍ତ ଏହି କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଆସୋସିଏସନ ପକ୍ଷରୁ ଚେତାବନୀ ଦିଆଯାଇଛି।

# ମଧ୍ୟାହ୍ନ ଭୋଜନ ପାଚିକା-ସହାୟିକା ସଂଘର ବିକ୍ଷୋଭ




ବାଲେଶ୍ୱର,୨୯।୭(): ବିଭିନ୍ନ ଦାବି ନେଇ ଶ୍ରମିକ ସଂଗଠନ 'ସିଆଇଟିୟୁ' ଅନୁବନ୍ଧିତ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା-ସହାୟିକା ସଂଘ ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି। ପାଚିକା ସହାୟିକାଙ୍କ ଏକ ଶୋଭାଯାତ୍ରା ବାଲେଶ୍ୱର ରେଳ ଷ୍ଟେସନ ନିକଟରୁ ବାହାରି ସହର ପରିକ୍ରମା ସହ ଜିଲାପାଳଙ୍କ ଦପ୍ତର ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ସଂଗଠନର କାର୍ଯ୍ୟକାରୀ ସଭାପତି ରାଧାରମଣ ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦିକା ଈଶାଣୀ ଷଡ଼ଙ୍ଗୀ, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ରାଜ୍ୟନେତ୍ରୀ ତାପସୀ ପ୍ରହରାଜ, ସିଆଇଟିୟୁର ଜିଲା ଆବାହକ ବିଜୟ ପାତ୍ର, ମୃତ୍ୟୁଞ୍ଜୟ ରାଉତ, କମ୍ୟୁନିଷ୍ଟ ନେତା ରାଜକିଶୋର ଲେଙ୍କା, ମନ୍ମଥ ବେହେରା, ରେବତୀ ଦାସ ପ୍ରମୁଖ ଏଥିରେ ଯୋଗଦେଇ ସରକାରଙ୍କ ତ୍ରୁଟିପୂର୍ଣ୍ଣ ମଧ୍ୟାହ୍ନ ଭୋଜନ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ସାମ୍ପ୍ରତିକ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାର ଉନ୍ନତୀକରଣ ପରିବର୍ତ୍ତେ ସରକାରଙ୍କ ବିଦ୍ୟାଳୟ ମିଶ୍ରଣ ନୀତି ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ବକ୍ତାମାନେ ମତ ଦେଇଥିଲେ। ମହାମାରୀ କରୋନା ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବ୍ୟାଘାତ ହୋଇଥିବା ବେଳେ ଏବେ ବିଦ୍ୟାଳୟ ମିଶ୍ରଣ କାହା ସ୍ୱାର୍ଥରେ ବୋଲି ସେମାନେ ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷରେ ସରକାରୀ ଉଦାସୀନତା ଯୋଗୁଁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତକାରୀ ପାଚିକା ଓ ସହାୟିକା ଏବେ ଦୟନୀୟ ସ୍ଥିତିରେ କାଳତିପାନ କରୁଥିବା ସେମାନେ କହିଛନ୍ତି। ସମସ୍ତ କାର୍ଯ୍ୟରତ ପାଚିକା ଓ ସହାୟିକାଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା, ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ବକେୟା ୨୮ ମାସର ଭତ୍ତା ତୁରନ୍ତ ପ୍ରଦାନ କରିବା, ଅବସର ସୀମା ୬୨ ବର୍ଷକୁ ବୃଦ୍ଧି କରିବା, ଛଟେଇ ପାଚିକାଙ୍କୁ ପୁନଃ ନିଯୁକ୍ତି ଦେବା ସାଙ୍ଗକୁ କରୋନା ପ୍ରଭାବିତ ସମସ୍ତ ପାଚିକା ସହାୟିକାଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ଏକ ସ୍ମାରପତ୍ର ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ ପାଚିକା ଓ ସହାୟିକା ଯୋଗ ଦେଇଥିଲେ।

# ଆରପାରିରେ ସାହିତ୍ୟିକ ଶଙ୍କର ଚରଣ ରାଉତ



ବାଲେଶ୍ୱର,୨୯/୦୭ (ନି.ପ୍ର): ବିଶିଷ୍ଟ ଅଧ୍ୟାତ୍ମବାଦୀ ସାରସ୍ୱତ ସାଧକ ଶଙ୍କର ଚରଣ ରାଉତ ବୁଧବାର ରାତିରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ରାଜାବଗିଚାସ୍ଥିତ ବାସଭବନରେ ୯୫ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟଜନିତ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ଦୀର୍ଘଦିନ ଧରି ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ କନ୍ୟା ପ୍ରମିଳା ରାଉତ, ଉର୍ମିଳା ରାଉତ, ପୁତ୍ରବଧୂ ମନୋରମା ରାଉତ, ସୁଶ୍ରୀ ସଙ୍ଗୀତା ଦାସ, ପୁତୁରା ଅମରେଶ ରାଉତ, କୁମାରେଶ ରାଉତ ଓ ନାତି ନାତୁଣୀମାନେ ଉପସ୍ଥିତ ଥିଲେ। ଶ୍ରୀ ରାଉତଙ୍କ ପାର୍ଥିବ ଶରୀରକୁ ସେରଗଡ଼ ମଣ୍ଡାଗାଁ ମଶାଣୀକୁନିଆଯାଇ ଶୋକାକୂଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ମନୋଜ ରାଉତ ମୁଖାଗ୍ନି ଦେଇଥିଲେ। ଶ୍ରୀ ରାଉତଙ୍କ ଦେହାନ୍ତରେ ବାଲେଶ୍ୱର ସାରସ୍ୱତ ଜଗତରେ ଶୋକର ଛାୟା ଖେଳି ଯାଇଛି। ଶିକ୍ଷକବୃତ୍ତିରୁ ଅବସର ନେବା ପରେ ସେ ଦୀର୍ଘ ୪ ଦଶନ୍ଧି ଧରି ସାରସ୍ୱତ ସାଧନାରେ ସକ୍ରିୟ ଥିଲେ। ରାମାୟଣ, ମହାଭାରତ, ଶ୍ରୀମଦ ଭାଗବତ ପ୍ରଭୃତି ଗ୍ରନ୍ଥର ପଦ୍ୟାବଳୀକୁ ନେଇ ସେ ବହୁ ଆଧ୍ୟାତ୍ମିକ ଗୀତି, କବିତା ଓ ପ୍ରବନ୍ଧ ରଚନା କରିଛନ୍ତି। ସେହିଭଳି ଶ୍ରୀକୃଷ୍ଣ ଦର୍ଶନ, କ୍ଷୀରଚୋରା ଗୋପୀନାଥ, ଶ୍ରୀଜଗନ୍ନାଥ ଓ ତିରୁମଲ୍ଲା ତିରୁପତିଙ୍କ ବିଷୟରେ ବହୁ ତଥ୍ୟାତ୍ମକ ରଚନା କରି ସେ ପାଠକୀୟ ଆଦୃତ ପାଇଛନ୍ତି। ସର୍ବୋଦୟ ଓ ଖଦୀ ଆନ୍ଦୋଳନ ସହ ତାଙ୍କର ସଂପୃକ୍ତି, ସ୍ୱାଧୀନତା ଆନ୍ଦୋଳନରେ ବାନରସେନା ଭାବରେ ଯୋଗଦାନ ତଥା ଭୂଦାନ ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ ସେ।

# ଜଳେଶ୍ୱର ବାର୍ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ

ଜଳେଶ୍ୱର, ୨୯/୭(ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ଓକିଲ ସଂଘ(ବାର୍) ପକ୍ଷରୁ ଆଜି ଗୁରୁବାର କାର୍ଯ୍ୟବନ୍ଦ ଆନ୍ଦୋଳନ ଅନୁଷ୍ଠିତ ହୋଇ ଯାଇଛି । ସୋର ନିକଟରେ ଜଣେ ଓକିଲଙ୍କୁ ପୁଲିସ୍ ବିନାକାରଣରେ ଅମାନୁସିକଭାବେ ମାଡ ମାରିଥିବାରୁ ଏହାର ପ୍ରତିବାଦରେ ଜଳେଶ୍ୱର ବାର୍ ପକ୍ଷରୁ ଆଇନ୍‌ଜିବୀମାନେ କୋର୍ଟ ଫାଟକରେ ତାଲା ପକାଇ ନାରାବାଜି କରିଥିଲେ । ଫଳରେ କୋର୍ଟକାର୍ଯ୍ୟ ବନ୍ଦ ରହିବା ସହିତ ଜେଏମ୍ଏଫସି ଏରା ପଟ୍ଟନାୟକ, ସବ୍‌ଜଜ୍ ଇନ୍ଦିରା ପ୍ରିୟଦର୍ଶିନୀ ଓ ସିଭିଲଜର୍ଜ (ଜୁନିୟର) ପାର୍ଥ ପ୍ରତିକ୍ କାର୍ଯ୍ୟରେ ଯୋଗ ଦେଇ ନପାରି ଫେରିଯାଇଥିଲେ । ଆଜିର ଆନ୍ଦୋଳନରେ ବାର୍ ସଭାପତି ଅନିଲ ପରିଡା, ସଂପାଦକ ବିଜନ କୁମାର ଦେ, ଶଶିକାନ୍ତ ଦେ, ସୁଶାନ୍ତ ଦାସ, ଗିରିଜା ଦାସ, ରବିନ୍ଦ୍ର ଦଣ୍ଡପାଟ, ଚନ୍ଦ୍ରମୋହନ ମହାନ୍ତି, ଶ୍ରୀକୃଷ୍ଣ ଗୁପ୍ତା, ଦେବକାନ୍ତ କାସ୍ତ, କୁଂଜବିହାରୀ ଦାସ, ପୁର୍ଣ୍ଣେନ୍ଦୁ ଆଚାର୍ଯ୍ୟ, ବିନୋଦ ଗିରି, ମଳୟ ମହାନ୍ତି, ପତିତପାବନ ପ୍ରଧାନ, ଜଗଦିଶ ପାଳ, ନିଗମ ବ୍ରହ୍ମ, ଶ୍ରଦ୍ଧାଦେବି ଭଂଜ ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ପାରାଦୀପ ଟିକା ଗ୍ରହଣ କେନ୍ଦ୍ରକୁ ଅଧିକ କୋଭିଡ୍ ଟିକା ଯୋଗାଣ ପାଇଁ ଦାବି

ପାରାଦୀପ,୨୯/୦୭ (ନି.ପ୍ର): ସାରା ଓଡିଶାରେ ବିଭିନ୍ନ ବର୍ଗର ଲୋକ ମାନଙ୍କୁ କୋଭିଡ୍ ଟୀକାଦାନ ଶାନ୍ତିପୂର୍ଣ୍ଣ ଭାବେ ଚାଲିଥିବା ବେଳେ ପାରାଦୀପରେ ଥିବା ଅଠରବାଙ୍କୀ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଓ ବନ୍ଦର ଚିକିତ୍ସାଳୟରେ ଟୀକାଦାନ ମଧ ଠିକ୍‌ଠାକ ଭାବେ ଚାଲୁଥିବାର ଦେଖିବାକୁ ମିଳୁଛି । ତେବେ ଅଳ୍ପ ସଂଖ୍ୟକ ଟୀକା ଯୋଗାଣ ଏବଂ ସ୍ୱଳ୍ପ ସଂଖ୍ୟାରେ ଟୀକାଦାନ ଯୋଗୁଁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେଉଛି । ଯେଉଁଠି ଅତିକମ୍‌ରେ ୧୦୦୦ ରୁ ୨୦୦୦ ସଂଖ୍ୟାରେ ଟୀକାର ଆବଶ୍ୟକତା ଅଛି, ସେଠାରେ ମାତ୍ର ୧୦୦ ରୁ ୨୦୦ ଟୀକା ଯୋଗାଣ ହେଉଛି । ଏତଦ୍‌ବ୍ୟତିତ ଏବେ ଶତପ୍ରତିଶତ ଟୀକା ଅନଲାଇନ୍‌ରେ ବୁକିଂ ହେଉଥିବାରୁ ବହୁ ଲୋକ ଟୀକାଦାନରୁ ବଞ୍ଚିତ ହେଉଛନ୍ତି । ତେଣୁ ଅଧିକ ସଂଖ୍ୟାରେ ଟୀକା ଯୋଗାଣ ହେଲେ ଏହି ସମସ୍ୟାର ସମାଧାନ ହୋଇ ପାରନ୍ତା ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି । ସେଥିପାଇଁ ପାରାଦୀପର ଏହି ଦୁଇ ଟୀକାଦାନ କେନ୍ଦ୍ରକୁ ଅଧିକ କୋଭିଡ୍ ଟୀକା ଯୋଗାଣ ପାଇଁ ସାଧାରଣରେ ଦାବୀ ହେଉଛି । ଅନ୍ୟପକ୍ଷରେ, ଶତପ୍ରତିଶତ ଅନଲାଇନ୍‌ରେ କୋଭିଡ୍ ଟୀକା ସ୍ଲଟ ବୁକିଂ କରିଥିବା ବ୍ୟକ୍ତିଙ୍କ ମଧ୍ୟରୁ ପ୍ରାୟ ୨୦ ପ୍ରତିଶତ ଟୀକା ନେଉ ନଥିବାର ସୂଚନା ମିଳିଛି । ଏ ବାବଦରେ ଜଗତସିଂହପୁର ଜିଲ୍ଲାପାଳ ଟୁଇଟ୍ ମାଧ୍ୟମରେ ସ୍ଲଟ ବୁକିଂ କରିଥିବା ଆବେଦନକାରୀଙ୍କୁ ତାଙ୍କର ବୁକିଂକୁ ପ୍ରତ୍ୟାହାର କରିବାକୁ ଅନୁରୋଧ କରୁଥିଲେ ମଧ ଏଥିରେ କୌଣସି ଫରକ୍ ପଡୁନଥିବା ଜଣା ପଡିଛି । ଯଦି ସ୍ଲଟ ବୁକିଂ କରି ଟିକା ନେଉନଥିବା ବ୍ୟକ୍ତିମାନେ ପ୍ରଶାସନ ନିକଟରେ ସେମାନଙ୍କର ଟୀକା ଗ୍ରହଣ ଆବେଦନକୁ ସାମୟିକ ପ୍ରତ୍ୟାହାର କରନ୍ତି, ତେବେ ସେମାନଙ୍କ ସ୍ଥାନରେ ଅନ୍ୟମାନେ ଉପକୃତ ହୋଇପାରନ୍ତେ ।

# ସୁବର୍ଣ୍ଣରେଖା କେନାଲରେ ପାଣି ଛାଡିବା ପରେ କୃତ୍ରିମ ବନ୍ୟା ଅଭିଯୋଗ



ବାରିପଦା,୨୯/୦୭ (ନି.ପ୍ର): ଗତ ଜୁଲାଇ ୧୯ ତାରିଖରେ ସୁବର୍ଣ୍ଣରେଖା ଜଳ ସେଚନ ପ୍ରକଳ୍ପର ୨ୟ ପର୍ଯ୍ୟାୟ ଜଳ ଛାଡିବାର ଉଦ୍ଘାଟନ ପରେ ହଠାତ ପାଣି ମାଡି ଯାଇ ମୋରଡା ଏବଂ ବେତନଟୀ ବ୍ଲକର କିଛି ଚାଷ ଜମିରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ବହୁ ଚାଷୀଙ୍କ ଫସଲ ନଷ୍ଟ ହୋଇଥିବାର ଅଭିଯୋଗ କରି ଆଜି ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ କ୍ଷତିଗ୍ରସ୍ତ ଚାଷୀଙ୍କ କ୍ଷତି ଭରଣା ପାଇଁ ଉପଯୁକ୍ତ ସରକାରୀ ପ୍ୟାକେଜ ଘୋଷଣା କରିବାକୁ ବିଜେପି ନେତୃମଣ୍ଡଳୀ ଦାବୀ କରିଛନ୍ତି । ଏବଂ ଏହି ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରିବା ପାଇଁ ମଧ ଦାବୀ କରିଛନ୍ତି । ଏନେଇ ବିଜେପିର ନେତୃମଣ୍ଡଳୀ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କୁ ଭେଟି ଏକ ଦାବିପତ୍ର ମଧ ପ୍ରଦାନ କରିଛନ୍ତି । ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏହି ବିକ୍ଷୋଭରେ ବିଜେପି ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଗିରିଷ ଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ଜିଲ୍ଲା ସଭାପତି କାନ୍ଦ୍ରା ସୋରେନ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ, ବାରିପଦା ବିଧାୟକ ପ୍ରକାଶ ସରେନ, ବଡ଼ସାହି ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ଡ଼ଃ ବୁଢ଼ାନ ମୁର୍ମୁ, ପୂର୍ବତନ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର, ବିଜେପି ନେତା ପ୍ରଦୀପ କୁମାର ମହାନ୍ତି, ସୁଗଦା ମୁର୍ମୁ, ଶୋଭାବତୀ ଓତା, କୁମାର ମଙ୍ଗଳମ, ପାୟଲ ରାୟ, ଦୀପକ କୁମାର ବେହେରା, ବଳରାମ ସାହୁ, କାଳିଚରଣ ସରେନ ପ୍ରମୁଖଙ୍କ ସହିତ ଶତାଧିକ ବିଜେପି କର୍ମୀ ଓ ଚାଷୀ ବିକ୍ଷୋଭରେ ଉପସ୍ଥିତ ରହିଥିଲେ ।

# ରୋଟାରି କ୍ଲବ ଉଦଳା ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ



ଉଦଳା,୨୯/୦୭ (ନି.ପ୍ର): ରୋଟାରୀ କ୍ଲବ ଉଦଳା ଆନୁକୂଲ୍ୟରେ ଉଦଳା ଠାରେ ଚଳିତ ଜୁଲାଇ ୨୮ ତାରିଖ ବୁଧବାର ଦିନ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏଥିପାଇଁ ଦିର୍ଘ ୧ ସପ୍ତାହ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ପ୍ରଭାତରେ କପ୍ତିପଦା ଉପଖଣ୍ଡ ଚିକିତ୍ସାଧିକାରୀ ଡ଼ା. ଶିବାନନ୍ଦ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ ଓ ନାଲିଫିତା କାଟି ଶିବିରକୁ ଉଦ୍‌ଘାଟନ କରିଥିଲେ । ଏହାପରେ ଉଦଳା ତହସିଲଦାର ସୁଶ୍ରୀ ମନିଷା ମଧୁଲିକା ହେମ୍ବ୍ରମ ସର୍ବ ପ୍ରଥମେ ରକ୍ତଦାନ କରିବା ସଙ୍ଗେ ସଙ୍ଗେ ରକ୍ତ ଭଣ୍ଡାର ପରିସରରେ ନୂଆ କରି ଖୋଲିଥିବା 'ସେଲଫି ପଏଣ୍ଟ'କୁ ଉନ୍ମୋଚିତ କରିଥିଲେ । ରକ୍ତ ଭଣ୍ଡାର ଦାୟିତ୍ୱରେ ଥିବା ଶିଶୁ ରୋଗ ବିଶେଷଜ୍ଞ ଡ଼ା. ଲକ୍ଷ୍ମୀକାନ୍ତ ପତି ଏବଂ ସ୍ତ୍ରୀ ଓ ପ୍ରସୁତିରୋଗ ବିଶେଷଜ୍ଞ ଡ଼ା. ମଧୁସ୍ମିତା ବେହେରାଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିବା ବେଳେ ରକ୍ତ ଭଣ୍ଡାର କର୍ମଚାରୀ ସୁଶାନ୍ତ କୁମାର ପଟ୍ଟନାୟକ, ଜ୍ୟୋସ୍ନାରାଣୀ ଦାସ, ଶକୁନ୍ତଳା ପରିଡ଼ା, କମଳ କୁମାର ନାୟକ, ବିକାଶ ଚନ୍ଦ୍ର ସାହୁ, ଅଶୋକ କୁମାର ଆଚାର୍ଯ୍ୟ ମାନସ ରଂଜନ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ଉକ୍ତ ଶିବିରରେ ମୋଟ ୪୦ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ରୋଟାରୀ କ୍ଲବର ସଭାପତି ଅଶୋକ ମହାନ୍ତି, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ପ୍ରାକ୍ତନ ସଭାପତି ସୁବାଶ ଚନ୍ଦ୍ର ପଣ୍ଡା, ଇନରହ୍ୱିଲର ସଭାପତି ଜୟନ୍ତି ପଟ୍ଟନାୟକ, ରୋଟାରାକ୍ଟ ସୁଶ୍ରୀ ଶୁଭମ, କଳ୍ପନା ପ୍ରମୁଖ ରକ୍ତ ଦାତା ମାନଙ୍କୁ ମାନପତ୍ର, ପୁଷ୍ପଗୁଛ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

# ସୁରେଶ ପୂଜାରୀଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜଣାଇଲେ ଓମ ବିରଲା

ନୂଆଦିଲ୍ଲୀ,୨୯/୦୭ (ନି.ପ୍ର): ଲୋକସଭା ବାଚସ୍ପତି ଓମ ବିରଲା ବରଗଡ ସାଂସଦ ସୁରେଶ ପୂଜାରୀଙ୍କୁ ଓଡିଆରେ ଟ୍ୱିଟ କରି ଜନ୍ମ ଦିନର ଶୁଭେଚ୍ଛା ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ -ବରଗଡ଼, ଓ ସେ ଟ୍ୱିଟ କରି କହିଛନ୍ତି ଯେ -ବରଗଡ଼, ଓଡିଶାର ଲୋକସଭା ସାଂସଦ ଶ୍ରୀ ସୁରେଶ ପୂଜାରୀ ମହୋଦୟ ଙ୍କୁ ଜନ୍ମଦିନରେ ଆନ୍ତରିକ ଶୁଭେଚ୍ଛା। ମୁଁ ଆପଣଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘ ଜୀବନର କାମନା କରୁଛି। ଆପଣ ଏହିପରି ଭାବେ ଜନସେବା ମାଧ୍ୟମରେ ଏହି ମହାନ ଦେଶର ସେବାରେ ନିୟୋଜିତ ରୁହନ୍ତୁ।


# ପିଇବା ପାଣି ପାଇପ୍ ଫାଟି ବୋହୁଛି ପାଣି

## ହଇଜା ସମ୍ଭାବନାକୁ ଗ୍ରାମବାସୀଙ୍କ ଭୟ



ଜଳେଶ୍ୱର ୨୯/୭(ନି.ପ୍ର): ସରକାର ସବୁ ଲୋକଙ୍କ ଲାଗି ବିଶୁଦ୍ଧ ପିଇବାପାଣି ଯୋଗାଇବାର ବ୍ୟବସ୍ଥା କରିବାକୁ ପ୍ରୟାସ ଜାରି ରଖିଥିବା ବେଳେ କେତେକ ସ୍ଥାନରେ କୋଟି କୋଟି ଟଙ୍କାର ପ୍ରକଳ୍ପ ଅକାମୀ ହେଉଛି ତ ପୁଣି କେଉଁଠି ବାଟମାରଣା ହେଉଛି । ଜଳେଶ୍ୱର ବ୍ଲକର ଆଦିବାସୀ ଅଧ୍ୟୁସୀତ ଖୁଆଡ ଗ୍ରାମରେ ଥିବା ପାଣିପ୍ରକଳ୍ପ-୨ର ପାଇପ୍ ଫାଟି ପ୍ରାୟ ୧ ମାସରୁ ଉର୍ଦ୍ଧ୍ୱ ହେବ ପାଣି ଝରୁଛି । ଗ୍ରାମର ଜଗନ୍ନାଥ ମନ୍ଦିର ନିକଟରେ ରାସ୍ତା ପାର୍ଶ୍ୱ ଦେଇ ଯାଇଥିବା ପାଣି ପାଇପ୍‌ଟି ଫାଟି ଯାଇଛି । ଫଳରେ ପ୍ରତ୍ୟେହ ସେଥିରୁ ପାଣି ବାହାରି ରାସ୍ତା କାଦୁଅ ହେବା ସହିତ ସେଥିରେ ମଇଳା ଦୁଷିତ ପାଣି ପଶୁଛି । ସେହି ଦୂଷିତ କାଦୁଆ ପାଣିକୁ ଗ୍ରାମର ଶହ ଶହ ଲୋକେ ପିଇବା ଓ ଦୈନନ୍ଦିନ କାର୍ଯ୍ୟରେ ବ୍ୟବହାର କରୁଛନ୍ତି । ଏ ସମ୍ପର୍କରେ ଗ୍ରାମବାସୀମାନେ ପକଳ୍ପର ଏସିଏମ୍, ଆର୍‌ଡବ୍ଲୁଏସ୍‌ଏସ୍ କନିଷ୍ଠଯନ୍ତ୍ରୀ ଓ ବସୁଧା ହେଲ୍ପଲାଇନ୍‌କୁ ବାରମ୍ବାର ଜଣାଇଲେ ମଧ୍ୟ ତାହାର କୌଣସି ପ୍ରତିକାର ହେଉନାହିଁ । ଫଳରେ ଦୁଷିତ ପାଣି ପିଇବାଯୋଗୁଁ ଗାଁରେ ହଇଜା ବ୍ୟାପିବାର ସମ୍ଭାବନା ଥିବା ଗ୍ରାମର ଅଶ୍ରୁ ମୋଚନ ଘୋଷ, ତପନ ସାହୁ, ବ୍ରଜକିଶୋର ଗିରି, ପ୍ରବୀର ଦାସ, ରାଜେନ୍ଦ୍ର ସାହୁ ପ୍ରମୁଖ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଅବିଳମ୍ବେ ଏହାକୁ ମରାମତି କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି । ଏ ସମ୍ପର୍କରେ ବିଭାଗୀୟ କନିଷ୍ଠଯନ୍ତ୍ରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ପର୍କସ୍ଥାପନ ହୋଇ ପାରିନଥିଲା ।

# ଭାଷାବିତ୍ ପ୍ରଫେସର ବାସୁଦେବ ସାହୁଙ୍କ ଷୋଡ଼ଶ ସ୍ମୃତି ସଭା ଅନୁଷ୍ଠିତ




ଭୁବନେଶ୍ୱର,୨୯/୦୭(ନି.ପ୍ର): ପ୍ରଫେସର ଡଃ ବାସୁଦେବ ସାହୁ ଗବେଷଣା ଓ ସ୍ମୃତି ପରିଷଦ ଆନୁକୂଲ୍ୟରେ ଆଭାସୀ ମାଧ୍ୟମରେ ପ୍ରଫେସର ବାସୁଦେବ ସାହୁଙ୍କର ଷୋଡ଼ଶ ବାର୍ଷିକୀ ସ୍ମୃତିସଭା ଏକ ଭାବ ଗମ୍ଭୀର ବାତାବରଣ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଡଃ ପ୍ରେମାନନ୍ଦ ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସ୍ମୃତି ଉତ୍ସବରୁ ବିଶିଷ୍ଟ ନାଟ୍ୟକାର ଡଃ ବିଜୟ କୁମାର ଶତପଥୀ ମୁଖ୍ୟ ଅତିଥି ଭାବରେ ଓ ବିଶିଷ୍ଟ ଚିତ୍ର କାହାଣୀ ଲେଖକ ଡଃ ରଜନୀ ରଂଜନ ଦାସ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ପ୍ରଫେସର ସାହୁଙ୍କ ବହୁମୁଖୀ ଦେବୋପମ ମହାନ୍ ବ୍ୟକ୍ତିତ୍ୱ ସଂପର୍କରେ ଆଲୋକପାତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଗୁରୁସ୍ମରଣରେ ପ୍ରଫେସର ଡଃ ଉଦୟ ନାଥ ସାହୁ, ଡଃ ସଂଗ୍ରାମ ରାଉତ ପ୍ରଫେସର ସାହୁଙ୍କ ସହିତ ବିତିଥିବା ଅନ୍ତରଙ୍ଗ ମୁହୂର୍ତ୍ତ, ସାହିତ୍ୟ ସାଧନା, ଅଧ୍ୟାପନାର ଦିଗ୍‌ଦିଗନ୍ତ, ଭାଷାଚର୍ଚ୍ଚା ଓ ଡଃ ସାହୁଙ୍କ ଉଦାର ମାନବୀୟ ବ୍ୟକ୍ତିତ୍ୱର ଉଜ୍ଜ୍ୱଳ ଆଭା ସଂପର୍କରେ ଆଲୋକପାତ କରିଥିଲେ । ଡଃ ସୌଭାଗ୍ୟ କୁମାର ସାହୁ ଓ ଡଃ ଶୁଭଶ୍ରୀ ସୌମ୍ୟା ପିତୃ ସ୍ମରଣ କରି ସ୍ୱକୀୟ ଭାବାବେଗ ପ୍ରକାଶ କରିଥିଲେ । ଡଃ କୁଳମଣି ଓଝା ଗୁରୁବନ୍ଦନା ସହ ପ୍ରାକ୍ ସୂଚନା, ଡଃ ଗୀତାଞ୍ଜଳୀ ପଲେଇ ଅତିଥିମାନଙ୍କ ପରିଚୟ ପ୍ରଦାନ, ଜ୍ୟେଷ୍ଠାକନ୍ୟା ଶାଶ୍ୱତୀ ସୌମ୍ୟା ସଂପାଦକୀୟ ବିବରଣୀ ପାଠ, ଡଃ ରମେଶ ଚନ୍ଦ୍ର ବେହେରା ଉତ୍ସବ ପରିଚାଳନା ଓ ଡଃ ସଂଘମିତ୍ରା ଭଂଜ ଧନ୍ୟବାଦ ଅର୍ପଣ କରି ଶ୍ରାଦ୍ଧ ସଭାଟିକୁ ସାଙ୍ଗ କରିଥିଲେ । ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ ।

# ଆଦିମ ଜନଜାତି ବର୍ଗର ଶିକ୍ଷିତ ବାୟା ମାଙ୍କିଡିଆଙ୍କୁ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ



ବାରିପଦା,୨୯/୦୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ବାସ କରୁଥିବା ମାଙ୍କିଡିଆ ଆଦିମ ଜନଜାତିର ପ୍ରଥମ ମେଟ୍ରିକୁଲେଟ ବାୟା ମାଙ୍କିଡିଆଙ୍କୁ ଆଜି ମୟୂରଭଞ୍ଜ ଜିଲ୍ଲା ପ୍ରସାଶନ ପକ୍ଷରୁ ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ ପ୍ରଥମ କରି ଶିକ୍ଷକ ପଦରେ ନିଯୁକ୍ତି ପତ୍ର ପ୍ରଦାନ କରିବା ସହିତ ଏହ ଲାପଟପ ମଧ୍ୟ ପ୍ରଦାନ କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଜି ଅପରାହ୍ନରେ ଜିଲ୍ଲାପାଳ ନିଯୁକ୍ତି ପତ୍ର ପ୍ରଦାନ କରିବା ସହିତ ଶ୍ରୀ ମାଙ୍କିଡିଆଙ୍କୁ ଶିକ୍ଷା କ୍ଷେତ୍ରରେ ଆଗକୁ ବଢିବା ପାଇଁ ଶୁଭେଚ୍ଛା ପ୍ରଦାନ ମଧ୍ୟ କରିଛନ୍ତି । ପ୍ରକାଶ ଥାଉକି ଶ୍ରୀ ମାଙ୍କିଡିଆ ମୟୂରଭଞ୍ଜ ଜିଲ୍ଲାରୁ ମାଙ୍କିଡିଆ ଆଦିମ ଜନଜାତି ବର୍ଗର ଛାତ୍ର ଭାବରେ ୨୦୧୦ ମସିହାରେ ମାଟ୍ରିକୁଲେଟ ପାସ କରିଥିବା ପ୍ରଥମ ଛାତ୍ର ଭାବରେ ରେକର୍ଡ ସୃଷ୍ଟି କରି ସମଗ୍ର ରାଜ୍ୟରେ ପ୍ରସଂଶିତ ହୋଇଥିଲେ । ପରେପରେ ସରକାରୀ ପ୍ରସାହନ ପାଇ ଯୁକ୍ତ ୨ ପରୀକ୍ଷାରେ ସଫଳତାର ସହ ଉତୀର୍ଣ୍ଣ ହୋଇ ଯୁକ୍ତ ୩ ଉଚ୍ଚଶିକ୍ଷା ଗ୍ରହଣ କରିଥିଲେ । ତେବେ ତାଙ୍କ ବିଷୟରେ ଜାଣିବା ପରେ ଜିଲ୍ଲାପାଳ ତାଙ୍କୁ ସ୍ୱତନ୍ତ୍ର ଭାବରେ ଜିଲ୍ଲା ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଉଦଳା ଅନ୍ୱେଷା ଶିକ୍ଷାନୁଷ୍ଠାନରେ ତାଙ୍କୁ ଟ୍ୟୁଟର ଶିକ୍ଷକ ଭାବେ ସରକାରୀ ଭାବେ ନିଯୁକ୍ତ କରିବା ସହିତ ତାଙ୍କର ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ତଥା ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଏକ ଲ୍ୟାପଟପ ମଧ୍ୟ ପ୍ରଦାନ କରିଛନ୍ତି । ଶ୍ରୀ ମାଙ୍କିଡିଆ ନିଯୁକ୍ତି ପାଇବା ପରେ ଜିଲ୍ଲା ପ୍ରସାଶନକୁ ଏଭଳି ସହାୟତା ପାଇଁ ଆନନ୍ଦ ପ୍ରକାଶ କରି କୃତଜ୍ଞତା ଜଣାଇଛନ୍ତି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଶ୍ରୀ ରୁଦ୍ର ନାରାୟଣ ମହାନ୍ତି, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଚିତରଞ୍ଜନ ମହାପାତ୍ର, ଜିଲ୍ଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ବିଭିନ୍ନ ଆଦିମ ଜନଜାତିର ଶିକ୍ଷାର୍ଥୀ ମାନଙ୍କୁ ଶିକ୍ଷା କ୍ଷେତ୍ରରେ ପ୍ରସାହିତ କରିବା ପାଇଁ ଜିଲ୍ଲା ପ୍ରସାଶନ ପକ୍ଷରୁ କରାଯାଇଥିବା ଏଭଳି କାର୍ଯ୍ୟକ୍ରମକୁ ବୁଦ୍ଧିଜିବୀ ମହଲରେ ପ୍ରଶଂଶା କରାଯାଇଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo